## ଅଲ୍ଲାଃ ତାଲାଙ୍କ ବାଣୀ

وَكُلُوا مِمَّا رَزَقَكُمُ اللّٰهُ

حَلٰلًا طَيِّبًا ۪ وَّاتَّقُوا اللّٰهَ

الَّذِيْٓ اَنْتُمْ بِهٖ مُؤْمِنُوْنَ

(୫୨:سورۃ المائدہ)

ଅନୁବାଦ- ଏବଂ ଅଲ୍ଲାଃ ତୁମମାନଙ୍କୁ ଯାହା କିଛି ଦେଇଛନ୍ତି ତନ୍ମଧ୍ୟରୁ ବୈଧ ଓ ବିଶୁଦ୍ଧ ବସ୍ତୁକୁ ଭକ୍ଷଣ କର ଏବଂ ଅଲ୍ଲାଃଙ୍କୁ ଭୟ କର ଯାହାଙ୍କୁ ତୁମେମାନେ ବିଶ୍ୱାସ କରୁଅଛ ।''

*(ଅଲ୍‌ମାଇଦା: ୮୯)*


بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 6

ସଂଖ୍ୟା 41

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

14 ଅକ୍ଟୋବର 2021    14 ଇଖା 1400 ହି.ଶ    07 ରବିଉଲ୍ ଅୱ୍ୱଲ୍ 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଅମ୍ବିୟା ଆ:ସ ସମସ୍ତ ପ୍ରକାର ସଂସ୍କାର ଓ ସୁଧାର କାର୍ଯ୍ୟ ପାଇଁ ଆସିଥାନ୍ତି । ତେଣୁ ଯଦି ସେମାନଙ୍କର ସ୍ତ୍ରୀ ପିଲା ନ ଥାଆନ୍ତେ ତେବେ ଏହି ଦିଗରେ ପୂର୍ଣ୍ଣ ସଂସ୍କାର କେମିତି ହୋଇଥାନ୍ତା ?**

**ଅମ୍ବିୟା ଆ:ସଙ୍କ ଉପରେ ଏ ସଂସାର ଏବଂ ସାଂସାରୀକ ବସ୍ତୁଗୁଡ଼ିକ କୌଣସି ପ୍ରଭାବ ପକାଇନଥାନ୍ତି । ସେମାନେ ସେହି ମର୍ତ୍ୟଭୋଗ (ଅର୍ଥାତ ଅସ୍ଥାୟୀ ସୁଖ ସ୍ୱାଚ୍ଛନ୍ଦ୍ୟ)କୁ ଗୁରୁତ୍ୱ ଦେଇନଥାନ୍ତି ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ଅମ୍ବିୟା (ଭବିଷ୍ୟଦ୍ ବକ୍ତା)ମାନଙ୍କର ସ୍ତ୍ରୀ ପିଲା କାହିଁକି ଥା'ନ୍ତି ?

କିଛି ଅଜ୍ଞ ବ୍ୟକ୍ତି ଏ ଆପତି କରିଥାନ୍ତି ଯେ ଅମ୍ବିୟା (ଭବିଷ୍ୟଦ୍ ବକ୍ତା)ମାନେ ଅଲ୍ଲାଃଙ୍କଠାରେ ଏତେମାତ୍ରାରେ ମଗ୍ନ ହୋଇଥା'ନ୍ତି କିନ୍ତୁ (ଏହା ସତ୍ୱେ ମଧ୍ୟ) କଣ କାରଣ ରହିଛି ଯେ ସେମାନେ ସ୍ତ୍ରୀ ପିଲା ରଖିଥାନ୍ତି ? ସେମାନେ ଏତିକି ବୁଝିନାହାନ୍ତି ଯେ ଜଣେ ସାଧାରଣ ବ୍ୟକ୍ତି ତ ଏହି ସବୁ ସାଂସାରିକ ଭୋଗ ବିଳାସରେ ମଗ୍ନ ହୋଇ ଏହି ଅସ୍ଥାୟୀ ମୋହମାୟାରେ ଲିପ୍ତ ହୋଇଯାଇଥାଏ କିନ୍ତୁ ଏହି ଦଳ (ଅର୍ଥାତ ଅମ୍ବିୟାମାନଙ୍କ ଗୋଷ୍ଠି) ଏହି ସମସ୍ତ ଜିନିଷରୁ ପବିତ୍ର ରହିଥାଏ । ଏହି ସମସ୍ତ ଜିନିଷ ସେମାନଙ୍କର ସେବାରେ ନିୟୋଜିତ ହୋଇଥାନ୍ତି । ଏତତ୍ ଭିନ୍ନ ଅମ୍ବିୟା ଆ:ସ ସମସ୍ତ ପ୍ରକାର ସଂସ୍କାର ଓ ସୁଧାର କାର୍ଯ୍ୟ ପାଇଁ ଆସିଥାନ୍ତି । ତେଣୁ ଯଦି ସେମାନଙ୍କର ସ୍ତ୍ରୀ ପିଲା ନ ଥାଆନ୍ତେ ତେବେ ଏହି ଦିଗରେ ପୂର୍ଣ୍ଣ ସଂସ୍କାର କେମିତି ହୋଇଥାନ୍ତା ? ସେଥିଯୋଗୁଁ ମୁଁ ଏଠାରେ ପଚାରୁଛି ଯେ ଖ୍ରୀଷ୍ଟିଆନ୍‌ମାନେ ପାରିବାରିକ ଓ ସାମାଜିକ ଅବସ୍ଥାର ଯୀଶୁଖ୍ରୀଷ୍ଟଙ୍କ କେଉଁ ଉଦାହରଣ ଉପସ୍ଥାପନ କରିପାରିବେ ? କିଛି ବି ନୁହେଁ । ଯେବେ ସେ ଏହି ମାର୍ଗ ବିଷୟରେ ଅବଗତ ନୁହନ୍ତି ଏବଂ ସେହି ସୋପାନ ଓ ସ୍ତର ବିଷୟରେ ଜାଣିନାହାନ୍ତି ତେବେ ସେ କଣ ସଂସ୍କାର କରିବେ ? ମୁହମ୍ମଦ ସ:ଆ:ସଙ୍କ ସିଦ୍ଧତା ହେଉଛି ଏହା କି ପ୍ରତି କ୍ଷେତ୍ରରେ ତାଙ୍କର ପୂର୍ଣ୍ଣ ନମୁନା ରହିଛି । ଅମ୍ବିୟା ଆ:ସଙ୍କ ଉପରେ ଏ ସଂସାର ଏବଂ ସାଂସାରୀକ ବସ୍ତୁଗୁଡ଼ିକ କୌଣସି ପ୍ରଭାବ ପକାଇନଥାନ୍ତି । ସେମାନେ ସେହି ମର୍ତ୍ୟଭୋଗ (ଅର୍ଥାତ ଅସ୍ଥାୟୀ ସୁଖ ସ୍ୱାଚ୍ଛନ୍ଦ୍ୟ)କୁ ଗୁରୁତ୍ୱ ଦେଇନଥାନ୍ତି ବରଂ ସେମାନଙ୍କ ହୃଦୟ ପରମେଶ୍ୱରଙ୍କ ଆଡ଼କୁ ପର୍ବତରୁ ଝରି ଆସୁଥିବା ଏକ ପ୍ରଖର ନଦୀ ସଦୃଶ ମାଡ଼ି ଚାଲିଆସେ ଏବଂ ତାହାର ଧାରାରେ ସମସ୍ତ ଅଳିଆ ଆବର୍ଜନା ବହି ଯାଇଥାଏ ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ପ୍ରକୃତ କଥା ହେଉଛି ଏହା କି ଭକ୍ତଙ୍କ ସହିତ ଈଶ୍ୱରଙ୍କର ବାର୍ତାଳାପ ସିଧାସଳଖ ହୋଇଥାଏ । ଫରିସ୍ତା କେବଳ ଗୋଟିଏ ମାଧ୍ୟମ ହୋଇଥାନ୍ତି ।**

**ଏବେ କେବଳ ପବିତ୍ର କୁର୍‌ଆନ୍‌କୁ ହିଁ ଏହି ସୁରକ୍ଷା ପ୍ରାପ୍ତ ହୋଇଅଛି । କେବଳ ତାହାକୁ ମାନୁଥିବା ଲୋକମାନେ ପ୍ରତ୍ୟେକ ଯୁଗରେ ଈଶ୍ୱରଙ୍କଠାରୁ ସିଧାସଳଖ ପ୍ରତ୍ୟକ୍ଷ ଭାବରେ ଐଶିବାଣୀ ପାଉଥିବାର ଦାବି କରିଆସୁଛନ୍ତି ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ହିଜର୍‌ର ଆୟତ ନଂ-୧୦ **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲହାଫିଜୁନା** ର ବ୍ୟାଖ୍ୟା କରି ଲେଖିଛନ୍ତି:-

ପବିତ୍ର କୁର୍‌ଆନ୍‌ର ସୁରକ୍ଷା ପାଇଁ ବହୁତ ବଡ଼ ଜରିଆ ଏହା ଥିଲା ଯେ ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ ହେବା ପରେ ଆରବୀ ଭାଷା ଅପରିବର୍ତନୀୟ ରହିଲା । ଆରବୀ ଭାଷା ବ୍ୟତୀତ ପୃଥିବୀରେ ଏପରି କୌଣସି ଭାଷା ନାହିଁ ଯାହା ସେହିପରି ଅପରିବର୍ତନୀୟ ଅବସ୍ଥାରେ ଥିବ ଯେଉଁଭଳି ତେରଶହ ବର୍ଷ ପୂର୍ବେ ତାହା ଥିଲା । ଚାସର୍ ଏବଂ ସେକ୍ସପିୟରଙ୍କ ତିନିଶହ ପୂର୍ବେ ଲେଖାଯାଇଥିବା ଇଂଗ୍ରାଜୀ ଭାଷାକୁ ବୁଝିବା ପାଇଁ ବ୍ୟାଖ୍ୟା କରିବାକୁ ଆବଶ୍ୟକ ପଡୁଛି । କାରଣ ଏହି ଭାଷା ବହୁତ ପରିବର୍ତନ ହୋଇସାରିଛି କିନ୍ତୁ ପବିତ୍ର କୁର୍‌ଆନ୍‌କୁ ବୁଝିବା ପାଇଁ କୌଣସି ପୁରୁଣା ଶବ୍ଦକୋଷ (ଡ଼ିକ୍ସିନାରୀ)ର ଆବଶ୍ୟକ ନାହିଁ । କାରଣ ଯିଏ ବର୍ତମାନ ଆରବୀଭାଷା ପଢୁଛନ୍ତି, ସେ ପବିତ୍ର କୁର୍‌ଆନ୍‌କୁ ମଧ୍ୟ ବିନା କୌଣସି ସାହାଯ୍ୟରେ ପଢ଼ିପାରିବେ ।

ଏହି ସ୍ପଷ୍ଟ ସାଧନ ବ୍ୟତୀତ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ର ସୁରକ୍ଷା ନିମନ୍ତେ ଏଭଳି ଏକ ମାଧ୍ୟମ ରଖିଛନ୍ତି ଯେଉଁଥିରେ ଫରିସ୍ତା (ଦେବଦୂତ)ମାନଙ୍କର ବି ଦଖଲ ନାହିଁ । ତାହା ହେଉଛି ଏଲ୍‌ହାମ୍ (ଅର୍ଥାତ ସ୍ୱର୍ଗବାଣୀ) । ଏଲ୍‌ହାମ୍‌ରେ ଫରିସ୍ତାମାନେ ବେଳେବେଳେ

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧୨୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିକ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜୟାକୁମୁଲ୍ଲାଃ ।

***(ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

## ନବୀ ସ:ଆ:ସଙ୍କ ବାଣୀ

### ମାଗିବା କାର୍ଯ୍ୟରୁ ନିବୃତ ରହିବା ପାଇଁ ଆଦେଶ

(୧୪୬୯) ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରି ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଅନ୍‌ସାର୍‌ମାନଙ୍କ ମଧ୍ୟରୁ କିଛି ଲୋକେ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ (କିଛି ଜିନିଷ) ମାଗିଲେ । ମହାଭାଗ ସ:ଆ:ସ ସେମାନଙ୍କୁ ତାହା ଦେଲେ । ସେମାନେ ପୁଣି ମାଗିଲେ ଓ ଆପଣ ସ:ଆ:ସ ଦେଲେ । ସେମାନେ ପୂନର୍ବାର ମାଗଲେ ଓ ସେ ପୁଣି ପ୍ରଦାନ କଲେ ଫଳତଃ ମହାଭାଗ ସ:ଆ:ସଙ୍କ ନିକଟରେ ଯାହା କିଛି ଥିଲା ତାହା ସବୁ ଶେଷ ହୋଇଗଲା । ମହାଭାଗ ସ:ଆ:ସ କହିଲେ ଯେଉଁ ମାଲ୍ ମୋ ନିକଟରେ ଥିବ, ମୁଁ ତାହା ତୁମମାନଙ୍କଠାରୁ ଲୁଚାଇ ରଖିବି ନାହିଁ । ଯିଏ ମାଗିବାରୁ ବଂଚିତ ରହିବ ଅଲ୍ଲାଃ ତାଲା ମଧ୍ୟ ତାକୁ ବଂଚାଇବେ ଏବଂ ଯିଏ (ଏ ସାଂସାରିକ ଧନ ସମ୍ପତିରୁ) ମୁକ୍ତ ହେବାକୁ ଚାହୁଁଛି ଅଲ୍ଲାଃ ତାଲା ତା'ର ଅଭାବକୁ ଦୂର କରିଦେବେ । ଯିଏ ନିଜ ଉପରେ ଚାପ ପକାଇ ଧୈର୍ଯ୍ୟ ଧରିବ ଅଲ୍ଲାଃ ତାଲା ବି ତାକୁ ଧୈର୍ଯ୍ୟ ଦେବେ । ଧୈର୍ଯ୍ୟଠାରୁ ବିଶାଳ ଓ ଉତମ ପୁରସ୍କାର କାହାକୁ ଦିଆଯାଇନାହିଁ ।

(୧୪୭୦) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ: ମତେ ତା' ରାଣ ଯାହାଙ୍କ ହାତରେ ମୋ ଜୀବନ ରହିଛି । ତୁମମାନଙ୍କ ମଧ୍ୟରୁ ଜଣେ ଅନ୍ୟ କାହା ନିକଟକୁ ଯାଇ ତାକୁ ମାଗିବା ପରିବର୍ତେ ଖଣ୍ଡେ ଦଉଡ଼ି ଧରି ନିଜ ପିଠିରେ କାଠ ବୋହିବା ଉତମ କାରଣ (ସେ ଯାହାକୁ ମାଗୁଛି) ସେ ଦେବ ବା ନ ଦେବ । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

କେବଳ ପହଂଚାଇଥା'ନ୍ତି କିନ୍ତୁ ସେମାନଙ୍କୁ ତାହାର କାରଣ ରୂପେ ଅଭିହିତ କରାଯାଇପାରିବ ନାହିଁ ।

ପ୍ରକୃତ କଥା ହେଉଛି ଏହା କି ଭକ୍ତଙ୍କ ସହିତ ଈଶ୍ୱରଙ୍କର ବାର୍ତାଳାପ ସିଧାସଳଖ ହୋଇଥାଏ । ଫରିସ୍ତା କେବଳ ଗୋଟିଏ ମାଧ୍ୟମ ହୋଇଥାନ୍ତି । ସେଥିଯୋଗୁଁ ଅଲ୍ଲାଃ ତାଲା **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲ ହାଫିଜୁନ** କହି ଏହା ବତାଇଛନ୍ତି ଯେ ଆମ୍ଭେ ଏହି ବାଣୀକୁ ତାଜା ଐଶିବାଣୀ ଜରିଆରେ ସୁରକ୍ଷା କରିଚାଲିବୁ । ଅର୍ଥାତ ମୋଜଦ୍‌ଦିଦ୍ ୱ ମାମୁର୍ (ଅର୍ଥାତ ସୁଧାରକ ଓ ସଂସ୍କାରକ) ଇତ୍ୟାଦି ଐଶିପୁରୁଷମାନଙ୍କୁ ପ୍ରେରଣ କରିଚାଲିବୁ ।

ଏହା ସ୍ପଷ୍ଟ ଯେ ଯେଉଁ ପୁସ୍ତକର ଶବ୍ଦଗୁଡ଼ିକ ତ' ସୁରକ୍ଷିତ ଥିବ କିନ୍ତୁ ତାହାର ଅର୍ଥ ସୁରକ୍ଷିତ ନଥିବ ତାହାକୁ ସୁରକ୍ଷିତ ପୁସ୍ତକ କୁହାଯାଇପାରିବ ନାହିଁ । ଉଦାହରଣ ସ୍ୱରୁପ ବେଦକୁ ନିଅନ୍ତୁ । ଯଦି ଏହା ମାନି ନିଆଯାଏ ଯେ ତାହା ଶବ୍ଦଗତ ଦୃଷ୍ଟିରୁ ସୁରକ୍ଷିତ ରହିଛି, ତେବେ ମଧ୍ୟ ସେହି ପୁସ୍ତକ ସମ୍ପୁର୍ଣ୍ଣତା ଦୃଷ୍ଟିରୁ ସୁରକ୍ଷିତ ନାହିଁ । କାରଣ ଯେଉଁ ଭାଷାରେ ତାହା ଅବତୀର୍ଣ୍ଣ ହୋଇଥିଲା ତାହା ଏବେ ସୁରକ୍ଷିତ ନାହିଁ । ତେଣୁ ତାହାର ଅର୍ଥ ସମ୍ପୁର୍ଣ୍ଣ ରୂପେ ସନ୍ଦେହଜନକ ହୋଇପଡ଼ିଛି । ଏବେ ଯଦି କୌଣସି ବ୍ୟକ୍ତି ପରମେଶ୍ୱରଙ୍କଠାରୁ ଐଶିବାଣୀ ପ୍ରାପ୍ତ କରି ତାହାର ସଠିକ୍ ଅର୍ଥ ନ ବତାନ୍ତି, ତା ହେଲେ କିଏ ବିଶ୍ୱାସର ସହିତ ଏହା କହିପାରିବ ଯେ ସେ ତାହାର ସଠିକ୍ ଅର୍ଥ ବର୍ଣ୍ଣନା କରୁଅଛି ବା ତାହା ମୁତାବକ ପରିଚାଳିତ ହେଉଅଛି । ଏହି ସନ୍ଦେହ ଏପରି କ୍ଷେତ୍ରରେ ଦୂର ହୋଇପାରିବ ଯେ କିଛି ସମୟ ବ୍ୟବଧାନରେ ଏପରି ଲୋକେ ଛିଡ଼ା ହୋଇଚାଲିବେ ଯେଉଁମାନେ ପୁସ୍ତକର ସଠିକ୍ ଅର୍ଥକୁ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଥିବେ । ଏହିଭଳି ସୁରକ୍ଷା ବ୍ୟବସ୍ଥା ସ୍ଥାୟୀ ଭାବରେ ପବିତ୍ର କୁର୍‌ଆନ୍‌କୁ ପ୍ରାପ୍ତ ହୋଇଅଛି । ଅବଶ୍ୟ ଅନ୍ୟ ସ୍ୱର୍ଗୀୟ ପୁସ୍ତକଗୁଡ଼ିକୁ ମଧ୍ୟ ସେ ସମୟରେ ଏହି ସୁରକ୍ଷା ପ୍ରାପ୍ତ ହୋଇଥିଲା, ଯେତେବେଳେ ତାହା ଜୀବିତ ଅବସ୍ଥାରେ ଥିଲା ଅର୍ଥାତ ସେ ସମୟର ଲୋକମାନଙ୍କ ପାଇଁ ବ୍ୟବହାର ଯୋଗ୍ୟ ଥିଲା । କିନ୍ତୁ ଏବେ ନୁହେଁ । ଏବେ କେବଳ ପବିତ୍ର କୁର୍‌ଆନ୍‌କୁ ହିଁ ଏହି ସୁରକ୍ଷା ପ୍ରାପ୍ତ ହୋଇଅଛି । କେବଳ ତାହାକୁ ମାନୁଥିବା ଲୋକମାନେ ପ୍ରତ୍ୟେକ ଯୁଗରେ ଈଶ୍ୱରଙ୍କଠାରୁ ସିଧାସଳଖ ପ୍ରତ୍ୟକ୍ଷ ଭାବରେ ଐଶିବାଣୀ ପାଉଥିବାର ଦାବି କରିଆସୁଛନ୍ତି । ଏବେ ଏହି ଯୁଗରେ, ଯେତେବେଳେ ଧର୍ମ ବିଷୟରେ ଅଜ୍ଞତା ନିଜର ଚରମସୀମାରେ ପହଂଚିଯାଇଛି, ସେତେବେଳେ ଅଲ୍ଲାଃ ତାଲା ଏପରି ଜଣେ ସଂସ୍କାରକଙ୍କୁ ପ୍ରେରଣ କରିଛନ୍ତି ଯିଏ ପବିତ୍ର କୁର୍‌ଆନ୍‌ର ବ୍ୟାଖ୍ୟାକୁ ସମ୍ପୁର୍ଣ୍ଣ ରୂପେ ଅତ୍ୟଧିକତାରୁ ପବିତ୍ର କରି ସଂସାର ସମ୍ମୁଖରେ ତା'ର ଅସଲ ସ୍ୱରୁପକୁ ଉପସ୍ଥାପନ କରିଛନ୍ତି । ଏପରି କି ପବିତ୍ର କୁର୍‌ଆନ୍ ଯାହା ଏ ଯୁଗଭର ଜ୍ଞାନ ସମ୍ମୁଖରେ ଏକ କ୍ଷମା ପ୍ରାର୍ଥନାକାରୀ ଭାବରେ ଛିଡ଼ା ହୋଇଥିଲା, ତାହା ଏବେ ଆକ୍ରମଣକାରୀ ଭାବରେ ଛିଡ଼ା ହୋଇଅଛି, ଯାହା ସମ୍ମୁଖରେ ସମସ୍ତ ଦର୍ଶନଶାସ୍ତ୍ର ଓ ଧର୍ମ ଏମିତି ଦଉଡ଼ି ଚାଲିଯାଉଛନ୍ତି ଯେମିତି ସିଂହ ସମ୍ମୁଖରେ ଶୃଗାଳ ପଳାୟନ କରିଥାଏ **ଫସୁବ୍‌ହାନଲ୍ଲାହିଲ୍ ମଲିକିଲ୍ ଅଜିଜ୍ ।** । *(ତଫ୍‌ସୀର୍ କବୀର୍, ଖଣ୍ଡ-୪, ପୃ- ୧୯, ମୁଦ୍ରଣ ୨୦୧୦ କାଦିଆନ୍)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ସୁତରାଂ ଅମ୍ବିୟା ଆ:ସ ଏହି ଜିନିଷଗୁଡ଼ିକର ଗୁଲାମ୍ ( ଦାସ) ହୋଇନଥାନ୍ତି ବରଂ ଏହି ଜିନିଷଗୁଡ଼ିକ ସେମାନଙ୍କ ପାଇଁ ସେବକ ଭାବରେ ରହିଥାନ୍ତି । ସେମାନଙ୍କର ଉତମ ନୈତିକ ସିଦ୍ଧତାର ନମୁନା ଯାହା ସେମାନେ ପ୍ରଦର୍ଶନ କରିଥାନ୍ତି, ତାହା ଏହି ସାଂସାରିକ ବସ୍ତୁରୁ ମିଳିନଥାଏ । ସେମାନେ ଈଶ୍ୱରଙ୍କ ନିକଟରେ ଏତେମାତ୍ରାରେ ମଗ୍ନ ହୋଇଯାଇଥାନ୍ତି ଯେ ଏମିତି ଲାଗୁଥାଏ ଯେମିତି ସେମାନେ ଏ ସଂସାରରୁ ସମ୍ପୁର୍ଣ୍ଣ ଅଲଗା ହୋଇଯାଇଛନ୍ତି । ଯେତେବେଳେ ଏହି ପ୍ରକାରର ଅବସ୍ଥା ସେମାନଙ୍କର ହୋଇଥାଏ ସେତେବେଳେ ଈଶ୍ୱରଙ୍କ ନିକଟରୁ ଆବାଜ୍ ଆସିଥାଏ (ଅର୍ଥାତ ଡ଼ାକ) ଶୁଭିଥାଏ ଓ ସେମାନଙ୍କ ସହିତ ଈଶ୍ୱରଙ୍କର ବାର୍ତାଳାପ ହୋଇଥାଏ । ଏହା ଏକ ପ୍ରମାଣସିଦ୍ଧ କଥା ଯେ ଯେତେବେଳେ ଜଣେ ଚୁମ୍ବକୀୟ ଶକ୍ତି ଧାରଣ କରିଥାଏ ସେ ଅନ୍ୟମାନଙ୍କୁ ଆକର୍ଷିତ କରିଥାଏ । ଏହି ଆକର୍ଷଣରେ ଏତେ ଶକ୍ତି ଥାଏ ଯେ ସେଥିରେ ସଂସାରର ସମସ୍ତ ବସ୍ତୁ ଭସ୍ମ ହୋଇଯାଏ । କିନ୍ତୁ ତାହା ଈଶ୍ୱରଙ୍କ କୃପା ଓ ଅନୁଗ୍ରହକୁ ନିଜ ଆଡ଼କୁ ଟାଣିଥାଏ ଏବଂ ଏହି ବିଷୟ (ଅର୍ଥାତ ଈଶ୍ୱରଙ୍କ ସହିତ ବାର୍ତାଳାପ କରିବା ବିଷୟ) ଅନ୍ୟ ସମସ୍ତବିଷୟ ଉପରେ ପ୍ରାଧାନ୍ୟ ଓ ଶ୍ରେଷ୍ଠତା ପାଇଥାଏ । କିନ୍ତୁ ଏଥି ସକାଶେ ସଠିକ୍ ପ୍ରୟାସ କରିବାର ଆବଶ୍ୟକତା ରହିଛି । ଅନ୍ୟଥା ଏହି ମାର୍ଗ ଖୋଲେନାହିଁ । ଯେମିତି କି ଅଲ୍ଲାଃ କହିଛନ୍ତି:- **ୱଲ୍ଲଜିନା ଜାହଦୁ ଫିନା ଲନହ୍‌ଦିୟନ୍ନହୁମ୍ ସୁବୁଲନା (ଅନ୍‌କବୁତ୍:୭୦)** । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୨୮ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସହଯୋଗ କରିବା ତାଙ୍କର ଅଭ୍ୟାସ ଥିଲା । ନିଜ ପଛରେ ସ୍ୱାମୀଙ୍କ ବ୍ୟତିତ ଚାରି ଜଣ ପୁଅ ଓ ଦୁଇଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ତାଙ୍କ ନାତୀ ମଧ୍ୟ ୱାକିଫେ ଜିନ୍ଦେଗୀ ଅର୍ଥାତ ଉତ୍ସର୍ଗୀ ଅଟନ୍ତି । ଗୋଟିଏ ପୁତ୍ର ମୁବଲିଗ୍ ଅଛନ୍ତି ଯିଏ ଦେଶ ବାହାରେ ସେବା ସମ୍ପାଦନ କରୁଛନ୍ତି । ଯେଉଁଥି ପାଇଁ ସେ ନିଜ ମାତାଙ୍କର ଅନ୍ତ୍ୟେଷ୍ଟିକ୍ରୀୟାରେ ସାମିଲ ହୋଇପାରିଲେ ନାହିଁ । ଅଲ୍ଲାଃ ତାଲା ମୃତକାଙ୍କୁ ବୈକୁଣ୍ଠରେ ଉଚ୍ଚ ସ୍ତର ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ସୟଦା ମଜିଦ୍ ସାହିବା ପତ୍ନୀ ଶେଖ୍ ଅବ୍‌ଦୁଲ୍ ମଜିଦ୍ ସାହେବ୍ ଫୈସଲାବାଦଙ୍କର । ସେ ଫୈସଲାବାଦ୍‌ର ଅଧିବାସୀ ଥିଲେ ବିଗତ ଦିନ ୮୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ତାଙ୍କ ସୁପୁତ୍ର ଶେଖ୍ ୱହିଦ୍ ଅହେମଦ୍ ସାହେବ କୁହନ୍ତି । ତାଙ୍କ ବଂଶରେ ତାଙ୍କ ଦଦା ହଜ୍‌ରତ୍ ବର୍‌କତ୍ ଅଲୀ କାଦିୟାନି ସାହେବଙ୍କ ମାଧ୍ୟମରେ ଆସିଥିଲା । ସ୍ୱର୍ଗତାଙ୍କ ଦଦା ଓ ଦାଦି ଅର୍ଥାତ (ଜେଜିମା ଓ ଜେଜେ) ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ । ଏହି ସମ୍ମାନର ସେ ଅଧିକାରୀ ହୋଇପାରିଥିଲେ ।

ସ୍ୱର୍ଗତା ସୟଦା ମଜିଦ୍ ସାହେବା ଦୀର୍ଘ ସମୟ ପର୍ଯ୍ୟନ୍ତ ଯମାତ୍‌ର ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ପ୍ରାରମ୍ଭିକ ସମୟରେ ସେ ସଦର୍ ହଲ୍‌କା ଓ ସେକ୍ରେଟାରୀ ମାଲ୍ ଭାବରେ ସେବା ସମ୍ପାଦନ କରିଥିଲେ ଏବଂ ୧୯୮୨ ମସିହାରେ ଲଜ୍‌ନା ଇମାଉଲ୍ଲାଃ ଜିଲ୍ଲା ଫୈସଲାବାଦ୍ ରୂପେ ମନୋନୀତ ହୋଇଥିଲେ ଓ ପରେ ସେକ୍ରେଟାରୀ ମାଲ୍ ର ପଦରେ ୭ ବର୍ଷ କାଳ ଅଧିଷ୍ଠିତ ରହିଥିଲେ । ସେ ଅତ୍ୟନ୍ତ ପରିଶ୍ରମର ସହିତ ୮୨ ଟି ମଜ୍‌ଲିସ୍‌ରେ ନିୟମିତ ରୂପେ ଗସ୍ତ କରି ପ୍ରତ୍ୟେକ ମଜ୍‌ଲିସ୍‌ର ପଦାଧିକାରୀମାନଙ୍କ ତଦାରଖ କରୁଥିଲେ, ତାଙ୍କୁ ଗାଇଡ୍ କରୁଥିଲେ । ଅର୍ଥ ବିଭାଗର ରେକର୍ଡ଼ ଓ ଚାନ୍ଦା ଗୁଡ଼ିକର ସମୟରେ ଆୟ ଓ ଆଗମନ ଓ ପ୍ରେରଣ କରିବା ସମସ୍ତ ବିଷୟ ବୁଝୁଥିଲେ । ତାଙ୍କ ଜିଲ୍ଲାର ପୂର୍ବତନ ସଦର ବୁଶ୍‌ରା ସମି ସାହେବା କୁହନ୍ତି ଏକଦା ଯମାତ୍‌ର ଗସ୍ତରୁ ଫେରୁଥିବା ସମୟରେ ଡ଼ାକୁମାନେ ତାଙ୍କ ଗାଡ଼ିକୁ ଅଟକାଇ ଦେଲେ । ସେ ଶିଘ୍ର ଶିଘ୍ର ତାଙ୍କ ପର୍ସଟିକୁ, ଯେଉଁଥିରେ ଜମାତ୍‌ର ଚାନ୍ଦା ଟଙ୍କା ଥିଲା, ତାକୁ ନିଜ ପାଦ ତଳେ ପକାଇ ଦେଲେ କାରଣ ଚାନ୍ଦା ଯେପରି ସୁରକ୍ଷିତ ରହିଯାଉ କିନ୍ତୁ ନିଜର ଆଭୁଷଣ ତଥା ଅଳଙ୍କାର ଆଦି ଲୁଟ ହେବାରେ ତାଙ୍କୁ ଟିକିଏ ହେଲେ ମନ ଉଣା ହୋଇନଥିଲା । ତେଣୁ ଡ଼କାୟତ ମାନେ ତାଙ୍କଠାରୁ ତାଙ୍କର ଅଳଙ୍କାର ଛଡ଼ାଇ ନେଇଥିଲେ । କିନ୍ତୁ ଚାନ୍ଦା ପଇସା ଯାହା ଥିଲା ତାହା ବର୍ତୀ ଯାଇଥିଲା ଯାହାକୁ ସେ ଲୁଚେଇ ନେଇଥିଲେ ଏବଂ ଏଥିରେ ସେ ବେଶ୍ ଆନନ୍ଦିତ ହୋଇଥିଲେ ଯେ ମୁଁ ଚାନ୍ଦା ପଇସାକୁ ଡ଼ାକୁମାନଙ୍କ କବଳରୁ ରକ୍ଷା କରିନେଇଛି । ମୃତ୍ୟୁର କିଛି ମାସ ପୂର୍ବେ ତାଙ୍କ ନିକଟରେ ଯାହା କିଛି ଅଳଙ୍କାର ରହିଥିଲା ସେହି ସମସ୍ତ ଅଳଙ୍କାରକୁ ସେ ଅଲ୍ଲାଃ ତାଲାଙ୍କ ଖାତିର୍ ତହ୍‌ରିକ୍ ଜଦିଦ୍‌ରେ ଦାନ କରିଦେଇଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକର ଅନେକ ଥର ଅଧ୍ୟୟନ କରିଥିଲେ । ସେ ଅନେକ ସୁଗୁଣାବଳୀର ଅଧିକାରିଣୀ ଥିଲେ । ଅଲ୍ଲାଃ ତାଲାଙ୍କ ପ୍ରେମରେ ଲୀନ ରହୁଥିବା ମହିଳା ଥିଲେ, ଦୁଆ କାରିଣୀ ଥିଲେ ଓ ଅଲ୍ଲାଃ ତାଲାଙ୍କ ଉପରେ ଦୃଢ଼ ବିଶ୍ୱାସ ଥିଲା । ଖିଲାଫତ୍ ସହିତ ଗଭୀର ପ୍ରେମ ଓ ଆନ୍ତରିକତାର ସମ୍ପର୍କ ରହିଥିଲା । ନିଜର ପୁଅ ଓ ବୋହୂ ତଥା ନାତିନାତୁଣୀମାନଙ୍କୁ ସର୍ବଦା ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରହିବା ପାଇଁ ଅନୁପ୍ରାଣିତ କରୁଥିଲେ, ହଜୁରଙ୍କର ଖୁତ୍‌ବା ଶୁଣିବା ପାଇଁ ଅନୁପ୍ରାଣିତ କରୁଥିଲେ । ସ୍ୱର୍ଗତା ସଇଦାଃ ମଜିଦ୍ ସାହିବା ୱସିୟତ୍ କରିଥିଲେ । ମୃତକାଙ୍କ ପରିଜନଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ ୮ ଜଣ ପୁତ୍ର ଓ ଅନେକ ପୌତ୍ର ଓ ପୌତ୍ରୀ ରହିଛନ୍ତି । ଅଲ୍ଲାଃ ତାଲା ବୈକୁଣ୍ଠରେ ଏ ସମସ୍ତ ମୃତକ ମୃତକାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ସେମାନଙ୍କ ପ୍ରତି ସଦୟ ହୁଅନ୍ତୁ । ଯେପରି କି ମୁଁ କହିଲି ନମାଜ ଜୁମା ପରେ ଏ ସମସ୍ତଙ୍କର ନମାଜ ଯନାଜାଃ ଗାଏବ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

**ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।**

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହେ ଅମୀରୁଲ୍ ମୁମିନିନ୍! ....... ଆପଣ ଯାହା ଚାହୁଁଛନ୍ତି କରନ୍ତୁ ଏବଂ ଆପଣଙ୍କ ରାୟ ଉପରେ ପରିଚାଳିତ ହୁଅନ୍ତୁ । ଆମେ ଆପଣଙ୍କ ସହିତ ଅଛୁ । ଆପଣ ଆମକୁ ହୁକୁମ୍ ଦିଅନ୍ତୁ ଆମେ ଆପଣଙ୍କର ଆଜ୍ଞା ପାଳନ କରିବୁ । ଆମକୁ ଡ଼ାକନ୍ତୁ ଆମେ ଆପଣଙ୍କ ଡ଼ାକରେ ଲବ୍ବେକ୍ କହିବୁ । ଆମକୁ ପଠାନ୍ତୁ ଆମେ ବାହାରିଯିବୁ । ଯଦି ଆପଣ ନିଜ ସହିତ ଆମକୁ ନେବା ପାଇଁ ଚାହିଁବେ ଆମେ ଆପଣଙ୍କ ସହିତ ଚାଲିବୁ**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ଉତମ ଗୁଣଗାରିମାର ବର୍ଣ୍ଣନା**

**ନିହାୱନ୍ଦ ବିଜୟ ନିଜର ଫଳାଫଳ ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ତା'ପରେ ଇରାନୀମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ଯୁଦ୍ଧ କରିବାକୁ ଅବସର ମିଳିଲା ନାହିଁ ଏବଂ ମୁସଲମାନମାନେ ଏହି ବିଜୟକୁ ଫତହୁଲ୍ ଫୁତୁହ୍ (ଅର୍ଥାତ ସବୁ ବିଜୟଠାରୁ ବଡ଼ ବିଜୟ) ନାମରେ ମନେ ପକାଇଲେ ।**

---

**ଜୁନ୍ଦେ ସାବୁର୍ ଯୁଦ୍ଧ, ଫତହୁଲ୍ ଫୁତୁହ୍ ନିହାୱନ୍ଦ ଯୁଦ୍ଧ ଏବଂ ଅସ୍‌ଫହାନ୍ ଯୁଦ୍ଧର ଘଟଣା ପରିସ୍ଥିତି ବିଷୟରେ ସବିଶେଷ ବିବରଣୀର ବର୍ଣ୍ଣନା**

---

**ତିନିଜଣ ମରହୁମୀନ୍ (ମୃତ ବ୍ୟକ୍ତି) ମୋକରମ୍ ମୁହମ୍ମଦ୍ ୟାନ୍ତୁନୁ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା ଇଣ୍ଡୋନେସିଆ, ମୋକରମ୍ ସାହାବ୍‌ଜାଦା ଫରହ୍‌ହାନ୍ ଲତିଫ୍ ସାହେବ ଅଫ୍ ଶିକାଗୋ ଆମେରିକା ଏବଂ ମୋକରମ୍ ମଲକ୍ ମୁବଶିର୍ ଅହ୍‌ମଦ୍ ସାହେବ୍ ଲାହୋର୍ ପୂର୍ବତନ ଅମୀର ଯମାତ୍ ଦାଉଦ୍ ଖିଲ୍ ମିଆନ୍ ୱାଲିଙ୍କ ଉତମ ଗୁଣାବଳିର ଚର୍ଚ୍ଚା ଓ ଜନାଜାଃ ଗାଏବ୍ ପାଠ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍: ୨୦ ଅଗଷ୍ଟ ୨୦୨୧ ଅନୁଯାୟୀ ୨୦ ଜହୁର୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اشهد ان لا اله الا الله وحده لا شريك له واشهد ان محمدا عبده ورسوله
اما بعد فاعوذ بالله من الشيطن الرجيم- بسم الله الرحمن الرحيم-
الحمد لله رب العلمين- الرحمن الرحيم- ملك يوم الدين- اياك نعبد واياك نستعين-
اهدنا الصراط المستقيم- صراط الذين انعمت عليهم غير المغضوب عليهم ولا الضالين-

ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା, ଆପଣଙ୍କ ଖିଲାଫତ୍ କାଳରେ ଅନେକ ଯୁଦ୍ଧ ମୁସଲମାନ ବୀର ସିପାହୀମାନେ ଲଢ଼ିଥିଲେ । ସେଥିମଧ୍ୟରୁ ଗୋଟିଏ ଯୁଦ୍ଧ ହେଉଛି ଜୁନ୍‌ଦେ ସାବୁର ଯୁଦ୍ଧ । ଯେତେବେଳେ ହଜ୍‌ରତ୍ ଅବୁ ସବ୍‌ରା ର:ଅ ବିନ୍ ରୁହମ୍ ସାସାନି ବସ୍ତି ଜୟ କରିବା ପରେ ଆଗକୁ ଅଗ୍ରସର ହେଲେ ଜୁନଦେ୍ ସାବୁରଠାରେ ଯାଇ ବିଶ୍ରାମ ନେଲେ । ଜୁନ୍‌ଦେ ସାବୁର ଖୋଜିସ୍ତାନ୍‌ର ଗୋଟିଏ ସହର ଥିଲା । ସେ ଯାହା ହେଉ ନା କାହିଁକି ସେମାନଙ୍କ ସହ ମୁସଲମାନମାନଙ୍କର ଦିବାରାତ୍ର ଘମାସାନ ଲଢ଼େଇ ଚାଲିଥାଏ ଶତୃପକ୍ଷ ମଧ୍ୟ ନିଜ ସ୍ଥାନରେ ରହି ଲଢ଼ି ଚାଲିଥିଲା । ଠିକ୍ ଏହି ସମୟରେ ମୁସଲମାନମାନଙ୍କ ତରଫରୁ କେହି ଜଣେ ସୁରକ୍ଷା ଦେବାର ପ୍ରତିଶୃତି ଦେଇଦେଲେ ଶତ୍ରୁ ସେତେବେଳେ ନିଜର ଦୁର୍ଗରେ ଛପି ରହିଥିଲା ଯେତେବେଳେ ତାଙ୍କୁ ସୁଯୋଗ ମିଳୁଥିଲା ମୁସଲମାନମାନଙ୍କ ଉପରେ ହଠାତ୍ ଆକ୍ରମଣ କରି ଦୁର୍ଗ ଭିତରକୁ ଫେରିଯାଇ ଲୁଚି ଯାଉଥିଲେ କିନ୍ତୁ ଯେତେବେଳେ ଜଣେ ମୁସଲମାନ ନିକଟରୁ ସୁରକ୍ଷା ମିଳିବାର ପ୍ରତିଶୃତି ପାଇଲେ । ସେତେବେଳେ ସେମାନେ ଦୁର୍ଗର ଫାଟକ ଖୋଲି ଦେଲେ ଏବଂ ନିଜର ଗୃହପାଳିତ ପଶୁଗୁଡ଼ିକୁ ବାହାରକୁ ଛାଡ଼ିଦେଲେ ଏବଂ ଲୋକମାନେ ମଧ୍ୟ ଏଣେତେଣେ ଚଳପ୍ରଚଳ କରିବା ଆରମ୍ଭ କରିଦେଲେ । ଏହା ଦେଖି ମୁସଲମାନମାନେ କହିଲେ ତୁମକୁ କଣ ହୋଇଗଲା ? ସେମାନେ କହିଲେ ଆପଣମାନେ ତ ଆମକୁ ସୁରକ୍ଷା ପ୍ରଦାନ କରିଦେଲେ ଏବଂ ଆମେ ତାହା ସ୍ୱୀକାର କରିନେଲୁ । ଆମେ ଆପଣଙ୍କୁ ଟିକସ ପ୍ରଦାନ କରିବୁ ପ୍ରତିବଦଳରେ ଆପଣମାନେ ଆମକୁ ସୁରକ୍ଷା ପ୍ରଦାନ କରିବେ । ପ୍ରତ୍ୟୁତରରେ ମୁସଲମାନମାନେ କହିଲେ ଆମେ ତ ଏକଥା ଜାଣିନାହୁଁ । ସେମାନେ କହିଲେ ଆମେ ମିଥ୍ୟା କହୁନାହୁଁ । ସେଥିଅନ୍ତେ ମୁସଲମାନମାନେ ପରସ୍ପର ସହ ଆଲୋଚନା କଲେ, ପଚାରା ଉଚରା କରିବାକୁ ଜଣାପଡ଼ିଲା ଯେ, ମିଖ୍‌ନଫ୍ ନାମକ ଜଣେ କ୍ରୀତଦାସ ଏହି କାଣ୍ଡ କରିବସିଛି । ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କୁ ଏହି ପ୍ରସଙ୍ଗରେ ମାର୍ଗଦର୍ଶନ ଲୋଡ଼ାଗଲା । ଖଲିଫାଙ୍କଠାରୁ ମାର୍ଗଦର୍ଶନ ଲୋଡ଼ା ଗଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ ଅଲ୍ଲାଃ ତାଲା ବିଶ୍ୱସ୍ତତାକୁ ବେଶ୍ ଗୁରୁତ୍ୱ ଦେଇଛନ୍ତି । ତୁମେ ସେ ପର୍ଯ୍ୟନ୍ତ ବିଶ୍ୱସ୍ତ ହୋଇ ପାରିବ ନାହିଁ ଯେଉଁପର୍ଯ୍ୟନ୍ତ ଏହି ପ୍ରତିଜ୍ଞା ପୂରଣ କରିନାହଁ, ଯେଉଁ ପ୍ରତିଶୃତିକୁ ତୁମେ ଶତୃମାନଙ୍କୁ ଦେଇସାରିଛ । ଯଦିଚ ସେହି ପ୍ରତିଶୃତି ତୁମମାନଙ୍କର ଜଣେ ଗୁଲାମ୍ (କ୍ରିତଦାସ) କରିଛନ୍ତି, ତଥାପି ତାହାକୁ ପୂରଣ କର । ଯେପର୍ଯ୍ୟନ୍ତ ତୁମେ ସନ୍ଦେହ ଘେରରେ ରହିଛି ଶତ୍ରୁକୁ ଅବସର ଦିଅ ଏବଂ ସେମାନଙ୍କ ସହ ବିଶ୍ୱସ୍ତତା ରକ୍ଷା କର । ଅତଏବ ମୁସଲମାନମାନେ ତାହା ସ୍ୱୀକାର କରିନେଲେ ଏବଂ ସେଠାରୁ ଫେରି ଆସିଲେ । ***(ସିରତ୍ ଅମୀରୁଲ୍ ମୁମିନିନ୍.... ପୃ-୪୨୫....... ବେରୁତ ୨୦୦୭), (ସୟଦନା ଉମର୍ ବିନ୍ ଖତାବ୍..... ପୃ-୬୮୯....... ପାକିସ୍ତାନ) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୨, ପୃ-୧୯୮)***

ଏହି ଯୁଦ୍ଧ ପରେ ଖୋଜ୍‌ସ୍ତାନ ବିଜୟ ଅଭିଯାନର ଶେଷ ଯୁଦ୍ଧ ଥିଲା । ***(ମକାଲା 'ତାରିଖେ ଇସ୍‌ଲାମ୍ ବଅହ୍‌ଦେ ହଜ୍‌ରତ୍ ଉମର୍ ର:ଅ ....... ମୋକରମ୍ ସୟଦ୍ ମୀର୍ ମେହ୍‌ମୁଦ୍ ଅହ୍‌ମଦ୍ ସାହେବ ନାସିର୍, ପୃ-୧୩୫)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଏହି ଘଟଣା ଚର୍ଚ୍ଚା କରି ବର୍ଣ୍ଣନା କରିଛନ୍ତି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ଜଣେ ହବ୍‌ଶୀ ଗୁଲାମ୍ ଅର୍ଥାତ କ୍ରୀତଦାସ ଏକ ଗୋଷ୍ଠୀ ସହିତ ସନ୍ଧି କରିଦେଇଥିଲେ କି ଅମୁକ ଅମୁକ ସୁବିଧା ସୁଯୋଗ ଆପଣଙ୍କୁ ଆମେ ଉପଲବ୍ଧ କରାଇବୁ । ଯେତେବେଳେ ମୁସଲମାନ ସେନା ସେଠାରେ ପହଂଚିଲେ ସେତେବେଳେ ଶତ୍ରୁପକ୍ଷ କହିବା ଆରମ୍ଭ କଲେ ଯେ, ଆମେ ତ ସନ୍ଧି କରିବସିଛୁ, ଆପଣଙ୍କ ସହିତ ଚୁକ୍ତି ହୋଇଯାଇଛି । ମୁସଲମାନ ସେନାର ଅଫିସର ଏହି ସନ୍ଧିକୁ ସ୍ୱୀକାର କରିବାକୁ ଅମଙ୍ଗ ହେଲେ କିନ୍ତୁ ଯେତେବେଳେ ଏକଥା ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ପହଂଚିଲା ଏଥିରେ ସେ ନିର୍ଦ୍ଦେଶ ଦେଲେ ଯେ, ଜଣେ ମୁସଲମାନ ତରଫରୁ ଦିଆଯାଇଥିବା ପ୍ରତିଶୃତିର ସମ୍ମାନ ରଖିବା ଉଚିତ । ତେଣିକି ସେ ଜଣେ କ୍ରୀତଦାସ ହୋଇଥାଉ ନା କାହିଁକି" ।

***(ବାଜ୍ ଜରୁରୀ ଉମୁର୍, ଅନୱାରୁଲ୍ ଉଲୁମ, ଖଣ୍ଡ-୧୨, ପୃ-୪୦୫)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି: ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ମୁସଲମାନ ସେନା ଏକ ଶତ୍ରୁ ଦଳକୁ ଘେରି ନେଲେ ଏବଂ ଶତୃପକ୍ଷ ଏହା ବୁଝି ନେଲେ ଯେ, ବର୍ତମାନ ଆମର ମୃତ୍ୟୁ ସୁନିଶ୍ଚିତ । ପ୍ରଥମେ ଯେଉଁ ଘଟଣା ବିଷୟରେ ବର୍ଣ୍ଣନା

କରାଯାଇଅଛି ଏହା ହେଉଛି ତାହାର ବ୍ୟାଖ୍ୟା । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏହି ଘଟଣାକୁ ନିଜ ଭାଷାରେ ବର୍ଣ୍ଣନା କରିଛନ୍ତି । ଇସ୍‌ଲାମିୟ ସେନାଧକ୍ଷ ଚାପ ପକାଇ ଆମ ଦୁର୍ଗକୁ ଜୟ କରିବା ନିକଟରେ ପହଂଚି ଗଲେଣି ତେଣୁ ଯଦି ଜୟ କରିନିଅନ୍ତି ତେବେ ସେମାନେ ଆମ ସହିତ ପରାଜିତ ଲୋକଙ୍କ ପରି ଆଚରଣ କରିବେ । ପ୍ରତ୍ୟେକ ମୁସଲମାନ ଗୋଟିଏ ଅଂଚଳ ଜୟ କରିବା ଓ ତାହା ସହ ସନ୍ଧି କରିବା ମଧ୍ୟରେ ଫରକ୍ ବେଶ୍ ଭଲ ଭାବରେ ବୁଝୁଥିଲେ । ମଫ୍‌ତୁହ୍ ଅର୍ଥାତ ଯେଉଁ ଅଂଚଳକୁ ଜୟ କରାଯାଏ ସେହି ଅଂଚଳ ପାଇଁ ତ' ଇସ୍‌ଲାମୀୟ ସାଧାରଣ ନିୟମ ପ୍ରଣୟନ ହୋଇଯାଉଥିଲା କିନ୍ତୁ ସନ୍ଧି ସ୍ଥାପନ କରାଯାଉଥିବା ଦଳ ସହିତ ଯାହା ଚୁକ୍ତି ହେଉଥିଲା ବା ଯେଉଁ କଥାରେ ଉଭୟ ପକ୍ଷ ସହମତ ହେଉଥିଲେ ସେଥିରୁ ମଧ୍ୟ ଅପରପକ୍ଷ ମୁସଲମାନମାନଙ୍କଠାରୁ ଆଧିକତ୍ୟ ହାସଲ କରିନେଉଥିଲେ, ଅର୍ଥାତ ଅଧିକ ସୁବିଧା ସୁଯୋଗ ସେମାନେ ମୁସଲମାନମାନଙ୍କ ନିକଟରୁ ହାତେଇ ନେଉଥିଲେ । ତେଣୁ ଶତୃପକ୍ଷ ଏହା ଚିନ୍ତା କଲେ ଯେ, ଏଭଳି କୌଣସି ଉପାୟ ପାଂଚିବା ଯଦ୍ୱାରା ସାମାନ୍ୟତମ ସର୍ତରେ ସନ୍ଧି ହୋଇଯିବ । ଅତଏବ ଦିନେ ଜଣେ ହବ୍‌ସି କ୍ରୀତଦାସ ଜଳାଶ୍ରୟରୁ ଜଳ ସଂଗ୍ରହ କରୁଥିଲେ ସେତେବେଳେ ତାଙ୍କ ନିକଟକୁ ଶତ୍ରୁପକ୍ଷର ଲୋକ ଆସି କହିବାକୁ ଲାଗିଲେ ଯେ କଣ ଭାଇ ! ଯଦି ଆମ ମଧ୍ୟରେ ସନ୍ଧି ସ୍ଥାପନ ହୋଇଯାଆନ୍ତା ତେବେ ତାହା ଯୁଦ୍ଧର ରକ୍ତପାତ ତୁଳନାରେ କେତେ ଭଲ ହୁଅନ୍ତା । ସେ ଉତର ଦେଲେ ହଁ ଖୁବ୍ ଭଲ ହୁଅନ୍ତା । କ୍ରୀତଦାସ ଜଣକ ଅପାଠୁଆ ଥିଲେ, ପାଠ ପଢ଼ାପଢ଼ି ବା ତାଙ୍କର ସେତେ ଅଭିଜ୍ଞତା ନଥିଲା । ପୁଣି ଶତୃପକ୍ଷର ଲୋକମାନେ କହିଲେ ତେବେ କାହିଁକି ବା ଏହି ସର୍ତରେ ସନ୍ଧି କରି ନ ନେବା କି ଆମେ ନିଜ ଦେଶରେ ସ୍ୱାଧିନ ଭାବରେ ବସବାସ କରିବୁ ଏବଂ ଆମକୁ ତୁମେ କୌଣସି କ୍ଷତି ପହଂଚାଇବ ନାହିଁ ଆମର ଧନସମ୍ପତି ଆମ ନିକଟରେ ରହିବ ଓ ତୁମର ଧନସମ୍ପତି ତୁମ ନିକଟରେ ରହିବ । ଏମିତି କଥା ଶୁରିକି ସେହି ମୁସଲମାନ ଗୁଲାମ (କ୍ରୀତଦାସ) ଜଣକ କହିଲେ, ଠିକ୍ ଅଛି ଅତଏବ ସେ ଯାଇ ଦୁର୍ଗର ମୁଖ୍ୟ ଦ୍ୱାର ଖୋଲିଦେଲା ଏବଂ ସେଠାରେ ଶତ୍ରୁପକ୍ଷ ମୁକ୍ତ ଭାବରେ ଚଳପ୍ରଚଳ କଲେ ଏହା ଦେଖି ମୁସଲମାନମାନେ କହିଲେ, ତୁମକୁ କ'ଣ ହୋଇଯାଇଛି । ସେମାନେ କହିଲେ, ଆମେମାନେ ଆପଣଙ୍କ ସହିତ ଚୁକ୍ତି (ସନ୍ଧି) କରିଦେଇଛୁ । ଆମକୁ ତୁମେ ସୁରକ୍ଷା ପ୍ରଦାନ କରିଦେଲ, ଯାହାକୁ ଆମେ ସ୍ୱୀକାର କରିନେଲୁ । ପ୍ରତ୍ୟୁତରରେ ମୁସଲମାନମାନେ ଆଶ୍ଚର୍ଯ୍ୟ ଚକିତ ହୋଇ କହିଲେ, ଏକଥା କେବେ ହେଲା ? ଏହା ତ ଆମକୁ ଜଣାନାହିଁ କେଉଁ ଅଫିସର ଏମିତି ଚୁକ୍ତି କରିଛନ୍ତି ? ସେମାନେ କହିଲେ ଜଣେ ଲୋକ ଏଠାରେ ପାଣି ଭର୍ତି କରୁଥିଲେ ସେ ଆମକୁ ଏପରି ପ୍ରତିଶୃତି ଦେଇଛନ୍ତି । ଏକଥା ଶୁଣି ମୁସଲମାନମାନେ କହିଲେ, ସେ ଜଣେ ହବ୍‌ସି କ୍ରୀତଦାସ ଥିଲା ଯିଏ ଆପଣଙ୍କ ସହ ଏଭଳି କାଣ୍ଡ କରିବସିଛନ୍ତି । ତାଙ୍କୁ ସେ କ୍ଷମତା ନାହିଁ । ତା'ର ବା କ୍ଷମତା କ'ଣ ଅଛି ଏଭଳି ଚୁକ୍ତି କରିବାର । ଏଥିରେ ଶତୃପକ୍ଷର ଲୋକେ ଅତି ଚତୁରତା ପ୍ରଦର୍ଶନ କରି କହିଲେ ଯେ ଆମକୁ ବା କଣ ଜଣା ଯେ ସେ ତୁମର ଅଫିସର ବା ଆଉ କିଛି ? ଆମେ ତ' ଅପରିଚିତ ଲୋକ ଆମେ ତ ମନେକଲୁ ଯେ, ସମ୍ଭବତଃ ସେ ତୁମର ସେନାଧକ୍ଷ ହୋଇଥିବେ । ଉକ୍ତ ଅଫିସର ଜଣକ କହିଲେ, ମୁଁ ତୁମର ଏହି କଥା ସ୍ୱୀକାର କରିବି ନାହିଁ, ହଁ ଏହି ଘଟଣା ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଲେଖି ପ୍ରେରଣ କରିବି ଏବଂ ତାଙ୍କଠାରୁ ମାର୍ଗଦର୍ଶନ ଲୋଡ଼ିବି । ଏଥିରେ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କୁ ନିର୍ଦ୍ଦେଶ ଦେଲେ ଯେପରି କି ମୁଁ ଚର୍ଚ୍ଚା କରି ଆସିଲି ଉପରେ ଯେ, ସେ କ୍ରୀତଦାସ ହୁଅନ୍ତୁ ପଛକେ ତାଙ୍କ କଥାର ସମ୍ମାନ କରାଯାଉ ଏବଂ ସେ ଯାହା କରିଛନ୍ତି ତାହାକୁ ପାଳନ କର ଅର୍ଥାତ ଚୁକ୍ତିକୁ ସ୍ୱୀକାର କରନ୍ତୁ କିନ୍ତୁ ହଁ ଭବିଷ୍ୟତ ପାଇଁ ଏ ଘୋଷଣା କରିଦିଅ ଯେ, ସେନାଧକ୍ଷଙ୍କ ବ୍ୟତିତ ଅନ୍ୟ କେହି କୌଣସି ପ୍ରକାର ସନ୍ଧି ପତ୍ର ବା ପ୍ରତିଶୃତି ପତ୍ରରେ ସ୍ୱାକ୍ଷର କରିପାରିବେ ନାହିଁ ।

***(ସେରେ ରୁହାନୀ (୭) ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୨୪, ପୃ-୨୯୩-୨୯୪)***

ଇରାନ୍ ବିଜୟର କାରଣ ଚର୍ଚ୍ଚା ପ୍ରସଙ୍ଗରେ ହଜ୍‌ରତ୍ ଉମର୍ ର:ଅଙ୍କର ଏହି ମନବାଞ୍ଛା ରହିଥିଲା ଯେ, ଇରାକ୍ ଓ ଅହ୍‌ୱାଜ୍‌ର ଯୁଦ୍ଧ ପରେ ହିଁ ଏହି ରକ୍ତପାତ ଖେଳର ପରିସମାପ୍ତି ଘଟୁ ଯୁଦ୍ଧ ଦ୍ୱାରା କିଛି ଲାଭ ନାହିଁ । ଶତୃପକ୍ଷ ଆକ୍ରମଣ କରିବା ପରେ, ତାଙ୍କୁ ପ୍ରତି ଆକ୍ରମଣ କରି ରୋକି ଦେବା ପରେ ଯୁଦ୍ଧ ଶେଷ ହୋଇଯିବା ଉଚିତ । ହଜ୍‌ରତ୍ ଉମର୍ ବାରମ୍ବାର ଏହି ଇଚ୍ଛାକୁ ପ୍ରକାଶ କରିଥିଲେ ଯେ କାଳେ ଇରାନୀ ଓ ଆମମାନଙ୍କ ମଧ୍ୟରେ ହେଉଥିବା ଏହି ଯୁଦ୍ଧ ଶେଷ ହୋଇଯାଆନ୍ତା କି, କିନ୍ତୁ ଇରାନୀ ପ୍ରଶାସନର କ୍ରମାଗତ ଯୁଦ୍ଧ ଲଢ଼ିବା ମନୋଭାବ ଆପଣ ର:ଅଙ୍କ ମନବାଞ୍ଛା ପୂରଣ କରିଦେଲା ନାହିଁ ଅର୍ଥାତ ଆପଣଙ୍କ ମନର କୋହ ମନରେ ହିଁ ରହିଗଲା । ୧୭ ହିଜ୍‌ରୀରେ ରଣକ୍ଷେତ୍ରରୁ ମୁସଲମାନମାନଙ୍କ ସର୍ଦ୍ଦାରମାନଙ୍କର ଏକ ପ୍ରମୁଖ ଦଳ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ଉପସ୍ଥିତ ହେଲା । ଆପଣ ସେମାନଙ୍କୁ ବିଜୟ ପ୍ରାପ୍ତ ଅଂଚଳରେ ବାରମ୍ବାର ବିଦ୍ରୋହର କାରଣ ପଚାରିଲେ ଏବଂ ସନ୍ଦେହର ପରିପ୍ରକାଶ କଲେ ଯେ, କ'ଣ ମୁସଲମାନମାନେ ସେହି ଦେଶବାସୀଙ୍କ ପାଇଁ ଉତ୍ପୀଡ଼ନାର କାରଣ ସାଜୁଛନ୍ତି କି ? ଏଥିରେ ସମସ୍ତ ସର୍ଦ୍ଦାରମାନେ ଅର୍ଥାତ ଯେଉଁ ପ୍ରତିନିଧି ମଣ୍ଡଳ ଆସିଥିଲା ତାହାର ସର୍ଦ୍ଦାରମାନେ ଏହି କଥାର ଖଣ୍ଡନ କଲେ ଏବଂ ଅହ୍‌ନଫ୍ ବିନ୍ କୈସ୍ କହିଲେ, ହେ ଅମୀରୁଲ୍ ମୁମିମିନ୍ ! ଆପଣ ତ ଆମକୁ ଆଗକୁ ବଢ଼ିବାକୁ ବାରଣ କରିଛନ୍ତି କିନ୍ତୁ ଇରାନ୍‌ର ରାଜା ଯେପର୍ଯ୍ୟନ୍ତ ଜିବୀତ ଅଛନ୍ତି ସେ ଆମ ସହିତ ପ୍ରତିଦ୍ୱନ୍ଦିତା ଅଭ୍ୟାହତ ରଖିଥିବେ ଏବଂ ଏହା କେବେ ବି ସମ୍ଭବ ନୁହେଁ ଯେ ଗୋଟିଏ ଦେଶରେ ଦୁଇଟି ଦୁଇଟି ସରକାର ରହିପାରେ । ପରିଶେଷରେ ଗୋଟିଏ ଅନ୍ୟଟିକୁ ବାହାର କରିଦେବ । ଏବେ ସେଠାରେ ଇରାନୀ ରହିବେ ବା ଆମେ ରହିବୁ । ପୁଣି ସେ କହିଲେ ଯେ ଆପଣଙ୍କ ଆଦେଶ ଅନୁଯାୟୀ ଆମେ କୌଣସି ଅଂଚଳ ଅଧିକାର କରିନାହୁଁ । କିନ୍ତୁ ଶତ୍ରୁମାନେ ପ୍ରଥମେ ଆକ୍ରମଣ କରିବା ପରେ ଆମେ ଯୁଦ୍ଧ କରି ହାସଲ କରିଛୁ । ଆମେ ଆମ ଆଡୁ କେବେ ବି ଯୁଦ୍ଧ କରିବା ପାଇଁ ପ୍ରୟାସ କରିନାହୁଁ ଏବଂ ଏହା ହିଁ ଆପଣଙ୍କର ନିର୍ଦ୍ଦେଶ ଥିଲା । ହଜୁର ଅ:ବ:ଅ କହିଲେ:- ଏହି ଘଟଣାରୁ ସେହି ମୁସଲମାନମାନଙ୍କୁ ଏ ଉତର ମଧ୍ୟ ମିଳିଗଲା ଯେଉଁମାନେ ବିନା କାରଣରେ ଯୁଦ୍ଧ କରିବାକୁ ଉଚିତ ମଣୁଛନ୍ତି । ଏହା ସହିତ ଇସ୍‌ଲାମ୍ ଉପରେ ଆପତି ଅଭିଯୋଗ କରୁଥିବା ଲୋକମାନଙ୍କୁ ମଧ୍ୟ ଉତର ମିଳିଗଲା ଯେ ମୁସଲମାନମାନେ କେବ ବି ଭୂଖଣ୍ଡ ପ୍ରାପ୍ତ କରିବା ପାଇଁ, ଦେଶ ବିଜୟ କରିବା ପାଇଁ ଯୁଦ୍ଧ କରୁନଥିଲେ । ଯେତେବେଳେ ତାଙ୍କ ଉପରେ ଆକ୍ରମଣ କରାଗଲା, ସେତେବେଳେ ସେମାନେ ଶାନ୍ତି ପ୍ରତିଷ୍ଠା ପାଇଁ ଯୁଦ୍ଧ କରିଛନ୍ତି । ପୁଣି ବିଜୟପ୍ରାପ୍ତ ବି ହେଉଥିଲା । ସେ ଯାହା ହେଉ ସେ କହିଲେ ଯେ ସେହି ସେନା ତାଙ୍କ ସମ୍ରାଟଙ୍କ ତରଫରୁ ଆସୁଛନ୍ତି ଏବଂ ତାଙ୍କର ଏପରି ଆକ୍ରମଣର ଧାରା ଏହିପରି ଲାଗି ରହିବ ଯେପର୍ଯ୍ୟନ୍ତ ଆପଣ ଏହାର ଅନୁମତି ନ ଦେଇଛନ୍ତି ଯେ, ସେଠାରେ ସୈନ୍ୟସଜ୍ଜା କରି ଇରାନ୍‌ର ସମ୍ରାଟକୁ ବଳପୂର୍ବକ ବିତାଡ଼ିତ କରି ଦିଆଯାଉ ଅର୍ଥାତ ତାକୁ ଦେଶରୁ ବାହାର କରିଦିଆଯାଉ । ଯଦ୍ୱାରା ଏପରି ବିପ୍ଳବ ବା ବିଦ୍ରୋହ ମୁଣ୍ଡ ଟେକିବ ନାହିଁ । ***(ମକାଲା 'ତାରିଖେ ଇସ୍‌ଲାମ୍...... ସୟଦ୍ ମୀର୍ ମେହ୍‌ମୁଦ୍ ସାହେବ ନାସିର୍, ପୃ-୧୩୬-୧୩୮) (ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୫୦୨-୫୦୩.....ବେରୁତ ୨୦୧୨)***

ହଜ୍‌ରତ୍ ଉମର୍ ର:ଅ ଏହି ରାୟର ସମର୍ଥନ କରିଥିଲେ ତଥାପି ଉକ୍ତ ରାୟକୁ ଯାହାକି ଉପସ୍ଥାପନ କରାଯାଇଥିଲା କାର୍ଯ୍ୟକାରୀ କରିବା ଅନୁମତି ପ୍ରଦାନ କରିନଥିଲେ ଏପରି କି ୨୧ ହିଜ୍‌ରୀରେ ହୋଇଥିବା ନିହାୱନ୍ଦ ଯୁଦ୍ଧ ପରେ ଏହି ଆଦେଶକୁ ପ୍ରଣୟନ କରିବାକୁ ଅନୁମତି ପ୍ରଦାନ କରିଥିଲେ । ନିହାୱନ୍ଦ ଯୁଦ୍ଧ ଏକ ଭୀଷଣ ଘମାସାନ ଯୁଦ୍ଧ ହୋଇଥିଲା ଯାହାକି ଇସ୍‌ଲାମ୍‌ର ତାରିଖରେ ଉଲ୍ଲେଖନୀୟ । ***(ମକାଲା 'ତାରିଖେ ଇସ୍‌ଲାମ୍...... ସୟଦ୍ ମୀର୍ ମେହ୍‌ମୁଦ୍ ସାହେବ ନାସିର୍, ପୃ-୧୩୮-୧୩୯)***

(କିଛି ଅଜ୍ଞ ଲୋକ ଏହି ପ୍ରଶ୍ନ ଉଠାଇଥାନ୍ତି ଯେ, ମୁସଲମାନମାନେ ଅଯଥାରେ ଯୁଦ୍ଧ ଲଢୁଥିଲେ ରକ୍ତ ବୁହାଉଥିଲେ ଏବଂ ସେହି ଲୋକମାନେ ଯେ, ଇସ୍‌ଲାମ୍ ଉପରେ ଆପତି କରିଥାନ୍ତି ଉଭୟଙ୍କର ଉତର ଆସିଗଲା ଯେ, ମୁସଲମାନମାନେ କଦାପି ଭୂମି ଅଧିକାର କରିବା ଉଦ୍ଦେଶ୍ୟରେ ଶତ୍ରୁ ସହିତ ଲଢୁନଥିଲେ ଯୁଦ୍ଧ କରୁନଥିଲେ କି ରକ୍ତ ବୁହାଉନଥିଲେ ବରଂ ସର୍ବଦା ଶାନ୍ତି ପ୍ରତିଷ୍ଠା ସକାଶେ ଯୁଦ୍ଧ କରୁଥିଲେ ଏବଂ ପ୍ରଭୁ ତାଙ୍କୁ ବିଜୟ ମଣ୍ଡିତ କରୁଥିଲେ) ।

ନିହାୱନ୍ଦ ଯୁଦ୍ଧର ଅନ୍ୟ ନାମ ଫତ୍‌ହୁଲ୍ ହୁତୁହୁ ମଧ୍ୟ ଅଟେ । ଇରାନ୍ ଓ ଇରାକ୍‌ରେ ମୁସଲମାନମାନଙ୍କର ଶତ୍ରୁ ସହିତ ତିନୋଟି ଯୁଦ୍ଧ ନିଷ୍ପତି ମୂଳକ ହୋଇଥିଲା । ଅର୍ଥାତ କାଦିସିୟା ଯୁଦ୍ଧ, ଜଲୁଲା ଯୁଦ୍ଧ ଏବଂ ନିହାୱନ୍ଦ ଯୁଦ୍ଧ । ନିହାୱନ୍ଦ ଯୁଦ୍ଧର ନାମ ଫତହୁଲ୍ ଫତାହ୍ ରଖାଯାଇଥିଲା । ମୁସଲମାନମାନେ ଏପରି ନାମକରଣ ଏଥିପାଇଁ କରିଥିଲେ ଯେ ଉକ୍ତ ଯୁଦ୍ଧର ପରିଣାମ ସମ୍ପୂର୍ଣ୍ଣ ରୂପେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା । ପ୍ରଥମ ଦୁଇଟି ଯୁଦ୍ଧରେ ପରାସ୍ତ ହେବା ପରେ ଇରାନୀମାନଙ୍କ ମନବଳ ଭାଙ୍ଗି ନଥିଲା କିନ୍ତୁ ଏହି ନହୱାନ୍ ଯୁଦ୍ଧରେ ପରାସ୍ତ ହେବାପାରେ ସେମାନେ ଆଉ ମୁସଲମାନମାନଙ୍କ ମୁକାବିଲାରେ ତିଷ୍ଠି ପାରିନଥିଲେ । ଇରାନ୍ ବିଜୟ ପରିପ୍ରେକ୍ଷୀରେ କାଦ୍‌ସିୟା ଜଲୁଲା ଓ ନେହୱାନ୍ଦ ଏହି ତିନୋଟି ଯୁଦ୍ଧ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା ।

ନେହୱାନ୍ଦ ଯୁଦ୍ଧ ଇରାନୀମାନଙ୍କର ମୁସଲମାନମାନଙ୍କ ବିରୁଦ୍ଧରେ ଶେଷ ପ୍ରୟାସ ଥିଲା । ନେହୱନ୍ଦ ସହର ହମଦାନ୍ ରାଜ୍ୟର ରାଜଧାନୀ, ହମ୍‌ଦାନ୍‌ଠାରୁ ପାଖାପାଖି ୭୦ କିଲୋମିଟର ଦକ୍ଷିଣ ଦିଗରେ ଅବସ୍ଥିତ ଥିଲା । ଇରାନ୍ ସମ୍ରାଟ ୟଜଦ୍‌ଜର୍ଦ ବେଶ୍ ବୀରତ୍ୱର ସହିତ ମୁସଲମାନମାନଙ୍କ ମୁକାବିଲାରେ ନିଜ ପତ୍ରମାଧ୍ୟମରେ ଖରାସାନ୍‌ରୁ ସିନ୍ଧ ପର୍ଯ୍ୟନ୍ତ ଆନ୍ଦୋଳିତ କରିଦେଇଥିଲା । ପ୍ରତ୍ୟେକ ଦିଗରୁ ଇରାନୀ ସେନା ଭୟଙ୍କର ତୋଫାନ ପରି ମାଡ଼ିଆସି ନେହୱନ୍ଦଠାରେ ଏକତ୍ରିତ ହୋଇଥିଲେ । ***(ଫୁତୁହୁଲ୍ ବୁଲ୍‌ଦାନ୍, ପୃ-୧୮୪ ଦାୁଲ୍‌କୁତୁବ୍ ୨୦୦୦) (ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୫୨୧ .....ବେରୁତ ୨୦୧୨) (ଅଖ୍‌ବାରୁତ୍ ତୁୱାଲ୍ ........ ପୃ-୧୯୨....... ବେରୁତ୍ ୨୦୦୧)***

ହଜ୍‌ରତ୍ ସାଆଦ୍ ର:ଅ ଏଥି ସଂକ୍ରାନ୍ତରେ ହଜ୍‌ରତ୍ ଉମର୍ ର:ଅଙ୍କୁ ସୁଚିତ କରିଥିଲେ ଏଥିରେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍‌ଙ୍କର ସ୍ଥାନରେ ହଜ୍‌ରତ୍ ଅମାର୍ ବିନ୍ ୟାସିର୍ ର:ଅଙ୍କୁ ମୁତୟନ କରି ତାଙ୍କୁ ସେହି ଗୁରୁ ଦାୟିତ୍ୱରୁ ମୁକ୍ତ କରିଥିଲେ । ତେବେ ଏଭଳି ସଂଙ୍କଟାପନ୍ନ ପରିସ୍ଥିତିରେ କି ପଦକ୍ଷେପ ନିଆଯିବ ସେଥିପାଇଁ ହଜ୍‌ରତ୍ ଉମର୍ ର:ଅ ମଦିନାରେ ଏକ ସାଧାରଣ ବୈଠକ ବିଶେଷ ସାହାବାମାନଙ୍କର ଡ଼କାଇଥିଲେ

ଏବଂ ସେମାନଙ୍କ ସହ ପରାମର୍ଶ କରିଥିଲେ । ସେଠାରେ ହଜ୍‌ରତ୍ ଉମର୍ ର:ଅ ମଂଚ ଉପରେ ଛିଡ଼ା ହୋଇ ଗୋଟିଏ ବକ୍ତୃତା ଦେଲେ ଏବଂ କହିଲେ, ହେ ଆରବ ଗୋଷ୍ଠୀ ! ଅଲ୍ଲାଃ ତାଲା ଇସ୍‌ଲାମ୍ ମାଧ୍ୟମରେ ତୁମର ସାହାଯ୍ୟ ସହଯୋଗ କଲେ ତୁମକୁ ଏକତ୍ରିତ କଲେ, ତୁମର ଭୋକ ଉପାସର ଦିନ ଦୂର କରି ପ୍ରଗତି ଓ ସମୃଦ୍ଧିର ଦିନ ତୁମ ପାଇଁ ଆଣିଦେଲେ ଯେଉଁ ଯୁଦ୍ଧ କ୍ଷେତ୍ରରେ ପାଦ ରଖିଲ ସେଠାରେ ପ୍ରଭୁ ତୁମକୁ ଜୟଯୁକ୍ତ କଲେ ଏପରି କି ନା କେବେ ତୁମେ ପରାସ୍ତ ହେଲ ନା ତୁମେ କେବେ ମଳିନ ପଡ଼ିଲ । ବର୍ତମାନ ସଇତାନ କିଛି ସେନା ଏକାଠି କରିଛି ଯଦ୍ୱାରା ସେ ପ୍ରଭୁଙ୍କ ପ୍ରକାଶକୁ ଲିଭାଇଦେବା ପାଇଁ ଉଦ୍ୟମ କରୁଛି ଏବଂ ଏକଥା ଅମାର୍ ବିନ୍ ୟାସିର୍‌ଙ୍କ ତାଙ୍କ ଚିଠିରେ ଲେଖିଛନ୍ତି ଯେ, କୁମିସ୍, ତବରିସ୍ତାନ, ଦୁମ୍ବାୱନ୍ଦ, ଜୁର୍‌ଜାନ୍, ଅସ୍‌ଫହାନ୍, କୁମ୍, ହମ୍‌ଜାନ୍, ମାହେନ୍ ଏବଂ ମାସବ୍‌ଜାନ୍‌ର ନିବାସୀ ନିଜ ସମ୍ରାଟଙ୍କ ନିକଟରେ ଏକତ୍ରିତ ହୋଇଯାଇଛନ୍ତି ଯଦ୍ୱାରା ସେମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ ଲଢ଼ିବେ ଓ ମୁସଲମାନମାନଙ୍କୁ ନିଜ ଦେଶରୁ ବିତାଡ଼ିତ କରିଦେବେ । ଏପରି କି, ତୁମମାନଙ୍କ ଦେଶ ଉପରେ ଆକ୍ରମଣ କରି ତାହାକୁ ଅଧିକାର କରିବା ଯୋଜନାରେ ମାତିଛନ୍ତି । ଏହି ପ୍ରସଙ୍ଗରେ ମୋତେ ପରାମର୍ଶ ଦିଅ । ***(ଅଖ୍‌ବାରୁତ୍ ତୁୱାଲ୍ ........ ପୃ-୧୯୨....... ବେରୁତ୍ ୨୦୦୧)***

ଏହା ଏକ ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗ ପାରସ୍ପରିକ ମତପାର୍ଥକ୍ୟଠାରୁ ଅଲଗା ହୋଇ ସଂକ୍ଷିପ୍ତ ପରାମର୍ଶ ଦିଅ । ହଜ୍‌ରତ୍ ଉମର୍ ର:ଅଙ୍କ ଏହି ଅଭିଭାଷଣ ପରେ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର:ଅ ଛିଡ଼ା ହେଲେ ଏବଂ ତଶ୍‌ହୁଦ୍ ପାଠ କରି କହିଲେ, ହେ ଅମୀରୁଲ୍ ମୁମିନିନ୍ ଦେଶ ଶାସନ କରିବା ଦ୍ୱାରା ଆପଣ ବେଶ୍ ବୁଦ୍ଧିମାନ ପାଲଟି ଯାଇଛନ୍ତି ଏବଂ ଅଭିଜ୍ଞତା ଆପଣଙ୍କୁ ଚତୁର କରିଦେଇଛି । ଆପଣ ଯାହାବି ନିର୍ଦ୍ଦେଶ ଦେବେ ଆମେ ତାହାର ପାଳନ କରିବୁ ଆମେ ଆପଣଙ୍କ ସାଥିରେ ଅଛୁ । ଆପଣ ଆମକୁ ଆଦେଶ ଦିଅନ୍ତୁ ଆମେ ଆଜ୍ଞାପାଳନ କରିବୁ । ଆପଣ ଆମକୁ ପ୍ରେରଣ କରନ୍ତୁ ଆମେ ବାହାରି ପଡ଼ିବୁ । ଆପଣ ନିଜ ସାଥିରେ ଆମକୁ ଯୁଆଡ଼େ ନେଇଯିବାକୁ ଚାହୁଁଛନ୍ତି ନେଇ ଯାଆନ୍ତୁ, ଆମେ ଆପଣଙ୍କ ପଛ ଧରିବୁ । ଆପଣ ହିଁ ଯାହା ନିଷ୍ପତି ନେବେ ତାହା ନେଇ ନିଅନ୍ତୁ କାରଣ ଆପଣ ହେଉଛନ୍ତି ଅନୁଭବୀ ଓ ପାରଦର୍ଶୀ । ଏହା କହି ତଲ୍‌ହା ବସିପଡ଼ିଲେ । ହଜ୍‌ରତ୍ ଉମର୍ ର:ଅ କହିଲେ, ଲୋକମାନେ କିଛି କୁହ, ମତେ ପରାମର୍ଶ ଦିଅ । କାରଣ ଆଜି ଏପରି ଅବସର ଯାହାର ପରିଣାମ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଭ୍ୟାହତ ରହିବ ଅର୍ଥାତ ସ୍ଥିରକୃତ ରହିବ । ଉକ୍ତ ବୈଠକରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଉପସ୍ଥିତ ଥିଲେ, ସେ ଛିଡ଼ା ହୋଇ କହିଲେ ହେ ଅମୀରୁଲ୍ ମୁମିନିନ୍ ! ମୋର ରାୟ ହେଉଛି ଏହା କି ଆପଣ ସିରିଆ ଓ ୟମନ୍‌କୁ ଏହି ନିର୍ଦ୍ଦେଶ ପଠାଇ ଦିଅନ୍ତୁ ଯେ ସେଠିକାର ଇସ୍‌ଲାମୀୟ ସେନା ଇରାନ୍ ଆଡ଼କୁ ବାହାରି ଯାଆନ୍ତୁ । ***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୫୨୩-୫୨୪.....ବେରୁତ ୨୦୧୨)*** ସେହିପରି ବସ୍‌ରାର ସେନାକୁ ନିର୍ଦ୍ଦେଶ ଦିଅନ୍ତୁ ଯେ ସେଠାରୁ ସେନା ବାହାରି ପଡ଼ନ୍ତୁ ଏବଂ ଆପଣ ଏଠାରୁ ହଜାଜ୍‌ର ସେନାକୁ ସାଥିରେ ଧରି କୁଫା ଆଡ଼କୁ ବାହାରି ପଡ଼ନ୍ତୁ । ***ଅଖ୍‌ବାରୁତ୍ ତୁୱାଲ୍ ........ ପୃ-୧୯୩....... ବେରୁତ୍ ୨୦୦୧)*** ଏହା ଦ୍ୱାରା ଶତୃପକ୍ଷଙ୍କ ସଂଖ୍ୟା ବିଷୟରେ ଆପଣଙ୍କର ଯେଉଁ ବିପଦର ସମ୍ଭାବନା ରହିଛି, ତାହା ଦୂର ହୋଇଯିବ । ..........

***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୫୨୪ .....ବେରୁତ ୨୦୧୨)***

ଯଦିଚ ଅନ୍ୟ ସାହାବାମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଏହି ରାୟକୁ ସ୍ୱାଗତ ଜଣାଇଥିଲେ ଓ ସହମତି ପ୍ରକାଶ କରିଥିଲେ ତଥାପି ହଜ୍‌ରତ୍ ଉମର୍ ର:ଅ ଆହୁରି ପରାମର୍ଶ ଲୋକଙ୍କଠାରୁ ଲୋଡ଼ିଥିଲେ । ଏଥିରେ ହଜ୍‌ରତ୍ ଅଲୀ ର:ଅ ଛିଡ଼ା ହେଲେ ଏବଂ ଲମ୍ବା ବକ୍ତୃତା ଦେଇ କହିଲେ, ହେ ଅମୀରୁଲ୍ ମୁମିନିନ୍ ଜଦି ଆପଣ ସିରିୟାର ସେନାକୁ ସେଠାରୁ ହଟି ଯିବାକୁ ଆଦେଶ ଦିଅନ୍ତି ତେବେ ତାହାକୁ ରୋମିମାନେ ନିଜ ଅଧିନ କରିନେବେ ଯଦି ୟମନ୍‌ରୁ ଇସ୍‌ଲାମୀ ସେନାକୁ ହଠାଇ ଦିଆଯାଏ ତେବେ ହବ୍‌ସା ନିଜର ପ୍ରଭାବ ବିସ୍ତାର କରିନେବ, ପୁଣି ଯଦି ଆପଣ ସ୍ୱୟମ ଯୁଦ୍ଧ ପାଇଁ ପ୍ରସ୍ଥାନ କରିଯାଆନ୍ତି ତେବେ ପ୍ରତ୍ୟେକ ମୁସଲମାନ ଆପଣଙ୍କ ସାଥିରେ ଯିବାପାଇଁ ଅଂଟା ଭିଡ଼ିବ ଏବଂ ପ୍ରତ୍ୟେକ ସ୍ଥାନରୁ ମୁସଲମାନମାନେ ଆପଣଙ୍କ ସହିତ ସମ୍ମିଳିତ ହୋଇଯିବେ ଫଳତଃ ଏ ଇଲାକା ଖାଲି ହୋଇଯାଇ ଏଠାରେ ଏକ ବଡ଼ ଭୟଙ୍କର ପରିସ୍ଥିତି ଉପୁଜିବ । ସୁତରାଂ ଆପଣ ମୁସଲମାନ ରାଜ୍ୟମାନଙ୍କୁ ଏହି ସନ୍ଦେଶ ପ୍ରେରଣ କରିଦିଅନ୍ତୁ ଯେ, ସେମାନେ ନିଜ ସେନା ବାହିନୀରୁ ଗୋଟିଏ ଗୋଟିଏ ଦଳ ଇରାନ୍ ଅଭିମୁଖେ ପ୍ରେରଣ କରିଦେବେ ଏବଂ ବଳକା ସୈନ୍ୟକୁ ନିଜ ନିଜ ଅଂଚଳରେ ସୁରକ୍ଷା ଦାୟିତ୍ୱରେ ମୁତୟନ ରଖିବେ ଯଦ୍ୱାରା ଉକ୍ତ ଇଲାକାରେ ମଧ୍ୟ ବିରୋଧ ବା ବିଦ୍ରୋହ ମୁଣ୍ଡ ଟେକିବ ନାହିଁ । ବିଦ୍ରୋହର ସୁତ୍ରପାତ ହେବାନାହିଁ କି ଶତ୍ରୁ ତାହା ପାଇଁ ସତ୍ ସାହାସ ଜୁଟାଇ ପାରିବ ନାହିଁ କି ସନ୍ଧି ଭଙ୍ଗ ହେବନାହିଁ । ଆଉ ଗୋଟିଏ ଦଳ କୁଫା ବାସୀଙ୍କ ସହାୟତା ପାଇଁ ପ୍ରେରଣ କରିଦିଅନ୍ତୁ । ସେହିପରି ସିରିୟାରେ ମୁତୟନ ମୁସଲମାନ ସେନାକୁ ଲେଖି ଦିଅନ୍ତୁ ଯେ, ସେନାର ଦୁଇ ଦଳ ସିରିୟରେ ହିଁ ମୁତୟନ ରହିବେ ଏବଂ ଗୋଟିଏ ଦଳ ଇରାନ୍ ଆଡ଼କୁ ପ୍ରେରଣ କରିଦିଅନ୍ତୁ ।

***(ଅଖ୍‌ବାରୁତ୍ ତୁୱାଲ୍ ........ ପୃ-୧୯୩....... ବେରୁତ୍ ୨୦୦୧)***

କିନ୍ତୁ ଆପଣ ସ୍ୱୟମ ରଣକ୍ଷେତ୍ରକୁ ଯାଆନ୍ତୁ ନାହିଁ କାରଣ ଆପଣ ଏକ ମାଳ ସଦୃଶ ଯେଉଁଥିରେ ସୁନ୍ଦର ସୁନ୍ଦର ମୋତି ଗୁନ୍ଥା ହୋଇ ରହିଛି ଯଦି ମାଳଟି ଖୋଲିଯାଏ ତେବେ ମୋତି ଗୁଡ଼ିକ ବିଛୁରିତ ହୋଇଯିବ ତାହାର ସୌନ୍ଦର୍ଯ୍ୟ ଭଙ୍ଗ ହେବ । ପୁନଶ୍ଚ ଯଦି ଇରାନୀମାନଙ୍କୁ ଜ୍ଞାତ ହୁଏ ଯେ, ଆରବର ଖଲିଫା ସ୍ୱୟମ ରଣକ୍ଷେତ୍ରକୁ ଆସିଛନ୍ତି ତେବେ ସେମାନେ ନିଜର ସମସ୍ତ ଶକ୍ତି ବିନିଯୋଗ କରି ମୁକାବିଲା କରିବେ, ଆପଣଙ୍କ ଶତ୍ରୁ ସେନାର ଯେଉଁ ସୁଚନା ମିଳିଛି ତେବେ ପରମେଶ୍ୱର ଆପଣଙ୍କ ନକଲ ହର୍‌କତ୍ ତୁଳନାରେ ଶତ୍ରୁର ନକଲ ହର୍‌କତ୍‌କୁ ଖୁବ୍ ନାପସନ୍ଦ କରନ୍ତି ଏବଂ ଯେଉଁ ପଦାର୍ଥକୁ ସେ ଅର୍ଥାତ ପ୍ରଭୁ ନା ପସନ୍ଦ କରନ୍ତି ତାହାକୁ ସେ ପରିବର୍ତନ କରିଦେବା ପାଇଁ ପୂର୍ଣ୍ଣ ସକ୍ଷମ ଏବଂ ଆପଣ ଶତ୍ରୁର ସଂଖ୍ୟା ବିଶାଳ ହେବାର ଯେଉଁ କଥା କହିଲେ, ତେବେ ସ୍ମରଣ ରହୁ ଯେ, ଅତିତରେ ଆମେ ସଂଖ୍ୟା ଗରିଷ୍ଠତା ଯୋଗୁଁ ଯୁଦ୍ଧ ଲଢ଼ିନଥିଲେ କି, ଯୁଦ୍ଧରେ ବିଜୟ ଲାଭ କରିନଥିଲେ ବରଂ ପ୍ରଭୁଙ୍କ ସାହାଯ୍ୟ ଓ ଅନୁକମ୍ପାରେ ଯୁଦ୍ଧରେ ବିଜୟ ମଣ୍ଡିତ ହୋଇ ଆସୁଅଛେ । ଆମର ବିଜୟପ୍ରାପ୍ତ ହେବା ସେନାର ସଂଖ୍ୟା ଉପରେ ନିର୍ଭର କରିନଥାଏ ଏହା ତ ପ୍ରଭୁଙ୍କ ଧର୍ମ ଓ ଏହା ହେଉଛି ତାଙ୍କର ସେନା ବାହିନୀ ଯାହାର ସେ ଦେବଦୂତଙ୍କ ମାଧ୍ୟମରେ ସାହାଯ୍ୟ ସହଯୋଗ କରୁଛନ୍ତି । ଆମ ସହିତ ପ୍ରଭୁଙ୍କ ପ୍ରତିଶୃତି ରହିଛି ଯାହାର ସେ ନିଶ୍ଚିତ ରକ୍ଷା କରିବେ । ହଜ୍‌ରତ୍ ଉମର୍ ର:ଅ କହିଲେ, ହଁ ତାହା ତ ଠିକ୍ ଯଦି ମୁଁ ସ୍ୱୟମ ଏହି ଅଭିଯାନରେ ବାହାରି ପଡ଼େ ତା'ହେଲେ ପ୍ରତ୍ୟେକ ଦିଗରୁ ମୁସଲମାନମାନଙ୍କର ମୋ ସହିତ ସୁଅ ଛୁଟି ଯିବ । ଅପରପକ୍ଷରେ ଇରାନୀ ନିଜ ସାଥି ପଡ଼ୋଶୀମାନଙ୍କ ସାହାଯ୍ୟ ନେଇ ନିଜର ପୂର୍ଣ୍ଣ ସାମର୍ଥ୍ୟକୁ ବିନିଯୋଗ କରିଦେବେ ଓ ଯୁଦ୍ଧ ଲଢ଼ିବେ ଏବଂ ଏହା କହିବେ, ଯେ ଆରବ ହାକିମ୍ ସ୍ୱୟମ ରଣକ୍ଷେତ୍ରକୁ ଆସିଛି ଯଦି ଆମେ ଆଜି ୟାଙ୍କୁ ପରାସ୍ତ କରିଦେବା ତେବେ ସମଗ୍ର ଆରବ ଆମ ହାତମୁଠାକୁ ଚାଲି ଆସିବ ଓ ଆମେ ସମଗ୍ର ଆରବବାସୀଙ୍କୁ ଆମେ ପରାସ୍ତ କରିଦେବା । ତେଣୁ ମୋର ରଣକ୍ଷେତ୍ରକୁ ଯିବା ଠିକ୍ ହେବ ନାହିଁ । ଆପଣମାନେ ମତେ ପରାମର୍ଶ ଦିଅନ୍ତୁ ଯେ ଆମେ ଏବେ କାହାକୁ ସେନାଧ୍ୟକ୍ଷ କରିବା ? କିନ୍ତୁ ଏଭଳି ବ୍ୟକ୍ତିର ନାମାଙ୍କନ କରନ୍ତୁ ଯିଏ ଇରାକ୍‌ର ଯୁଦ୍ଧରେ ସାମିଲ ରହିଥିବ ଯାହାର ଉକ୍ତ ଅଂଚଳ ଓ ସେଠାକାର ଜଳବାୟୁ ଉପରେ ଅଭିଜ୍ଞତା ଥିବ । ଯୁଦ୍ଧ ଉପରେ ଅଭିଜ୍ଞତା ଥିବ । ଲୋକମାନେ କହିଲେ, ତେବେ ଏ ପରିପ୍ରେକ୍ଷୀରେ ଆପଣ ସ୍ୱୟମ ବେଶ୍ ଭଲ ଭାବରେ ଚିନ୍ତା ବିଚାର କରି ଚୟନ କରିପାରିବେ ସେଠାରୁ ସମୟେ ସମୟେ ପ୍ରତିନିଧି ମଣ୍ଡଳ ଆପଣଙ୍କ ନିକଟକୁ ଆସୁଛନ୍ତି ଓ ଆପଣ ସେମାନଙ୍କ ସହ ସାକ୍ଷାତ କରୁଛନ୍ତି ଓ ଆପଣ ସେମାନଙ୍କୁ ପରଖୁଛନ୍ତି ।

***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୪.... ବେରୁତ ୨୦୧୨)***

ଅତଏବ ହଜ୍‌ରତ୍ ଉମର୍ ର:ଅଙ୍କ ଦୂରଦର୍ଶିତା ହଜ୍‌ରତ୍ ନୁମାନ୍ ବିନ୍ ମକ୍‌ରନ୍‌ଙ୍କୁ ଏଥିପାଇଁ ଉଚିତ ମଣିଲା ଓ ଆପଣ ର:ଅ ତାଙ୍କର ଚୟନ କଲେ ଯେ କି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପୂରାତନ ସାହାବି ମଧ୍ୟରୁ ଜଣେ ଥିଲେ ଅର୍ଥାତ ହଜ୍‌ରତ୍ ନୁମାନ୍ ବିନ୍ ମକର୍‌ନ୍ ।

***(ଅଖ୍‌ବାରୁତ୍ ତୁୱାଲ୍ ........ ପୃ-୧୯୩....... ବେରୁତ୍ ୨୦୦୧)***

ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ନୁମାନ୍ ର:ଅ ମସ୍‌ଜିଦ୍‌ରେ ନମାଜ ପାଠ କରୁଥିଲେ ଯେ, ହଜ୍‌ରତ୍ ଉମର୍ ର:ଅଙ୍କର ଆଗମନ ହେଲା ତାଙ୍କୁ ଦେଖି ସେ ହଜ୍‌ରତ୍ ନୁମାନ୍‌ଙ୍କ ନିକଟରେ ଯାଇ ବସିଲେ, ଯେତେବେଳେ ତାଙ୍କର ନମାଜ ସମାପ୍ତ ହେଲା, ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ, ମୁଁ ତୁମକୁ ଗୋଟିଏ ଗୁରୁଦାୟିତ୍ୱ ପ୍ରଦାନ କରିବାକୁ ଚାହୁଁଛି । ହଜ୍‌ରତ୍ ନୁମାନ୍ ଉତର ଦେଲେ ଯଦି କୌଣସି ସେନା ଅଭିଯାନରେ ପ୍ରେରଣ କରିବାକୁ ଚାହୁଁଛନ୍ତି ତେବେ ମୁଁ ପ୍ରସ୍ତୁତ ଅଛି କିନ୍ତୁ ଯଦି ଟିକସ ଆଦାୟ କରିବା କାର୍ଯ୍ୟଭାର ଦବାକୁ ଚାହୁଁଛନ୍ତି ତେବେ ତାହା ମତେ ପସନ୍ଦ ନୁହେଁ । ହଜ୍‌ରତ୍ ଉମର୍ ର:ଅ କହିଲେ, ନା ମୁଁ ତୁମକୁ ଏକ ସେନା ପଦବୀରେ ନିଯୁକ୍ତ କରିବାକୁ ଚାହୁଁଛି । ***(ଫୁତୁହୁଲ୍ ବୁଲ୍‌ଦାନ୍, ପୃ-୧୮୩........ ବେରୁତ ୨୦୦୦)***

କିନ୍ତୁ ଯାହା ଅଧିକ ପ୍ରଜୁର୍ଯ୍ୟ ମନେ ହେଉଛି ତାହା ତବ୍‌ରୀର ବର୍ଣ୍ଣନା ଅଟେ । ତେବେ ତିବ୍‌ରୀରେ ଉଲ୍ଲେଖ ରହିଛି ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି, ଯେ ନୁମାନ୍ ର:ଅ କସ୍‌କର୍ ଅଂଚଳର ଆମିଲ ପଦବୀରେ ନିଯୁକ୍ତ ଥିଲେ । ସେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପତ୍ର ଲେଖିଲେ ଯେ ହଜ୍‌ରତ୍ ସାଆଦ୍ ମତେ ଖଜଣା ଆଦାୟ ଦାୟିତ୍ୱରେ ମୃତୟନ କରିଛନ୍ତି କିନ୍ତୁ ମତେ ଜିହାଦ୍ କରିବାପାଇଁ ଭଲ ଲାଗେ, ଅତଏବ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍‌ଙ୍କୁ ପତ୍ର ଲେଖିଲେ ଯେ ହଜ୍‌ରତ୍ ନୁମାନ୍ ମତେ ପତ୍ର ଲେଖି ଜଣାଇଛନ୍ତି କି ହଜ୍‌ରତ୍ ସାଆଦ୍ ମତେ ଖଜଣା ଆଦାୟ କରିବା ଦାୟିତ୍ୱରେ ମୃତୟନ କରିଛନ୍ତି ଯେବେ କି ତାଙ୍କୁ ଏ କାର୍ଯ୍ୟ ପସନ୍ଦ ନୁହେଁ । ମୋର ଆଦେଶ ଆପଣଙ୍କୁ ଏଥିରେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍‌ଙ୍କୁ ପତ୍ର ପ୍ରେରଣ କଲେ ଯେ, ମୋର ଆଦେଶ ଆପଣ ତାଙ୍କୁ ନେହୱନ୍ଦର ଗୁରୁତ୍ୱପୂର୍ଣ୍ଣଯୁଦ୍ଧ ପାଇଁ ପ୍ରେରଣ କରିଦିଅନ୍ତୁ । ମୁଁ ତାଙ୍କୁ ଏହି ଅଭିଯାନରେ ମୁଖିଆ ପଦବୀରେ ନିଯୁକ୍ତ କରୁଛି । ତାଙ୍କୁ ଶତ୍ରୁର ମୁକାବିଲା କରିବାପାଇଁ ପ୍ରେରଣ କରିଦିଅନ୍ତୁ । ସେତେବେଳେ ସେ କୁଫାରେ ଥିଲେ । ଏହି ପତ୍ର ମଧ୍ୟ ଏହା ପ୍ରମାଣିତ କରୁଛି ଯେ, ସେ ମସ୍‌ଜିଦ୍‌ରେ ନଥିଲେ ।

ଯେପରି କି ପୂର୍ବ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଅଛି । ଏବଂ ସେହି ପତ୍ରରେ ହଜ୍‌ରତ୍ ଉମର୍ ର:ଅ ଲେଖିଲେ ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍‌ରହିମ୍ । ଏହି ଚିଠିଟି ନୁମାନ୍ ବିନ୍ ମକ୍‌ରିନ୍‌ଙ୍କ ନାମରେ ଲେଖାଯାଉଅଛି । ସଲାମ୍ ଆଲୈକ୍ । ପ୍ରଭୁ ଆପଣଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖିଥାନ୍ତୁ ସେଥିଅନ୍ତେ ଲେଖିଲେ, ସକଳ ପ୍ରଶଂସା ସେହି ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ଯାହାଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନୁହନ୍ତି । ମତେ ଖବର ମିଳିଛି ଯେ ଇରାନୀମାନେ ତୁମ ମୁକାବିଲା ପାଇଁ ନେହଓ୍ୱନ୍ଦ ସହରରେ ଏକ ବିଶାଳ ସେନାବାହିନୀ ଏକତ୍ରିତ କରିଛନ୍ତି । ମୋର ପତ୍ର ତୁମକୁ ହସ୍ତଗତ ହେବା ମାତ୍ରେ ତୁମେ ପ୍ରଭୁଙ୍କ ଆଦେଶ ଓ ତାଙ୍କ ସାହାଯ୍ୟ ସହଯୋଗ କ୍ରମେ ମୁସଲମାନ ସେନାକୁ ସାଥିରେ ନେଇ ବାହାରି ଯିବ କିନ୍ତୁ ତାଙ୍କୁ ଏଭଳି ଶୁଷ୍କ ଅଂଚଳରେ ପର୍ଦାପଣ କରାଇବ ନାହିଁ ଯେଉଁ ସ୍ଥଳେ ଚାଲିବା ଦୁଃସାଧ ହୋଇଥିବ । ସେମାନଙ୍କ ଅଧିକାର ସେମାନଙ୍କୁ ପ୍ରଦନା କରିବାରେ କୁଣ୍ଠାବୋଧ କରିବନାହିଁ ନଚେତ ସେମାନେ ଅକୃତଜ୍ଞ ହୋଇଯିବେ ନା ସେମାନଙ୍କୁ କୌଣସି ପଙ୍କ କାଦୁଅରେ ନିବିଷ୍ଟ କରାଅ । କାରଣ ଜଣେ ମୁସଲମାନ ମତେ ଏକଲକ୍ଷ ଦୀନାର୍‌ରୁ ଅଧିକ ପ୍ରୀୟ । ଓ୍ୱସ୍‌ସଲାମୁ ଆଲୈକ୍ ।

ଏହି ଆଦେଶର ପାଳନ କରି ହଜ୍‌ରତ୍ ନୁମାନ ର:ଅ ଶତ୍ରୁଙ୍କ ସହିତ ମୁକାବିଲା କରିବା ନିମନ୍ତେ ବାହାରି ପଡ଼ିଲେ । ତାଙ୍କ ସାଥିରେ କେତେକ ପ୍ରଶିଦ୍ଧ ଓ ବୀର ମୁସଲମାନ ମଧ୍ୟ ଏହି ଯୁଦ୍ଧରେ ସାମିଲ ଥିଲେ । ଉଦାହରଣ ସ୍ୱରୁପ ହୁଜୈଫା ବିନ୍ ୟମାନ୍, ଇବ୍‌ନେ ଉମର, ଜରିର୍ ବିନ୍ ଅବ୍‌ଦୁଲ୍ଲାଃ ବଜଲ୍ଲି, ମୁଗିରା ବିନ୍ ଶୁୟେବାଃ, ଅମ୍‌ରୋ ବିନ୍ ମାଦି କରିବ୍, ତୁଲୈହା ବିନ୍ ଖୁଓ୍ୱେଲଦ୍ ଅସଦି ଏବଂ କୈସ୍ ବିନ୍ ମକ୍‌ଶୁହ୍ ଥିଲେ ।

ହଜ୍‌ରତ୍ ଉମର୍ ର:ଅ ନିର୍ଦ୍ଦେଶ ଦେଇଥିଲେ ଯେ ଯଦି ନୁମାନ୍ ର:ଅ ଶହୀଦ ହୋଇଯାଆନ୍ତି ତେବେ ହୁଜୈଫା ବିନ୍ ୟମାନ୍ ସେନାଧ୍ୟକ୍ଷ ହେବେ । ଯଦି ସେ ଶହୀଦ ହୋଇଯାଆନ୍ତି ତେବେ ତାଙ୍କ ଅନ୍ତେ ଜରିର୍ ବିନ୍ ଅବ୍‌ଦୁଲ୍ଲାଃ ବଜ୍‌ଲ୍ଲି ତାଙ୍କ ସ୍ଥାନରେ ମୃତୟନ ରହିବେ । ତାଙ୍କ ଅନ୍ତେ ମୁଗୈରା ବିନ୍ ଶୈବାଃ ର:ଅ ମୃତୟନ ହେବେ ଯଦି ସେ ଶହୀଦ୍ ହୋଇଯାନ୍ତି ତେବେ ତାଙ୍କ ଅନ୍ତେ ଅଶ୍‌ଅତ୍ ବିନ୍ କୈସ୍ ଅମୀର ଦାୟିତ୍ୱ ତୁଲାଇବେ । ଅର୍ଥାତ ସେନାଧ୍ୟକ୍ଷ ହେବେ ଅମ୍‌ରୋ ବିନ୍ ମାଦି କର୍‌ବ୍ ଏବଂ ତୁହୈଲା ବିନ୍ ଖୁଓ୍ୱେଲଦ୍ ଏହି ଦୁଇଜଣ ତୁମ ସାଥିରେ ଅଛନ୍ତି । ଏମାନେ ଆରବର ପ୍ରଶିଦ୍ଧ ଘୋଡ଼ା ଚାଳକ, ଏମାନଙ୍କଠାରୁ ଯୁଦ୍ଧ ପ୍ରସଙ୍ଗରେ ପରାମର୍ଶ ନେଉଥିବ । କିନ୍ତୁ ଏମାନଙ୍କୁ ଅଫିସର ମୃତୟନ କରିବ ନାହିଁ । ***(ତାରିଖୁଲ୍ ତୁଓ୍ୱାଲ୍...... ପୃ-୧୯୪.... ବେରୁତ ୨୦୦୧)***

ହଜ୍‌ରତ୍ ନୁମାନ୍ ର:ଅ ନିଜ ଗୁପ୍ତଚର ମାଧ୍ୟମରେ ଖବର ପ୍ରାପ୍ତ କରିନେଲେ ଯେ ନେହଓ୍ୱନ୍ଦ ପର୍ଯ୍ୟନ୍ତ ମାର୍ଗ ପରିଷ୍କାର ରହିଛି । ଐତିହାସିକବିତ୍‌ମାନେ ଇରାନୀ ସେନାଙ୍କ ସଂଖ୍ୟା ୬୦ ହଜାର ଥିବାର ଉଲ୍ଲେଖ କରିଛନ୍ତି ଯଦିଓ ଏହି ସଂଖ୍ୟା ବୁଖାରୀରେ ୪୦ ହଜାର ଦର୍ଶା ଯାଇଛି । ***(ସହି ବୁଖାରୀ, କିତାବୁଲ୍ ଜଜ୍‌ୟା....୩୧୫୯)***

ଶତ୍ରୁର ଡ଼ାକରାରେ ଆଲୋଚନା କରିବା ସକାଶେ ହଜ୍‌ରତ୍ ମୁଗୈରା ବିନ୍ ସୈବା ସେମାନଙ୍କ ନିକଟକୁ ଚାଲିଯାଇଥିଲେ । ଇରାନୀମାନେ ଅତି ଆଡ଼ମ୍ବରପୂର୍ଣ୍ଣ ଆୟୋଜନ ମଧ୍ୟ କରିଥିଲେ ଏବଂ ଇରାନୀ ସେନାଧ୍ୟକ୍ଷ ନିଜ ଚିରାଚରିତ ଆଚରଣ ଅନୁଯାୟୀ ଆରବବାସୀଙ୍କ ଜୀବନ ଶୈଳୀର ଆଲୋଚନ କରି ଆରବୀୟମାନଙ୍କର ପରିହାସ କରିଥିଲା ଏବଂ କହିଲା ମୁଁ ନିଜ ବୀର ସେନାପତି ମାନଙ୍କୁ ଯେ ମୋ ଚତୁଃପାର୍ଶ୍ୱରେ ବସି ରହିଛନ୍ତି ତୁମକୁ ହତ୍ୟା କରିବାପାଇଁ ଏଥି ସକାଶେ ନିର୍ଦ୍ଦେଶ ଦେଉନାହିଁ କାରଣ ତୁମମାନଙ୍କର ଅପବିତ୍ର ଶରୀର ଦ୍ୱାରା ସେମାନଙ୍କ ଅସ୍ତ୍ରଶସ୍ତ୍ର ଅପବିତ୍ର ନ ହୋଇଯାଉ । ନଉଜୁବିଲ୍ଲାଃ । ଯଦି ବର୍ତମାନ ମଧ୍ୟ ତୁମେମାନେ ଏଠାରୁ ଫେରିଯାଅ ତେବେ ଆମେ ତୁମକୁ କ୍ଷମା ଦେବୁ ନଚେତ ରଣକ୍ଷେତ୍ରରେ କେବଳ ତୁମମାନଙ୍କର ମରଶରୀର ହିଁ ଦୃଶ୍ୟମାନ ହେବ । ଶତ୍ରୁର ଏହି ହାସ୍ୟାତ୍ମକ ଉକ୍ତି ତାଙ୍କ ଉପରେ ତିଳେମାତ୍ର ପ୍ରଭାବ ପକାଇନଥିଲା । ଅର୍ଥାତ ତାଙ୍କୁ ଭୟଭୀତ କରିନଥିଲା । ବରଂ ପ୍ରତ୍ୟୁତରରେ ହଜ୍‌ରତ୍ ମୁଗୈରା ବିନ୍ ସୈବା କହିଲେ, ସେ ସମୟ ଅତିବାହିତ ହୋଇଯାଇଛି ଯେତେବେଳେ ତୁମେ ନିଜର ବୈଭବ୍ୟ ଦେଖାଇ ଆମକୁ ତୁଚ୍ଛ ମଣୁଥିଲ । ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଆବିର୍ଭାବ ପରେ ଆରବର ନକ୍‌ସା ହିଁ ବଦଳିଯାଇଛି ।

ସେ ଯାହା ହେଉ ନା କାହିଁକି ଏହି ସାକ୍ଷାତ ସଫଳ ହେଲାନାହିଁ । ଅର୍ଥାତ ଉଭୟ ସୈନ୍ୟଦଳର ଚୁକ୍ତି ପାଇଁ ଯେଉଁ ବୈଠକ ଓ ଆଲୋଚନା କରିଥେଲେ ତାହା ସଫଳ ହେଲା ନାହିଁ । ଯୁଦ୍ଧର ବିଭିଷୀକା ଆରମ୍ଭ ହୋଇଯାଇଥିଲା ଏବଂ ରଣକ୍ଷେତ୍ର ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟ ଦାୟକ ପାଲଟିଥିଲା । କାରଣ ଶତ୍ରୁ ସୁଡ଼ଙ୍ଗ, ଦୁର୍ଗ ଓ ଅଟ୍ଟାଳିକା ମାନଙ୍କରେ ସୁରକ୍ଷିତ ହୋଇ ହଠାତ୍ ମୁସଲମାନମାନଙ୍କ ଉପରେ ମଝିରେ ମଝିରେ ଆକ୍ରମଣ କରିଦେଉଥିଲା । ଯେତେବେଳେ କି ମୁସଲମାନମାନେ ଖୋଲା ପଡ଼ିଆରେ ରହିଥିଲେ । ଶତ୍ରୁ ସୁଯୋଗ ପାଇଁ ଦୁର୍ଗ ଭିତରୁ ବାହାରି ଆସୁଥିଲା ଓ ମୁସଲମାନମାନଙ୍କ ଉପରେ ହଠାତ୍ ଆକ୍ରମଣ କରିଦେଉଥିଲେ ।

***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୬.... ବେରୁତ ୨୦୧୨)***

ଅସ୍ତ୍ରଶସ୍ତ୍ର ଦୃଷ୍ଟିକୋଣରୁ ଶତ୍ରୁର ଅବସ୍ଥା ଏକ ବର୍ଣ୍ଣନା ଅନୁଯାୟୀ ଏପରି ଥିଲା ଯେ, ଗୋଟିଏ ସ୍ଥାନରୁ ସେମାନେ ଅତିକ୍ରମ କଲାବେଳେ ଏପରି ଲାଗୁଥିଲା ଯେପରି ଲୌହର ଏକ ପର୍ବତ ରହିଛି ।

***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୦.... ବେରୁତ ୨୦୧୨)***

ଏହି ଅବସ୍ଥାକୁ ଦେଖି ଇସ୍‌ଲାମୀୟ ସେନାର ସେନାଧ୍ୟକ୍ଷ ହଜ୍‌ରତ୍ ନୁମାନ୍ ବିନ୍ ମକ୍‌ରନ୍ ଏକ ପରାମର୍ଶ ସଭା ଆୟୋଜନ କଲେ ଯେଉଁଥିରେ ସେନାର ଅଭିଜ୍ଞ ଓ ବୁଦ୍ଧିଜୀବୀମାନଙ୍କୁ ଡ଼କାଇଲେ ଏବଂ ସେମାନଙ୍କୁ ସମ୍ବୋଧିତ କରି କହିଲେ, ଆପଣମାନେ ଦେଖୁଛନ୍ତି ତ, ଶତ୍ରୁ କିଭଳି ନିଜର ଦୁର୍ଗ ଯୋଗଁ ସୁରକ୍ଷିତ ରହିଛି । ସେମାନଙ୍କର ଯେତେବେଳେ ଇଚ୍ଛା ହେଉଛି ସତେବେଳେ ସେମାନେ ପଦାକୁ ବାହାରି ମୁସଲମାନମାନଙ୍କ ଉପରେ ହଠାତ୍ ଆକ୍ରମଣ କରିଦେଉଛନ୍ତି ଏବଂ ମୁସଲମାନମାନେ ଏବେ ସେମାନଙ୍କ ସହିତ ଯୁଦ୍ଧ କରିପାରିବେ ନାହିଁ ଯେ ପର୍ଯ୍ୟନ୍ତ ସେମାନେ ବାହାରେ ଆସି ଯୁଦ୍ଧ ନ କରିଛନ୍ତି । ***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୬.... ବେରୁତ ୨୦୧୨)*** ଅପରପକ୍ଷେ ଶତୃପକ୍ଷଙ୍କୁ ପଛରୁ ସାହାଯ୍ୟ ବି ମିଳୁଅଛି ।

ବର୍ତମାନ କେଉଁ ଉପାୟ ଅବଲମ୍ବନ କରାଯିବ ଯଦ୍ୱାରା ଆମେ ଅବିଳମ୍ବେ ଶତ୍ରୁମାନଙ୍କ ଉପରେ ନିଜର ପ୍ରଭାବ ବିସ୍ତାର କରିପାରିବା ବା ତାଙ୍କୁ ପରାଜୟ କରିପାରିବା । ସେନାପତିଙ୍କ ଉକ୍ତ କଥାକୁ ଶୁଣି ସେହି ସଭାରେ ସବୁଠୁ ବୟସ୍କ ବ୍ୟକ୍ତି ଉମ୍‌ରୋ ବିନ୍ ସବିୟି କହିଲେ, ଶତ୍ରୁ ଦୁର୍ଗରେ ଅବରୁଦ୍ଧ ହୋଇ ରହିଛି ଏବଂ ଦୁର୍ଗକୁ ଅବରୋଧ କରିବାର ଅବଧି ବର୍ତମାନ ଦୀର୍ଘ ହେଉଅଛି ଏବଂ ଏହି କଥାଟି ଇସ୍‌ଲାମୀୟ ସୈନ୍ୟ ପକ୍ଷରେ ଅତ୍ୟନ୍ତ କଷ୍ଟ ଦାୟକ । ତେଣୁ ଯାହା ଚାଲିଛି ଆପଣ ସେହିପରି ଚାଲିବାକୁ ଦିଅନ୍ତୁ । ହଁ ସେମାନଙ୍କ ମଧ୍ୟରୁ ଯେଉଁମାନେ ଯୁଦ୍ଧ କରିବାକୁ ବାହାରୁଛନ୍ତି, ସେମାନଙ୍କ ସହିତ ଯୁଦ୍ଧ ରଖାଯାଉ କିନ୍ତୁ ଉମ୍‌ରୋ ବିନ୍ ସବିଙ୍କ ଏହି ପ୍ରସ୍ତାବ ଗ୍ରହଣ କରାଗଲାନାହିଁ । ଏହାପରେ ଉମ୍‌ରୋ ବିନ୍ ମାଦି କର୍ବ କହିଲେ ବ୍ୟସ୍ତ ବିବ୍ରତ ହେବାର କୌଣସି ଆବଶ୍ୟକତା ନାହିଁ । ପୁର୍ଣ୍ଣ ଶକ୍ତିର ସହିତ ଆଗକୁ ଅଗ୍ରସର ହୋଇ ଶତ୍ରୁ ଉପରେ ଆକ୍ରମଣ କରାଯାଉ । କିନ୍ତୁ ଏହି ପ୍ରସ୍ତାବକୁ ମଧ୍ୟ ରଦ୍ଦ କରିଦିଆଗଲା । ଅଭିଜ୍ଞ ବ୍ୟକ୍ତିମାନେ ଏହି ଆପତି କଲେ ଯେ, ଆଗକୁ ବଢ଼ି ଆକ୍ରମଣ କରିବା ପ୍ରରିପ୍ରେକ୍ଷୀରେ ଆମମାନଙ୍କୁ ସୈନିକମାନଙ୍କ ସହିତ ମୁକାବିଲା କରିବା ପରିବର୍ତେ କାନ୍ଥବାଡ଼ ଅବା ଦୁର୍ଗ ସହିତ ମୁକାବିଲା କରିବାକୁ ପଡୁଅଛି । ଏହି କାନ୍ଥ ଗୁଡ଼ିକ ଆମ ବିରୁଦ୍ଧରେ ଶତ୍ରୁପକ୍ଷ ପାଇଁ ସହାୟ ସାବ୍ୟସ୍ତ ହେଉଅଛି ଅର୍ଥାତ ଦୁର୍ଗ ଭିତରେ ଶତ୍ରୁ ଲୁଚି ରହି ନିଜକୁ ସୁରକ୍ଷିତ କରିନେଉଛି । ଶତ୍ରୁ ତ ଆମ ସମ୍ମୁଖରେ ନାହାନ୍ତି । ପୁଣି ତୁଲୈହା ଛିଡ଼ା ହେଲେ ଏବଂ କହିଲେ, ମୋ ନିକଟରେ ଏହି ଦୁଇ ମହୋଦୟଙ୍କ ପରାମର୍ଶ ଯୁକ୍ତିଯୁକ୍ତ ନୁହେଁ । ମୋର ଏହି ପରାମର୍ଶ ବା ମୋର ଏହି ମତ ଯେ, ଏକ ଛୋଟ ସୈନ୍ୟଦଳ ଶତ୍ରୁପକ୍ଷ ଆଡ଼କୁ ପ୍ରେରଣ କରାଯାଉ ଯିଏ ଶତ୍ରୁ ନିକଟକୁ ଯାଇ ଧନୁତୀର ନିକ୍ଷେପ କରିବ ତାହାର ମୁକାବିଲା କରିବାପାଇଁ ଶତ୍ରୁ ବାହାରକୁ ବାହାରିବେ ସେହି ପରିସ୍ଥିତିରେ ଆମମାନଙ୍କର ଛୋଟ ଦଳ ବା ସୈନ୍ୟଟୁକୁଡ଼ି ପଛକୁ ହଟିବାକୁ ଆରମ୍ଭ କରିଦେବ ଏବଂ ଏପରି ପରିପ୍ରକାଶ କରିବ ଯେପରି ଏମାନେ ପରାଜୟ ହୋଇ ପଳାୟନ କରୁଅଛି । ଏପରି କରିବା ଦ୍ୱାରା ମୁଁ ଏହା ଭାବୁଛି ଯେ ଶତ୍ରୁ ବିଜୟ ଲାଳସାରେ ବାହାରକୁ ବାହାରିବ । ଯେତେବେଳେ ଶତ୍ରୁ ମୁକ୍ତ ରଣଭୂମିକୁ ବାହାରି ଚାଲିଆସିବ ସେତେବେଳେ ଆମେ ନିଜର ସମସ୍ତ ବଳ ପ୍ରୟୋଗ କରି ମିଳିତ ଭାବରେ ସେମାନଙ୍କ ଉପରେ ଆକ୍ରମଣ କରିଦେବ । ***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୬.... ବେରୁତ ୨୦୧୨)***

ହଜ୍‌ରତ୍ ନୁମାନ ଏହି ପ୍ରସ୍ତାବକୁ ପସନ୍ଦ କଲେ ଏବଂ ଏହି କାର୍ଯ୍ୟକୁ ହଜ୍‌ରତ୍ କଅକାଆଙ୍କ ନିକଟରେ ନ୍ୟସ୍ତ କରିଦେଲେ ଯେ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉ । ସେ ତୁଲୈହାଙ୍କ ପ୍ରସ୍ତାବ ଉପରେ କାର୍ଯ୍ୟାନୁସରଣ କଲେ ଏବଂ ଠିକ୍ ସେହିପରି ହିଁ ଘଟିଲା ଯେଭଳି ହଜ୍‌ରତ୍ ତୁଲୈହା ଆଶା କରିଥିଲେ ବା ପରାମର୍ଶ ଦେଇଥିଲେ । କଅକାଆ ଧିରେ ଧିରେ ପରାଜୟ ବରଣ କରି ପଛଘୁଂଚା ଦେଇ ପଡ଼ିଆ ଆଡ଼କୁ ଚାଲି ଆସିଲେ । ଶତ୍ରୁପକ୍ଷର ସୈନ୍ୟଦଳ ବିଜୟ ନିଶାରେ ଆଗକୁ ଆଗକୁ ଅଗ୍ରସର ହୋଇଚାଲିଲା । ଏପରି କି ସମସ୍ତେ ନିଜ ଦୁର୍ଗରୁ ବାହାରି ଆସିଲେ ଓ କେବଳ ଦ୍ୱାର ଆଗରେ ନିୟୋଜିତ ହୋଇଥିବା ପ୍ରହରୀମାନେ ହିଁ ରହିଗଲେ । ଶତ୍ରୁପକ୍ଷର ସୈନ୍ୟଦଳ ନିଜର ସୁରକ୍ଷା କବଚରୁ ବାହାରକୁ ବାହାରି ଆସି କ୍ରମଶଃ ଇସ୍‌ଲାମୀୟ ସେନାର ମୁହାଁମୁହିଁ ହୋଇଗଲେ ଫଳତଃ ଏଥିରେ ଅନେକ ମୁସଲମାନ ତୀର ଦ୍ୱାର ଆହତ ମଧ୍ୟ ହୋଇଥିଲେ କିନ୍ତୁ ହଜ୍‌ରତ୍ ନୁମାନ୍ ମଧ୍ୟ ଏ ପର୍ଯ୍ୟନ୍ତ ରିତିମତ ଯୁଦ୍ଧ କରିବାପାଇଁ ଅନୁମତି ପ୍ରଦାନ କରିନଥିଲେ । ହଜ୍‌ରତ୍ ନୁମାନ୍ ରସୁଲ୍ ପ୍ରେମୀ ଥିଲେ ଏବଂ ହଜୁର ସ:ଆ:ସଙ୍କ ସାଧାରଣତଃ ଏ ପରମ୍ପରା ଥିଲା ଯେ ଯଦି ସକାଳେ ଯୁଦ୍ଧ ଆରମ୍ଭ ନ ହେଲା

ତେବେ ମଧ୍ୟାହ୍ନ ପରେ ଯୁଦ୍ଧ ଆରମ୍ଭ କରୁଥିଲେ ଅର୍ଥାତ ଯେତେବେଳେ ଗ୍ରୀଷ୍ମର ପ୍ରଚଣ୍ଡ ତିବ୍ରତା ରହୁନଥିଲା ଓ ଶୀତଳ ପବନ ବହୁଥିଲା ସେତେବେଳେ ଯୁଦ୍ଧ ଆରମ୍ଭ କରୁଥିଲେ । କେତେକ ମୁସଲମାନମାନେ ଯୁଦ୍ଧ ପାଇଁ ବ୍ୟଗ୍ର ଥିଲେ ଓ ଶତ୍ରୁର ତୀର ଦ୍ୱାରା କେତେକ ମୁସଲମାନ ସୈନ୍ୟ ଆହତ ହୋଇଯିବା ଫଳରେ ମୁସଲମାନ ସେନାର ଏହି ଉତ୍ସାହ ଆହୁରି ବୃଦ୍ଧି ପାଇଥିଲା । ସେମାନେ ସେନାପତିଙ୍କ ସେବାରେ ଯାଇ ଅନୁମତି ଲୋଡ଼ିଲେ ଯେ ଆପଣ ଆମକୁ ଅନୁମତି ପ୍ରଦାନ କରନ୍ତୁ ଯେ ଆମେ ଶତ୍ରୁର ମୁକାବିଲା କରିବୁ । ହଜ୍‌ରତ୍ ମୁଗୈରା ବିନ୍ ସୈବା ବ୍ୟଗ୍ର ହୋଇ କହିଲେ ଯଦି ମୁଁ ତାଙ୍କ ସ୍ଥାନରେ (ଅର୍ଥାତ ନୁମାନ୍‌ଙ୍କ ସ୍ଥାନରେ) ରହିଥାନ୍ତି ତାହେଲେ କେବେଠାରୁ ଅନୁମତି ପ୍ରଦାନ କରିଦେଇଥାନ୍ତି । ନୁମାନ ଏଥିରେ ଉତର ଦେଲେ ଯେ ଟିକିଏ ଅପେକ୍ଷା କର ନିଃସନ୍ଦେହ ଆପଣ ଯେତେବେଳେ ଅମୀର ଥିଲେ ସେତେବେଳେ ଆପଣ ଅତି ଉତମ ବ୍ୟବସ୍ଥା କରୁଥିଲେ ଅତି ଉତମ ଯୋଜନା କରୁଥିଲେ । କିନ୍ତୁ ଆଜି ମଧ୍ୟ ଅଲ୍ଲାଃ ତାଲା ମୋତେ ଏବଂ ଆପଣଙ୍କୁ ତିରସ୍କୃତ କରିବେ ନାହିଁ । ଆପଣ ଯେଉଁ କଥାକୁ ଶୀଘ୍ର କରି ପ୍ରାପ୍ତ କରିବାକୁ ଚାହୁଁଛନ୍ତି ଆମେ ତାହାକୁ ଧୀରସ୍ଥିରେ ପ୍ରାପ୍ତ କରିବାକୁ ଚାହୁଁଛୁ ।

ଯେତେବେଳେ ମଧ୍ୟାହ୍ନ ଢ଼ଳିବାକୁ ଲାଗିଲା ସେତେବେଳେ ହଜ୍‌ରତ୍ ନୁମାନ ଅଶ୍ୱ ଉପରେ ଆରୋହଣ କଲେ ଏବଂ ସୈନ୍ୟଦଳର ପରିକ୍ରମା କଲେ । ପ୍ରତ୍ୟେକ ଧ୍ୱଜା ନିକଟରେ ଛିଡ଼ା ହୋଇ ଅତ୍ୟନ୍ତ ଉତେଜନା ପୂର୍ବକୁ ବକ୍ତୃତା ଦେଲେ ଏବଂ ଅତ୍ୟନ୍ତ ଦୁଃଖଦ ପୂର୍ଣ୍ଣ ଶବ୍ଦରେ ନିଜର ଶାହାଦତ୍ ପାଇଁ କାମନା କରି ଦୁଆ କଲେ । ଯାହାକୁ ଶୁଣି ଲୋକମାନେ କାନ୍ଦି ପକାଇଲେ ତା'ପରେ ସେ ନିର୍ଦ୍ଦେଶ ଦେଲେ ଯେ, ମୁଁ ତିନିଥର ତକ୍‌ବିର୍ କହିବି ଏବଂ ତତ୍‌ସହିତ ଧ୍ୱଜା ହଲାଇବି । ପ୍ରଥମ ଥରରେ ହିଁ ସମସ୍ତ ବ୍ୟକ୍ତି ପ୍ରସ୍ତୁତ ହୋଇଯାଆନ୍ତୁ । ଦ୍ୱିତୀୟ ଥର ଅସ୍ତ୍ରକୁ ତୋଳି ଧରି ଶତ୍ରୁ ଉପରେ ଆକ୍ରମଣ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇରହନ୍ତୁ ଏବଂ ତୃତୀୟ ଥର ତକ୍‌ବିର୍ କହିବାର ଅର୍ଥାତ ଧ୍ୱଜା ହଲାଇବା ମାତ୍ରେ ମୁଁ ଶତ୍ରୁ ଆଡ଼କୁ ବା ଶତ୍ରୁ ଧାଡ଼ିରେ ପ୍ରବେଶ କରିଯିବ ତେଣୁ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଜ ମୁକାବିଲାରେ ଛିଡ଼ା ହୋଇଥିବା ଶତ୍ରୁ ଉପରେ ଆକ୍ରମଣ କରିଦେବ । ଏହାପରେ ଦୁଆ କଲେ ଯେ ହେ ଈଶ୍ୱର ! ନିଜର ଧର୍ମକୁ ସମ୍ମାନ ପ୍ରଦାନ କର ନିଜ ଭକ୍ତଙ୍କର ସାହାଯ୍ୟ କର ଓ ଏହାବଦଳରେ ନୁମାନ୍ ର:ଅଙ୍କୁ ପ୍ରଥମ ଶହୀଦ ହେବାର ସାମର୍ଥ୍ୟ ପ୍ରଦାନ କର । ହଜ୍‌ରତ୍ ନୁମାନ୍ ର:ଅ ତୃତୀୟ ଥର ତକ୍‌ବିର୍ କହିଥିଲେ କି ମୁସଲମାନମାନେ ଶତ୍ରୁ ଧାଡ଼ି ଉପରେ ଆକ୍ରମଣ କରିଦେଲେ ।

ବର୍ଣ୍ଣନାକାରୀ କୁହନ୍ତି ଉତ୍ସାହ ଏତେମାତ୍ରାରେ ଥିଲା ଯେ କୌଣସି ବ୍ୟକ୍ତି ସମ୍ପର୍କରେ ମଧ୍ୟ ଏହା କଳ୍ପନା କରାଯାଇପାରିବ ନାହିଁ ଯେ, ସେ ମୃତ୍ୟୁବରଣ କରୁ ଅବା ବିଜୟ ପ୍ରାପ୍ତ କରିବା ବ୍ୟତିରିକେ ଫେରିବାର ଅନ୍ୟ କୌଣସି ମାନସିକ ରଖିଥିବ ।

ହଜ୍‌ରତ୍ ନୁମାନ୍ ର:ଅ ଧ୍ୱଜା ଧରି ଶତ୍ରୁ ଆଡ଼କୁ ଡ଼ିଆଁ ମାରିଲେ ଏବଂ ଏତେ କ୍ଷିପ୍ର ବେଗରେ ଶତ୍ରୁ ଉପରେ ଆକ୍ରମଣ କଲେ ଯେ, ଦେଖଣାହାରିଙ୍କୁ ଏପରି ଲାଗୁଥିଲାଶ ଯେପରି ଧ୍ୱଜା ନୁହଁ ବରଂ କୌଣସି ଏକ ଚୀଲ ଝାମ୍ପା ମାରୁଛି । ଅତଏବ ମୁସଲମାନମାନେ ତରବାରୀ ଧରି ଏକତ୍ର ହୋଇ ଗୋଟାପଣେ ଆକ୍ରମଣ କରିଦେଲେ କିନ୍ତୁ ଏହା ସତ୍ୱେ ମଧ୍ୟ ଶତ୍ରୁମାନଙ୍କର ଧାଡ଼ି ମଧ୍ୟ ଦୃଢ଼ତାର ସହିତ ଦଣ୍ଡାୟମାନ ରହିଥିଲା । ଲୌହକୁ ଲୌହ ସହିତ ଘର୍ଷଣ ଫଳରେ ଯେଉଁ ପ୍ରଚଣ୍ଡ ଧ୍ୱନି ଉତ୍ପନ୍ନ ହୋଇଥାଏ ସେହିପରି ଶବ୍ଦ ଗୁଞ୍ଜରିତ ହୋଇ ଉଠିଲା । ଭୂମି ଉପରେ ରକ୍ତନଦୀ ବହିଲା ବା ବହିବା ଯୋଗୁଁ ମୁସଲମାନ ଅଶ୍ୱାରୋହୀଙ୍କ ଘୋଡ଼ାର ପାଦ ଖସିବାକୁ ଲାଗିଲା । ହଜ୍‌ରତ୍ ନୁମାନ୍ ର:ଅ ଯୁଦ୍ଧରେ ଆହତ ହୋଇଥିଲେ ଏବଂ ତାଙ୍କର ଅଶ୍ୱ ମଧ୍ୟ ପଡ଼ିଯାଇଥିଲା । ଆପଣ ଭୂମି ଉପରେ ଖସି ପଡ଼ିଥିଲେ । ସେ ନିଜର ଧଳା ପଗଡ଼ି ଓ ଟୋପି ଯୋଗୁଁ ସ୍ପଷ୍ଟ ରୂପେ ଦୃଶ୍ୟମାନ ହେଉଥିଲେ । ନୁମାନ୍ ର:ଅଙ୍କ ଭାଇ ନଇମ୍ ବିନ୍ ମୁକ୍‌ରିନ୍ ଯେତେବେଳେ ନିଜର ଭାଇକୁ ପଡ଼ିଯିବାର ଦେଖିଲେ ସେତେବେଳେ ଅତି ଚତୁରତାର ସହିତ ଧ୍ୱଜା ଭୂମିଷ୍ଠ ହେବା ପୂର୍ବରୁ ତାହାକୁ ଧରିନେଲେ ଓ ହଜ୍‌ରତ୍ ନୁମାନ୍ ର:ଅଙ୍କୁ ବସ୍ତ୍ର ଦ୍ୱାରା ଘୋଡ଼ାଇ ଦେଲେ ଏବଂ ଧ୍ୱଜା ଧରି ହୁଜେଫା ବିନ୍ ୟମାନ୍ ର:ଅଙ୍କ ନିକଟକୁ ଆସିଲେ ଯିଏ ହଜ୍‌ରତ୍ ନୁମାନ୍ ର:ଅଙ୍କ ଉତରାଧିକାରୀ ଥିଲେ । ହଜ୍‌ରତ୍ ହୁଜେଫା ର:ଅ ନଇମ୍ ବିନ୍ ମକ୍‌ରନ୍‌ଙ୍କୁ ଧରି ସେହି ସ୍ଥାନକୁ ଆସିଗଲେ ଯେଉଁଠି ହଜ୍‌ରତ୍ ନୁମାନ୍ ର:ଅ ଥିଲେ ଏବଂ ସେହି ସ୍ଥାନରେ ଧ୍ୱଜାକୁ ଉଚ୍ଚ କରିଦିଆଗଲା । ହଜ୍‌ରତ୍ ମୁଗୈରା ର:ଅଙ୍କ ପରାମର୍ଶ କ୍ରମେ ଯୁଦ୍ଧର ଫଳାଫଳ ବାହାରିବା ପର୍ଯ୍ୟନ୍ତ ହଜ୍‌ରତ୍ ନୁମାନ୍ ର:ଅଙ୍କର ମୃତ୍ୟୁ ହୋଇଯିବା କଥାକୁ ଗୁପ୍ତ ରଖାଯାଇଥିଲା ।

***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୧, ୫୨୭.... ବେରୁତ ୨୦୧୨)***

ଅଖ୍‌ବାରୁଲ୍ ତୁୱାଲ୍‌ରେ ଉଲ୍ଲେଖ କରିଛି ଯେ ଯେତେବେଳେ ହଜ୍‌ରତ୍ ନୁମାନ୍ ବିନ୍ ମକ୍‌ରିନ୍ ଯେତେବେଳେ ଆହତ ହୋଇ ଖସିପଡିଲେ ସେତେବେଳେ ତାଙ୍କ ଭାଇ ତାଙ୍କୁ ଉଠାଇ ଶିବିର ମଧ୍ୟକୁ ନେଇ ଆସିଥିଲେ ଏବଂ ତାଙ୍କ ବସ୍ତ୍ର ସ୍ୱୟମ ପିନ୍ଧି ତାଙ୍କ ତରବାରୀ ଧରି ତାଙ୍କ ଅଶ୍ୱ ଉପରେ ଆରୋହଣ କରିଥିଲେ । ଯଦ୍ୱାରା ମୁସଲମନମାନଙ୍କର ଏ ଧାରଣା ରହିଥିଲା ଯେ, ହଜ୍‌ରତ୍ ନୁମାନ୍ ର:ଅ ତାଙ୍କ ମଧ୍ୟରେ ଉପସ୍ଥିତ ଅଛନ୍ତି । ***(ଅଖବାରୁଲ୍ ତୱାଲ୍......ପୃ-୧୯୫...... ବେରୁତ ୨୦୦୧)***

ତିବ୍‌ରୀର ଲେଖକ ଉଲ୍ଲେଖ କରିଛନ୍ତି ଯେ, ଏଭଳି ଘଡ଼ିସନ୍ଧି ମୁହୂର୍ତରେ ଅମୀରଙ୍କ ଆଦେଶର ଆଜ୍ଞାପାଳନର ଏହା ଉତ୍କୃଷ୍ଟ ଉଦାହରଣ ଥିଲା । ହଜ୍‌ରତ୍ ନୁମାନ୍ ଘୋଷଣା କରିଥିଲେ ଯେ, ଯଦି ନୁମାନ ମଧ୍ୟ ଶହୀଦ ହୋଇଯାଆନ୍ତି ତେବେ କୌଣସି ବ୍ୟକ୍ତି ଯୁଦ୍ଧ ଛାଡ଼ି ତାଙ୍କ ଆଡ଼କୁ ପଳାୟନ କରିବ ନାହିଁ ବରଂ ଶତ୍ରୁ ସହିତ ମୁକାବିଲା ଜାରି ରଖିବ । ମାକଲ୍ କୁହନ୍ତି ହଜ୍‌ରତ୍ ନୁମାନ୍ ର:ଅ ଯେତେବେଳେ ପଡ଼ିଲେ ସେତେବେଳେ ମୁଁ ଆପଣଙ୍କ ପାଖକୁ ଆସିଲି ପୁନଶ୍ଚ ମତେ ଆପଣଙ୍କ ଆଦେଶ ମନେପଡ଼ିଲା ଫଳତଃ ମୁଁ ଫେରିଗଲି ଓ ଯୁଦ୍ଧ ଆରମ୍ଭ କରିଦେଲି ।

***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୩୩.... ବେରୁତ ୨୦୧୨)***

ସେ ଯାହା ହେଉ ନା କାହିଁକି ଦିନ ତମାମ ଘମାଘୋଟ ଯୁଦ୍ଧ ଚାଲିଲା କିନ୍ତୁ ରାତ୍ର ହେବା କ୍ଷଣି ଶତ୍ରୁର ପାଦ ଆଉ ତିଷ୍ଠି ପାରିଲା ନାହିଁ ଏବଂ ଯୁଦ୍ଧ ଭୂମିରେ ମୁସଲମାନମାନେ ନିଜ ବିରତ୍ୱ ପ୍ରଦାନ କରିଚାଲିଥିଲେ । ଏପରି ଯୁଦ୍ଧର ପରିଣାମ ମୁସଲମାନମାନଙ୍କ ହାତକୁ ଚାଲି ଆସିଥିଲା । ଇରାନୀୟମାନଙ୍କର ବଡ଼ ବଡ଼ ଅଧିପତି ସେନା ପ୍ରମୁଖ ଆଦି ନୀହତ ହେଲେ । ***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୭-୫୨୮.... ବେରୁତ ୨୦୧୨)***

ମାକିଲ୍ କୁହନ୍ତି ଯେ ବିଜୟ ଲାଭ ପରେ ହଜ୍‌ରତ୍ ନୁମାନ୍ ର:ଅଙ୍କ ନିକଟକୁ ମୁଁ ଆସିଲି ତାଙ୍କଠାରେ ଜୀବନର କୀରଣ ବାକି ଥିଲା । ଅର୍ଥାତ ରହିଥିଲା ଏବଂ ତାଙ୍କ ଶରୀରରେ ପ୍ରାଣର ସଂଚାର ବାକି ରହିଥିଲା । ସେ ଜୀବିତ ଥିଲେ ଏବଂ ସେ ନିଜର ଶେଷ ନିଶ୍ୱାସ ତ୍ୟାଗ କରୁଥିଲେ । ମୁଁ ତାଙ୍କ ଚେହେରାକୁ ନିଜର ପାଣି ପାତ୍ରରେ ଧୋଇଦେଲି । ସେ ମୋର ନାମ ପଚାରିଲେ ଏବଂ ପ୍ରଶ୍ନ କଲେ ଯେ, ମୁସଲମାନମାନଙ୍କର କ'ଣ ଅବସ୍ଥା, ଯୁଦ୍ଧର ସ୍ଥିତି କଣ ? ମୁଁ କହିଲି ଯେ ଆପଣ ର:ଅଙ୍କୁ ଅଲ୍ଲାଃ ତାଲାଙ୍କ ପକ୍ଷରୁ ବିଜୟ ଓ ଶୁଭ ସମାଚାରର ଶୁଭେଚ୍ଛା ଜଣାଉଛି ଏଥିରେ ଆପଣ ର:ଅ କହିଲେ, ଅଲ୍‌ହମ୍‌ଦୁଲିଲ୍ଲାଃ ସକଳ ପ୍ରଶଂସା ଅଲ୍ଲାଃ ତାଲାଙ୍କ ପାଇଁ ଉଦ୍ଦିଷ୍ଟ । ହଜ୍‌ରତ୍ ଉମର୍ ର:ଅଙ୍କୁ ଏତେଲା ଦେଇଦିଅ ।

***(ଫୁତୁହୁଲ୍ ବୁଲ୍‌ଦାନ୍, ପୃ-୧୮୩........ ବେରୁତ ୨୦୦୦)***

ହଜ୍‌ରତ୍ ଉମର୍ ର:ଅ ଅତ୍ୟନ୍ତ ଉତ୍କଣ୍ଠିତ ଭାବରେ ଯୁଦ୍ଧର ଫଳାଫଳ ଜାଣିବାପାଇଁ ଅପେକ୍ଷାରେ ଥିଲେ । ଯେଉଁ ରାତ୍ର ଯୁଦ୍ଧ ହେବାର ଆଶା କରାଯାଉଥିଲା ହଜ୍‌ରତ୍ ଉମର୍ ର:ଅ ଅତ୍ୟନ୍ତ ଅସ୍ଥିର ଚିତ ହୋଇ ଅହର୍ନିଷି ଉଜାଗର ରହିଥିଲେ ଓ ଦୁଆରେ ନିବିଷ୍ଟ ରହିଥିଲେ ।

***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୮.... ବେରୁତ ୨୦୧୨)***

ବର୍ଣ୍ଣନାକାରୀ ସେହି ବେଦନାର ବ୍ୟଥିତ ହୋଇ କୁହନ୍ତି ଯେ, ଆପଣ ର:ଅ ଏହି ବେଦନା ଯୋଗୁଁ ଦୁଆ ରେ ବ୍ୟସ୍ତ ରହିଥିଲେ । ଏହା ଏପରି ପ୍ରତିତ ହେଉଥିଲା ଯେ, ଯେପରି ଜଣେ ଗର୍ଭବର୍ତୀ ମହିଳା ପ୍ରଶୂତି ସମୟରେ ପ୍ରଶବ ପୀଡ଼ା ଯୋଗୁଁ କଷ୍ଟ ଭୋଗ କରିଥାଏ ଏବଂ ଛଟପଟ ହୋଇଥାଏ । ସନ୍ଦେଶ ବାହକ ବିଜୟର ଶୁଭ ସମାଚାର ଧରି ମଦିନାରେ ପହଂଚିଲା । ହଜ୍‌ରତ୍ ଉମର୍ ର:ଅ ସମସ୍ତ ଘଟଣା ଚକ୍ର ପ୍ରସଙ୍ଗରେ ପଚାରି ବୁଝିଥିଲେ ଓ ହଜ୍‌ରତ୍ ନୁମାନ ର:ଅଙ୍କ କୁଶଳ ସମ୍ପର୍କରେ ପଚାରିଥିଲେ । ସନ୍ଦେଶବାହକ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କୁ ହଜ୍‌ରତ୍ ନୁମାନ୍ ର:ଅଙ୍କ ମୃତ୍ୟୁ ଖବର ଶୁଣାଇଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଅତ୍ୟନ୍ତ ମର୍ମାହତ ଓ ଶୋକ ପ୍ରକାଶ କରି ନିଜ ମୁଣ୍ଡରେ ହାତ ଦେଇଥିଲେ ଓ ତାଙ୍କ ଚକ୍ଷୁରୁ ଅଶ୍ରୁ ନିଗଦ ହୋଇଯାଇଥିଲା ।

***(ଫୁତୁହୁଲ୍ ବୁଲ୍‌ଦାନ୍, ପୃ-୧୮୪........ ବେରୁତ ୨୦୦୦)***

ସନ୍ଦେଶବାହକ ଦ୍ୱିତୀୟ ଶୋହଦାଙ୍କ ନାମ କହିଲେ, ଏବଂ କହିଲେ ହେ ଅମୀରୁଲ୍ ମୁମିନୀନ୍ ! ଆହୁରି ଅନେକ ମୁସଲମାନମାନେ ବୀରଗତି ପ୍ରାପ୍ତ କରିଛନ୍ତି ଯାହାଙ୍କୁ ଆପଣ ଜାଣିନାହାନ୍ତି । ହଜ୍‌ରତ୍ ଉମର୍ ର:ଅ କାନ୍ଦି କାନ୍ଦି କହିଲେ, ଉମର୍ ସେମାନଙ୍କୁ ଜାଣନ୍ତୁକି ନଜାଣନ୍ତୁ ସେଥିରେ କିଛି ଅସୁବିଧା ନାହିଁ କିନ୍ତୁ ପରମେଶ୍ୱର ତ ତାଙ୍କୁ ଜାଣନ୍ତି । ***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୧.... ବେରୁତ ୨୦୧୨)***

ଯଦିଓ ମୁସଲମାନ ବୀରଗତି ପ୍ରାପ୍ତକାରୀଙ୍କ ମଧ୍ୟରେ ଅନେକ ଅପରିଚିତ ବ୍ୟକ୍ତି ରହିଛନ୍ତି କିନ୍ତୁ ଅଲ୍ଲାଃ ତାଲା ସେହି ଅପରିଚିତ ମୁସଲମାନମାନଙ୍କୁ ବୀରଗତି ପ୍ରାପ୍ତ ହେବାର ସୌଭାଗ୍ୟ ପ୍ରଦାନ କରିଛନ୍ତି । ସେହି ସ୍ତର ପ୍ରଦାନ କରିଛନ୍ତି, ସେହି ମର୍ଯ୍ୟାଦା ପ୍ରଦାନ କରିଛନ୍ତି ଯାହା ପାଇଁ ସଭିଏଁ ଅଭିଳାଷି । ଯୁଦ୍ଧ ପରେ ମୁସଲମାନମାନେ ହମ୍‌ଜାନ୍ ପର୍ଯ୍ୟନ୍ତ ଶତ୍ରୁମାନଙ୍କର ପିଛା କଲେ ଏହା ଦେଖି ଇରାନୀୟ ଅଧିପତି ଖୁସ୍‌ରୋ ସନୁମ୍ ହମ୍‌ଜାନ୍ ଓ ଦସ୍ତବି ସହରବାସୀଙ୍କ ତରଫରୁ ଏହି ସର୍ତ ରଖି ସନ୍ଧି ସ୍ଥାପନ କରିନେଲା ଯେ, ସେହି ସହରମାନଙ୍କ ମଧ୍ୟ ଦେଇ ମୁସଲମାନମାନଙ୍କ ଉପରେ ଆକ୍ରମଣ କରାଯିବ ନାହିଁ । ଇସ୍‌ଲାମୀୟ ସେନା ନେହୱନ୍ଦ ସହର ଅଧିକାର କରିନେଲା ।

***(ତାରିଖୁଲ୍ ତିବ୍‌ରୀ, ଖଣ୍ଡ-୨, ପୃ-୫୨୮.... ବେରୁତ ୨୦୧୨)***

ନେହାୱନ୍ଦ ବିଜୟ ନିଜର ଫଳାଫଳ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହାପରେ ଇରାନୀୟମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ମୁକାବିଲା କରିବାକୁ ସୁଯୋଗ ପ୍ରାପ୍ତ ହେଲାନାହିଁ ଏବଂ ମୁସଲମାନମାନେ ସେହି ସ୍ଥାନକୁ ଫତହୁଲ୍ ଫୁତୁହୁ ନାମରେ ସ୍ମରଣ କରିବାକୁ ଲାଗିଲେ । ***(ଫୁତୁହୁଲ୍ ବୁଲ୍‌ଦାନ୍, ପୃ-୧୮୪........ ବେରୁତ ୨୦୦୦)***

ଇରାନ ଉପରେ ସାଧାରଣ ଯୁଦ୍ଧ କିପରି ହେଲା ? ଏ ସମ୍ପର୍କରେ ଉଲ୍ଲେଖ ରହିଛି ଯେ ଯଦିଓ ଚାରିତ୍ରିକ ଓ ନ୍ୟାୟିକ ଦୃଷ୍ଟିକୋଣରୁ ମୁସଲମାନମାନେ ଏହି କଥା ପାଇଁ ସମ୍ପୂର୍ଣ୍ଣ ସ୍ୱାଧିନ ଥିଲେ ଯେ, ରାଷ୍ଟ୍ରର ହାନୀକାରକ ଶକ୍ତିକୁ ସମ୍ପୂର୍ଣ୍ଣ ରୂପେ ନୀପାତ କରିଥାନ୍ତେ କାରଣ ଶତ୍ରୁ ବାରମ୍ୱାର ଆକ୍ରମଣ କରୁଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ସହାନୂଭୁତି ପୂର୍ଣ୍ଣ ହୃଦୟ ପ୍ରତ୍ୟେକ ମୋଡ଼ରେ ଅତିରିକ୍ତ ରକ୍ତପାତକୁ ଘୃଣା କରୁଥିଲା ଓ ହଜ୍‌ରତ୍ ଉମର୍ ର:ଅଙ୍କୁ ଏହି କଥା ପସନ୍ଦ ନଥିଲା ଏବଂ ସକଳ ବିଶ୍ୱ ପାଇଁ ଦୟାର ପ୍ରତିମୂର୍ତ୍ତୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଏହି ସତ୍ୟ ସେବକଙ୍କ ହୃଦୟରେ ଏହି ଆକାକ୍ଷାଂ ଭରି ରହିଥିଲା ଯେ ଇରାନୀୟ ସରକାର ସୀମାବର୍ତ୍ତୀ ଅଂଚଳ ଉପରେ ହିଁ ପରାଜୟ ବରଣ କରି ଅତିରିକ୍ତ ସୈନ୍ୟ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିଦେଉ ଏବଂ ଏହି ଯୁଦ୍ଧ, ଉପଦ୍ରବ ଓ ରକ୍ତପାତର ସମାପ୍ତ ଘଟୁ । ସୁତରାଂ ହଜ୍‌ରତ୍ ଉମର୍ ର:ଅ ନା କେବଳ ଅନେକ ଥର ଏହି ଆକାକ୍ଷାଂର ପରିପ୍ରକାଶ କରିଥିଲେ ବରଂ ଇରାନ୍ ଓ ଇରାକ୍‌ରେ ଥିବା ମୁସଲମାନ ସୈନ୍ୟକୁ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ପୂର୍ଣ୍ଣ ରୂପେ ବାରଣ କରିଦେଇଥିଲେ କିନ୍ତୁ ଶତ୍ରୁପକ୍ଷର ଅତିରିକ୍ତ ସୈନ୍ୟକାର୍ଯ୍ୟାନୁଷ୍ଠାନ ଓ ବିଜିତ ଅଂଚଳରେ ବାରମ୍ୱାର ବିଦ୍ରୋହର ସୁତ୍ରପାତ କରିବା ଯୋଗୁଁ ଆପଣ ର:ଅ ଏହି ଆକାଂକ୍ଷାକୁ ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇ ଯୁଦ୍ଧ ଭୂମିରେ ମୁସଲମାନମାନଙ୍କୁ ଶତ୍ରୁର ମୁକାବିଲା କରିବାପାଇଁ ଅନୁମତି ପ୍ରଦାନ କରିଥିଲେ ଏବଂ ନିଜ ପରାମର୍ଶ ଦାତାଙ୍କ ପ୍ରତିନିଧି ମଣ୍ଡଳଠାରୁ ଏହି ପରାମର୍ଶ ପାଇଥିଲେ ଯେ, ଶତ୍ରୁର ମୁକାବିଲା କରିବା ବ୍ୟତିତ ଅନ୍ୟ କୌଣସି ଉପାୟ ନାହିଁ । ତେଣୁ ସେ ଏହି ଫଳାଫଳରେ ଉପନୀତ ହୋଇଥିଲେ ଯେ, ଅତିରିକ୍ତ ସୈନ୍ୟ କାର୍ଯ୍ୟାନୁଷ୍ଠାନ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ ଏହା ୧୭ ହଜ୍‌ରୀର ଘଟଣା । କିନ୍ତୁ ଯେପରି ପୂର୍ବେ ଚର୍ଚ୍ଚା ହୋଇସାରିଛି ଯେ, ସେତେବେଳେ ପରିସ୍ଥିତି ଅଧିକ ଧୈର୍ଯ୍ୟ ରକ୍ଷା କରିବାକୁ ଅନୁମତି ଦେଉନଥିଲା । ହଜ୍‌ରତ୍ ଉମର୍ ର:ଅ ଦେଖି ନେଇଥିଲେ ଯେ, ୟଜଦ୍ ଜର୍ଦ ନିରନ୍ତର ଭାବରେ ପ୍ରତ୍ୟେକ ବର୍ଷ ସୈନ୍ୟ ପ୍ରେରଣ କରି ଯୁଦ୍ଧର ଅଗ୍ନୀ ପ୍ରଜ୍ୱଳିତ କରୁଛି । ଲୋକମାନେ ବାରମ୍ୱାର ଆପଣ ର:ଅଙ୍କ ସେବାରେ ଏହି ପ୍ରସ୍ତାବ ରଖୁଥିଲେ ଯେପର୍ଯ୍ୟନ୍ତ ୟଜଦ୍‌ଜର୍ଦ ଜୀବିତ ରହିଛି ତା'ର ଆଚାର ବ୍ୟବହାର କଦାପି ପରିବର୍ତନ ଘଟିବ ନାହିଁ ଅର୍ଥାତ ବିଦ୍ରୋହ କରିବା ଓ ଉପଦ୍ରବ କରିବା ଆଦି ତା'ର ଆଚରଣରେ ସେ ପରିବର୍ତନ କରିବନାହିଁ ଏବଂ ନେହାୱନ୍ଦ ଯୁଦ୍ଧ ସେହି ପ୍ରସ୍ତାବକୁ ଆହୁରି ଦୃଢ଼ିଭୂତି କରିଦେଇଥିଲା । ଏହି ପରିସ୍ଥିତିକୁ ଦେଖି ବାଧ୍ୟ ହୋଇ ହଜ୍‌ରତ୍ ଉମର୍ ର:ଅ ନେହାୱନ୍ଦ ଯୁଦ୍ଧ ପାଇଁ ୨୧ ହିଜ୍‌ରୀରେ ସୈନ୍ୟମାନଙ୍କୁ ଆଗକୁ ବଢ଼ିବାକୁ ଅନୁମତି ପ୍ରଦାନ କରିଥିଲେ ଓ ସମଗ୍ର ଇରାନ୍ ବିଜୟ ପାଇଁ ଯୋଜନା ପ୍ରସ୍ତୁତ କରି କୁଫା ପ୍ରେରଣ କରିଦେଇଥିଲେ । ଯାହାକି ସେହି ଯୁଦ୍ଧ ଭିତିକ ପଦକ୍ଷେପ ନିମନ୍ତେ ଛାଉଣୀର ସ୍ଥିତି ରଖୁଥିଲା । ହଜ୍‌ରତ୍ ଉମର୍ ର:ଅ ଇରାନ୍‌ର ବିଭିନ୍ନ ଅଂଚଳ ପାଇଁ ବିଭିନ୍ନ ସେନାପତି ନିଯୁକ୍ତ କଲେ ଓ ମଦିନାରୁ ସେମାନଙ୍କ ପାଇଁ ନିଜେ ଧ୍ୱଜା ପ୍ରସ୍ତୁତ କରି ପ୍ରେରଣ କଲେ । ଖୁରାସାନ୍ ର ଧ୍ୱଜା ଅହ୍‌ନଫ୍ ବିନ୍ କୈସଙ୍କୁ ପ୍ରଦାନ କରିଥିଲେ । ଇସ୍ତଖର୍‌ର ଧ୍ୱଜା ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅବୁ ଆସ ର:ଅଙ୍କୁ ପ୍ରଦାନ କରିଥିଲେ ଏବଂ ଅର୍ଦ୍ଦସିର୍ ଓ ସାବୁର୍ ର ଧ୍ୱଜା ମୁଜାଶେ ବିନ୍ ମସ୍‌ଉଦ୍ ର:ଅଙ୍କୁ ତଥା ଫସା ଏବଂ ଦାରା ବିଜ୍‌ରଦ୍‌ର ଧ୍ୱଜା ସାରିଆ ବିନ୍ ଜୁନୈମ୍‌ଙ୍କୁ ପ୍ରଦାନ କରିଥିଲେ । ସବିହ୍‌ସ୍ତାନ୍‌ର ଧ୍ୱଜା ଆସିମ ବିନ୍ ଉମ୍‌ରୋଙ୍କୁ, ମକ୍‌ରାନ୍‌ର ଧ୍ୱଜା ହକମ୍ ବିନ୍ ଉମ୍‌ରୋଙ୍କୁ ପ୍ରଦାନ କରିଥିଲେ ଏବଂ କର୍‌ମାନ୍‌ର ଧ୍ୱଜା ସୁହୈଲ୍ ବିନ୍ ଅଦି ର:ଅଙ୍କୁ ପ୍ରଦାନ କରିଥିଲେ । ଅଜରବାଇଜାନ୍ ବିଜୟ ପାଇଁ ଉତ୍‌ବା ବିନ୍ ଫର୍‌କଦ୍ ଏବଂ ବୁକୈର୍ ବିନ୍ ଅବ୍‌ଦୁଲ୍ଲାଙ୍କୁ ଧ୍ୱଜା ପ୍ରେରଣ କରିଥିଲେ ଏବଂ ଆଦେଶ ଦେଲେ ଯେ ଜଣେ ଅଜରବାଇଜାନ୍ ଉପରେ ଦକ୍ଷିଣ ପାର୍ଶ୍ୱର ହୁଲ୍‌ୱାନ୍ ପଟରୁ ଆକ୍ରମଣ କରନ୍ତୁ ଏବଂ ଅନ୍ୟ ଜଣେ ବାମପଟରୁ ମୌସୁଲ୍ ଆଡୁ ଆକ୍ରମଣ କରୁ । ଅସ୍‌ଫାହାନ୍ ଅଭିଯାନରେ ଧ୍ୱଜା ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲାଙ୍କୁ ପ୍ରଦାନ କରାଯାଇଥିଲା ।

***(ମକାଲା, ତାରିଖେ..... ଇସ୍‌ଲାମ୍...... ପୃ-୧୬୪-୧୬୬)***

ଅସ୍‌ଫାହାନ୍ ବିଜୟ ସମ୍ପର୍କରେ ଉଲ୍ଲେଖ ରହିଛି ଯେ, ଅସ୍‌ଫାହାନ୍ ଅଭିଯାନ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃଙ୍କୁ ହସ୍ତାନ୍ତର କରିଦିଆଯାଇଥିଲା । ସେ ନେହାୱନ୍ଦରେ ଥିଲେ ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ପତ୍ର ହସ୍ତଗତ ହେଲା ଯେ, ଅସ୍‌ଫାହାନ୍ ଆଡ଼କୁ ପ୍ରସ୍ଥାନ କରନ୍ତୁ ଏବଂ ସୈନ୍ୟର ଅଗ୍ରଭାଗର ଟୁକୁଡ଼ିର କମାଣ୍ଡର ଭାବରେ ଅବ୍‌ଦୁଲ୍ଲାଃ ବିନ୍ ୱର୍କା ରିହାଇଙ୍କୁ ନିଯୁକ୍ତ କରନ୍ତୁ । କଡ଼ରେ ରହିଥିବା ସେନ୍ୟିଦଳର ନେତୃତ୍ୱର ଅବ୍‌ଦୁଲ୍ଲାଃ ବିନ୍ ୱର୍କା ଅସ୍‌ଦି ଏବଂ ଅସ୍‌ମା ବିନ୍ ଅବ୍‌ଦୁଲ୍ଲାଃଙ୍କ ଉପରେ ନ୍ୟସ୍ତ କରିଥିଲେ । ଅବ୍‌ଦୁଲ୍ଲାଃ ଅଭିଜାନ୍‌ରେ ବାହାରି ପଡ଼ିଲେ । ସହରର ଉପନଗରର ଅସ୍‌ଫାହାନ୍ ବାସୀଙ୍କ ଏକ ସୈନ୍ୟଦଳ ସହିତ ମୁକାବିଲା ହେଲା ଯାହାର ନେତୃତ୍ୱ ଇରାନର ସେନାପତି ଉସ୍‌ତନ୍‌ଦାର ନେଇଥିଲା । ଶତ୍ରୁପକ୍ଷର ପ୍ରଥମ ଅଫିସର, ପ୍ରଥମ ସୈନ୍ୟଟୁକୁଡ଼ି ଥିଲା ତା'ର ଅଫିସର ଜଣେ ଅଭିଜ୍ଞ ବୃଦ୍ଧ ଶହ୍‌ରା ବରାଜ୍ ଜାଜ୍‌ବିୟା ଥିଲା । ସେ ନିଜର ସୈନ୍ୟ ଟୁକୁଡ଼ିକୁ ଧରି ମୁସଲମାନମାନଙ୍କ ସହିତ ମୁକାବିଲା କଲା , ଘମାସାନ ଯୁଦ୍ଧ ଆରମ୍ଭ ହୋଇଗଲା । ଜାଜ୍‌ବିୟା ହାତାହାତି ପାଇଁ ଇଚ୍ଛା ବ୍ୟକ୍ତ କଲା ଯଦ୍ୱାରା ଅବ୍‌ଦୁଲ୍ଲାଃ ବିନ୍ ୱର୍କା ତାଙ୍କୁ ମୃତ୍ୟୁର ସ୍ୱାଦ ଆସ୍ୱାଦନ କରାଇଲେ । ଘମାସାନ ଯୁଦ୍ଧ ପରେ ଶତ୍ରୁ ଦଳ ପରାଜୟ ବରଣ କରି ରଣକ୍ଷେତ୍ରରୁ ପଳାୟନ କଲା । ସେନାପତି ଉସ୍‌ତାନ୍‌ଦାର ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃଙ୍କ ସହିତ ସନ୍ଧି ସ୍ଥାପନ କରିଦେଲା । ଇସ୍‌ଲାମୀୟ ସେନା ବିଶେଷ କରି ଅସ୍‌ଫାହାନ୍ ଅଭିମୁଖେ ଅଗ୍ରସର ହେଲା ଓ ସେତେବେଳେ ତାହା ଜୈୟି ନାମରେ ବିଖ୍ୟାତ ଥିଲା ଇସ୍‌ଲାମୀୟ ସେନା ସେହି ସହରକୁ ଘେରାଉ କରିନେଲା । ଦିନେ ସହରର ହାକିମ୍ ଫାଜୁସୁଫାନ୍ ବାହାରକୁ ବାହାରିଲା ଏବଂ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ଇସ୍‌ଲାମୀୟ ସେନାର ଅମୀରଙ୍କୁ କହିଲା ଯେ, ଆମ ଦୁଇପକ୍ଷର ସୈନ୍ୟମାନଙ୍କ ଯୁଦ୍ଧ କରିବା ପରିବର୍ତେ ଏହା ଉତମ ହେବ ଯେ ଆମେ ଦୁଇଜଣ ଆପୋଷରେ ଲଢ଼ିବା ଯିଏ ଜିତିବ ତା ଦଳକୁ ବିଜେତା ଘୋଷଣା କରାଯିବ । ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ଏହି ପ୍ରସ୍ତାବକୁ ଗ୍ରହଣ କରିନେଲେ ଅତଏବ ସେ କହିଲା ପ୍ରଥମେ ତୁମେ ଆକ୍ରମଣ କରିବ ନା ମୁଁ ଆକ୍ରମଣ କରିବି । ଫାଜୁ ସଫାନ୍ ପ୍ରଥମେ ଆକ୍ରମଣ କଲା ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ତା ଆଗରେ ତିଷ୍ଠି ରହିଥିଲେ ଏବଂ ଶତ୍ରୁର ପ୍ରହାରରେ କେବଳ ତାଙ୍କ ଘୋଡ଼ାର ଲଗାମଟି କଟିଗଲା ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ଘୋଡ଼ାର ଫୁଙ୍ଗୁଳା ପିଠି ଉପରେ ବସିଗଲେ କାରଣ ଘୋଡ଼ା ଉପରେ ଯେଉଁ ଜିନ୍ ପଡ଼ିଥିଲା ସେହି ଜିନ୍‌ଟି କଟି ଯାଇଥିଲା । ଦଉଡ଼ିଟି କଟିଯିବାରୁ ଜିନ୍‌ଟି ଖସି ତଳେ ପଡ଼ିଗଲା ତଥାପି ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ଘୋଡ଼ାର ଫୁଙ୍ଗୁଳା ପିଠି ଉପରେ ବସି ଯୁଦ୍ଧ ଲଢ଼ିଥିଲେ । ଫାଜୁ ସଫାନ୍ ଏଥିରେ କହିଲା, ଆପଣ ସମ୍ପୂର୍ଣ୍ଣ ବୁଦ୍ଧିମାନ ତଥା ସାହାସି ବ୍ୟକ୍ତି ମୁଁ ଆପଣଙ୍କ ସହିତ ସନ୍ଧି ସ୍ଥାପନ କରି ସହରକୁ ଆପଣଙ୍କୁ ହସ୍ତାନ୍ତର କରିବାକୁ ପ୍ରସ୍ତୁତ ଅଛି । ସୁତରାଂ ସନ୍ଧି ହୋଇଗଲା ଏବଂ ମୁସଲମାନମାନେ ସହର ଉପରେ ନିଜର ଆଧିପତ୍ୟ ବିସ୍ତାର କରିନେଲେ । ତିବ୍‌ରୀର ପୁସ୍ତକରୁ ଜଣାଜାଏ ଯେ, ଏହି ବିଜୟ ୨୧ ହିଜ୍‌ରୀରେ ହୋଇଥିଲା । ***(ତିବ୍‌ରୀ, ଖଣ୍ଡ-୨, ପୃ-୫୩୧-୫୩୨)***

ବଲାଜରୀର ଲେଖକ ଉକ୍ତ ଅଂଶଗ୍ରହଣକାରୀ ଇସ୍‌ଲାମୀୟ ସୈନ୍ୟଦଳର ସେନାପତି ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃଙ୍କ ପରିବର୍ତେ ଅବ୍‌ଦୁଲ୍ଲାଃ ବିନ୍ ବୁଦୈଲ୍ ବିନ୍ ୱର୍କା ଖଜାଇଙ୍କ ନାମ ଉଲ୍ଲେଖ କରିଛନ୍ତି । ***(ଫୁତୁହୁଲ୍ ବୁଲ୍‌ଦାନ୍, ପୃ-୧୮୮........ ବେରୁତ ୨୦୦୦)***

କିନ୍ତୁ ତିବ୍‌ରୀର ଲେଖକ ଲେଖିଛନ୍ତି, କେତେକ ଲୋକମାନେ ଅବ୍‌ଦୁଲ୍ଲାଃ ବିନ୍ ୱର୍କା ଅସ୍‌ଦିଙ୍କୁ ଯିଏ ଉକ୍ତ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ ଏବଂ ଗୋଟିଏ ଦଳର କମାଣ୍ଡର ଥିଲେ, ତାଙ୍କୁ ଅବ୍‌ଦୁଲ୍ଲାଃ ବିନ୍ ବୁଦୈଲ୍ ବିନ୍ ୱର୍କା ସହିତ ମିଳାଇ ଦେଇଛନ୍ତି । ଯେବେ କି ଅବ୍‌ଦୁଲ୍ଲାଃ ବିନ୍ ବୁଦୈଲ୍ ହଜ୍‌ରତ୍ ଉମ୍ରର୍ ର:ଅଙ୍କ କାଳରେ ନାବାଳକ ଥିଲେ ଓ ସଫିନ୍ ଯୁଦ୍ଧରେ ଯେତେବେଳେ ସେ ବୀରଗତି ପ୍ରାପ୍ତ କଲେ ସେତେବେଳେ ତାଙ୍କୁ ୨୪ ବର୍ଷ ହୋଇଥିଲା ।

***(ମକାଲା, ତାରିଖେ..... ଇସ୍‌ଲାମ୍...... ପୃ-୧୬୬-୧୬୮)***

ହମ୍‌ଜାନ୍‌ର ବିଦ୍ରୋହ ଓ ତା' ଉପରେ ପୁନଃ ବିଜୟ ନେହାୱନ୍ଦ ପରେ ମୁସଲମାନମାନେ ହମ୍‌ଜାନ୍‌କୁ ମଧ୍ୟ ଅଧିକୃତ କରିନେଇଥିଲେ କିନ୍ତୁ ଏସବୁ ସତ୍ୱେ ହମ୍‌ଜାନ୍ ବାସୀ ସନ୍ଧିର ସର୍ତାବଳୀକୁ ଭଙ୍ଗ କରିଦେଲେ ଏବଂ ଆଜର୍‌ବାଇଜାନ୍‌ରୁ ମଧ୍ୟ ସୈନ୍ୟ ସାହାଯ୍ୟ ପ୍ରାପ୍ତ କରି ସେନା ପ୍ରସ୍ତୁତ କରିନେଲେ । ହଜ୍‌ରତ୍ ଉମର୍ ର:ଅ ନଇମ୍ ବିନ୍ ମୁକ୍‌ରିନ୍‌ଙ୍କୁ ୧୨ ହଜାର ସୈନ୍ୟ ଦଳ ସହିତ ସେଠାକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଘମାସାନ ଯୁଦ୍ଧ ପରେ ମୁସଲମାନମାନେ ସହରକୁ ବିଜୟ କରି ନିଜ ଅଧିକାର ଭୁକ୍ତ କରିଥିଲେ ।

***(ସିରତ୍ ଅମୀରୁଲ୍ ମୁମିନିନ୍....... ପୃ-୪୩୧.... ବେରୁତ ୨୦୦୭)***

ହଜ୍‌ରତ୍ ଉମର୍ ର:ଅ ଉକ୍ତ ଯୁଦ୍ଧର ଫଳାଫଳ ପାଇଁ ଅତ୍ୟନ୍ତ ଚିନ୍ତିତ ଥିଲେ ସନ୍ଦେଶ ବାହକ ବିଜୟର ଶୁଭ ସମାଚାର ଆଣିଲେ ହଜ୍‌ରତ୍ ଉମର୍ ର:ଅ ତାହା ମାଧମରେ ନଇମ୍ ବିନ୍ ମୁକ୍‌ରିନ୍‌ଙ୍କୁ ଆଦେଶ ଦେଲେ ଯେ, ହମ୍‌ଜାନ୍‌ରେ କୌଣସି ବ୍ୟକ୍ତିକୁ ନିଜର ଉତରାଧିକାରୀ କରି ସ୍ୱୟମ ରଏ ଅଭିମୁଖେ ଅଗ୍ରସର ହୁଅନ୍ତୁ । ସେଠାରେ ଯେଉଁ ସୈନ୍ୟଦଳ ରହିଥିଲା ତାହାକୁ ପରାଜିତ କରି ରଏ ଠାରେ ହିଁ ଅବସ୍ଥାନ କରନ୍ତୁ କାରଣ ସେହି ସହରକୁ ଉକ୍ତ ସମସ୍ତ ଆଖପାଖ ଅଂଚଳର କେନ୍ଦ୍ରସ୍ଥଳୀ ବା ପୀଠସ୍ଥଳୀ ମାନ୍ୟତା ପ୍ରାପ୍ତ ରହିଛି । ***(ମକାଲା, ତାରିଖେ..... ଇସ୍‌ଲାମ୍...... ପୃ-୧୬୯)***

ସେ ଯାହା ହେଉ ନା କାହିଁକି ଏହି ଚର୍ଚ୍ଚା ଅଭ୍ୟାହତ ରହିଛି ଏବଂ ଆହୁରି ଅନେକ ଯୁଦ୍ଧ ବିଷୟରେ ଯାହା ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ବିଜୟ ପ୍ରାପ୍ତ କରାଯାଇଥିଲା, ସେ ସମସ୍ତ ବିଷୟବସ୍ତୁ

ଉପରେ ମଧ୍ୟ ଇନ୍‌ଶାଅଲ୍ଲାଃ ତାଲା ଚର୍ଚ୍ଚା କରିବି ।

ବର୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିଦେଉଛି ନମାଜ ଜୁମା ପରେ ସେମାନଙ୍କର ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି । ତନ୍ମଧ୍ୟରୁ ପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ଦିଆନ୍ତୋ ସାହେବ ଯିଏ କି ଇଣ୍ଡୋନେସିଆର ନିବାସୀ ଥିଲେ । ଗତ ଜୁଲାଇ ମାସ ୧୫ ତାରିଖ ଦିନ ୪୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ତାଙ୍କର ପତ୍ନୀ ଉଲ୍ଲେଖ କରନ୍ତି ଯେ ମୋ ସ୍ୱର୍ଗତ ସ୍ୱାମୀ ଜଣେ ଅଣଅହେମଦୀ ପରିବାରରେ ଜନ୍ମଗ୍ରହଣ କରିଥିଲେ କିନ୍ତୁ ବାଲ୍ୟକାଳରୁ ମସ୍‌ଜିଦ୍ ଯିବାକୁ ତାଙ୍କର ପ୍ରବଳ ଅଭିରୁଚି ରହିଥିଲା ଏବଂ ଅନ୍ୟ ପିଲାମାନଙ୍କ ତୁଳନାରେ ସେ ସମ୍ପୂର୍ଣ୍ଣ ଭିନ୍ନ ଥିଲେ । ଅଧିକ ସମୟ ପର୍ଯ୍ୟନ୍ତ ମସ୍‌ଜିଦ୍‌ରେ ରହିବା ଇସ୍‌ଲାମୀୟ ଶିକ୍ଷା ଆହାରଣ କରିବା ଓ ଅଲ୍ଲାଃ ତାଲାଙ୍କ ଚର୍ଚ୍ଚା କରିବା ତାଙ୍କୁ ପସନ୍ଦ ଥିଲା । ସେ କହୁଥିଲେ ଯେ, ଏହା ସବୁ ତାଙ୍କ ପାଇଁ ପ୍ରକୃତ ନେମତ୍ ଅର୍ଥାତ ପୁରସ୍କାର ଥିଲା ଯେ ତାଙ୍କୁ କିପରି ଏହା ଦ୍ୱାରା ଅଲ୍ଲାଃ ତାଲାଙ୍କର ସାନ୍ନିଧ୍ୟତା ପ୍ରାପ୍ତ ହୋଇଯାଉ । ଯେତେବେଳେ ସ୍ୱର୍ଗତ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ସେତେବେଳେ ଗ୍ରାମରେ ତାଙ୍କର ଜଣେ ବନ୍ଧୁ ଥିଲେ ଯିଏ କି ଅହେମଦୀ ଥିଲେ । ଅତଏବ ତାଙ୍କ ବନ୍ଧୁଙ୍କ ମାଧ୍ୟମରେ ଯମାତ୍ ସମ୍ପର୍କରେ ସେ ଜାଣିବାକୁ ପାଇଲେ । ସେ ଚିଲିଡୁଗ (Ciledug) ଏବଂ ଚି ରିବ୍ୟୁନ୍ ଜମାତ୍‌ରେ ବୟତ କରିଥିଲେ । ଯେତେବେଳେ ତାଙ୍କ ପିତାଙ୍କୁ ନିଜ ପୁତ୍ରଙ୍କ ବୟତ କରିବା ସମ୍ପର୍କରେ ସୁଚନା ମିଳିଲା ସେତେବେଳେ ସେ ଅତ୍ୟଧିକ କ୍ରୋଧିତ ହୋଇ ଉଠିଥିଲେ ଏବଂ ତାଙ୍କୁ ଘରୁ ବାହାର କରିଦେଇଥିଲେ କାରଣ ସେ ଭାବୁଥିଲେ ଯେ ତାଙ୍କ ପୁତ୍ର ପଥଭ୍ରଷ୍ଟ ହୋଇଯାଇଛି । ତାଙ୍କ ଘରର କବାଟ ତାଙ୍କ ପାଇଁ ବନ୍ଦ କରିଦିଆଗଲା । ଅର୍ଥାତ ପିତା ନିଜ ପୁତ୍ରକୁ ଆଉ ଗ୍ରହଣ କରିନଥିଲେ ତାଙ୍କ ପାଇଁ ଦ୍ୱାର ବନ୍ଦ କରିଦେଇଥିଲେ । ଏହିଭଳି ପରିସ୍ଥିତିରେ ସ୍ୱର୍ଗତ ବାହାରେ ଶୋଇ ଦିନ କାଟିଥିଲେ କିଛି ଦିନ ଏହିପରି ଚାଲିଥିଲା ପୁନଶ୍ଚ ତାଙ୍କ ଅଭିଭାବକମାନେ ସ୍ୱର୍ଗତଙ୍କୁ କ୍ଷମା ମଧ୍ୟ କରିଦେଇଥିଲେ ଫଳତଃ ସେ ଘରକୁ ଆସିଯାଇଥିଲେ । ସେ ଯାହା ହେଉ ନା କାହିଁକି ୧୯୯୭ ମସିହାରେ ସ୍ଥାନୀୟ ଯମାତ୍ ପଦାଧିକାରୀମାନେ ତାଙ୍କୁ ଜାମିୟା ଅହେମଦିୟା ଯିବାପାଇଁ ପ୍ରସ୍ତାବ ଦେଲେ କାରଣ ତାଙ୍କ ନିକଟରେ ଜଣେ ମୁବଲିଗ୍ ହେବାର ଯୋଗ୍ୟତା ଥିଲା । ଯୁବାବସ୍ଥାରୁ ହିଁ ତବ୍‌ଲିଗ୍ କରିବାକୁ ତାଙ୍କୁ ପ୍ରବଳ ରୁଚି ରହିଥିଲା । ସେ ଯାହା ହେଉ ନା କାହିଁକି ସେ ଜାମିୟା ଅହେମଦିୟାରେ ପ୍ରବେଶ କଲେ । ୨୦୦୨ ମସିହାରେ ଜାମିୟା ଅହେମଦିୟାରୁ ନିଜର ପାଠ୍ୟକ୍ରମ ଓ ଶିକ୍ଷା ସମାପ୍ତି କରି କର୍ମକ୍ଷେତ୍ରରେ ପାଦ ଦେଇଥିଲେ । ତାଙ୍କର ପ୍ରଥମ ପୋଷ୍ଟିଂ ଜେନେପାନ୍ତୋ (Jeneponto) ଜମାତ୍‌ରେ ହେଇଥିଲା । ତବ୍‌ଲିଗ୍ କରିବା ପାଇଁ ତାଙ୍କର ପ୍ରବଳ ଅଭିରୁଚି ଥିବାରୁ ସେ ଗ୍ରାମ ଗ୍ରାମ ବୁଲି ଦାଇଆନେ ଇଲଲ୍ଲାହ୍‌ଙ୍କ ସହିତ ମିଶି ତବ୍‌ଲିଗ୍ କରୁଥିଲେ । ଅଲ୍ଲାଃଙ୍କୁ କୃପାରୁ ଗୋଟିଏ ଗ୍ରାମରେ ଶତାଧିକ ବୟତ କରିବାର ତାଙ୍କୁ ସୌଭାଗ୍ୟ ପ୍ରାପ୍ତି ହୋଇଥିଲା । ଯେତେବେଳେ ମିଶନ୍ ହାଉସ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ସେତେବେଳେ ସେ ସ୍ୱୟମ ସେହି ନିର୍ମାଣ କାର୍ଯ୍ୟରେ ଅଂଟା ଭିଡ଼ିଥିଲେ । ସେତେବେଳେ ସେଠାରେ ଯମାତ୍‌ରେ କୌଣସି ମିଶନ୍ ହାଉସ୍ ନ ଥିଲା । ତାଙ୍କର ପତ୍ନୀ କୁହନ୍ତି ମୋର ମନେ ଅଛି ଆମେମାନେ ଅତ୍ୟନ୍ତ ସ୍ୱଳ୍ପ ଭଡ଼ା ନେଇ ରହୁଥିଲୁ ଏତେ ସରଳ ଜୀବନ ଯାପନ କରୁଥିଲୁ ଯେ ଘରେ କୌଣସି ଜିନିଷପତ୍ର ମଧ୍ୟ ନଥିଲା କେବଳ ଗୋଟିଏ କମ୍ବଳ, ତକିଆ ଏବଂ ଗୋଟିଏ ଚଟେଇ ଛାଡ଼ିଦେଲେ ଅନ୍ୟ କିଛି ନଥିଲା ଏପରି କି ଖାଦ୍ୟ ରାନ୍ଧିବାପାଇଁ ବାସନ ମଧ୍ୟ ଖୁବ୍ କମ୍ ରହିଥିଲା ଅର୍ଥାତ ଯେଉଁ ପାତ୍ରରେ ସେ ପାଣି ଆଣୁଥିଲେ ସେହି ପାତ୍ରରେ ରୋଷେଇ ପ୍ରସ୍ତୁତ କରୁଥିଲେ ଓ ସେଥିରେ ମଧ୍ୟ ଖାଦ୍ୟ ସେବନ କରିନେଉଥିଲେ । ତାଙ୍କ ପତ୍ନୀ କୁହନ୍ତି ଦିନେ ତାଙ୍କର ତବ୍‌ଲିଗ୍‌ର ମୂଖ୍ୟ ସଚିବ ସୁଇତି ଅଜିଜ୍ ସାହେବ ଏବଂ ରାଜ୍ୟ ସ୍ତରୀୟ ମୁବଲିଗ୍ ସୈଫୁଲ୍ ଏଲ୍ୱନ୍ ସାହେବ ତାଙ୍କ ଘରକୁ ଆସିଲେ ଦୁହେଁ ଘରର ପରିସ୍ଥିତି ଓ ଜିନିଷ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଲେ ଯେ, ଘରେ ତ କୌଣସି ସାମଗ୍ରୀ ହିଁ ନାହିଁ, ଏମାନେ କେମିତି ଜୀବନ ବିତାଉଛନ୍ତି ? ସେ ଯାହା ହେଉ ନା କାହିଁକି ଯମାତ୍ ଯେନେପୋନ୍ତୋର ସଦସ୍ୟମାନେ ମିଶନ୍ ହାଉସ୍ ନିର୍ମାଣ କରିବାପାଇଁ ମର୍କଜ ନିକଟରେ ଆବେଦନ କଲେ ଓ ସେଠାରେ ମିଶନ୍ ହାଉସ୍‌ର ନିର୍ମାଣ ମଧ୍ୟ ଆରମ୍ଭ ହେଲା ଏହାପରେ ସେଠାରେ ମସ୍‌ଜିଦ୍ ମଧ୍ୟ ନିର୍ମାଣ ହେଲା । ପ୍ରଥମେ ଏମାନେ ମୁସଲମାନମାନଙ୍କର ଗୋଟିଏ ମିଳିତ ମସ୍‌ଜିଦ୍‌ରେ ନମାଜ ପଢୁଥିଲେ କିନ୍ତୁ ସେଠାରେ ତାଙ୍କୁ ବିରୋଧ ହେବା ଯୋଗୁଁ ସେଠାରେ ନମାଜ ପଢ଼ିବା ବନ୍ଦ କରିଦିଆଗଲା । ଏହାପରେ ଗୋଟିଏ ଘରେ ନମାଜ ପଢ଼ାଯାଉଥିଲା ଓ ମସ୍‌ଜିଦ୍ ନିର୍ମାଣ କରିବାପାଇଁ ଅନେକ ପ୍ରତିବନ୍ଧକ ମାଡ଼ି ଆସିଥିଲା । ମିସ୍ତ୍ରୀମାନେ କାମ କରିବାକୁ ମନା କରିଦେଲେ । ଗ୍ରାମର ମୂଖିଆ ମଧ୍ୟ ଧମକ ଦେଲା ଯେ, ମୁଁ ମସ୍‌ଜିଦ୍ ନିର୍ମାଣ କରିବାକୁ ଦେବିନାହିଁ । ସେ ଯାହା ହେଉ ନା କାହିଁକି ଏହି ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ମଧ୍ୟ ସେ ସାହାସ ହାରିନଥିଲେ ଏବଂ ଅତ୍ୟନ୍ତ ଦୃଢ଼ ମନର ସହିତ ମସ୍‌ଜିଦ୍ ର ନିର୍ମାଣ କାର୍ଯ୍ୟ କରିଥିଲେ ଯଦି ମୂଲିଆମାନେ ଆସୁନଥିଲେ ସେତେବେଳେ ସେ ଖୁଦାମ୍ ଓ ଅତ୍‌ଫାଲ୍‌ମାନଙ୍କ ସାହାଯ୍ୟ ନେଇ କାର୍ଯ୍ୟ ଆରମ୍ଭ କରିଦେଉଥିଲେ ଏବଂ ୱକାରେ ଅମଲ୍ କରୁଥିଲେ । ଅଣଅହେମଦୀମାନଙ୍କ ପିଲାମାନେ ମଧ୍ୟ ଅହେମଦୀମାନଙ୍କ ସହିତ ସାମିଲ ହୋଇଯାଉଥିଲେ, ଯେଉଁମାନଙ୍କ ସହିତ ଅହେମଦୀ ଖୁଦାମ୍ ମାନେ ଭଲ ସମ୍ପର୍କ ରଖିଥିଲେ । ସୁତରାଂ ମସ୍‌ଜିଦ୍ ଏହିପରି ଭାବରେ ନିର୍ମିତ ହୋଇଗଲା । ସ୍ୱର୍ଗତଙ୍କ ପତ୍ନୀ କୁହନ୍ତି ଜାକର୍ତା ଜମାତ୍‌ର ତାଙ୍କର ଯେତେବେଳେ ନିଯୁକ୍ତି ହେଲା ସେତେବେଳେ ସେଠାରେ ଅତ୍ୟଧିକ ବିରୋଦ୍ଧ ଥିଲା କିନ୍ତୁ ଯେତେବେଳେ ସେଠାରେ ନଈବଢ଼ି ଆସିଲା ସେତେବେଳେ ଯେଉଁ ବିରୋଦ୍ଧି ଅଣଅହେମଦୀମାନେ ଥିଲେ, ସେମାନେ ଆଶ୍ରୟ ନେବାପାଇଁ ଆମ ମସ୍‌ଜିଦ୍ ଆଡ଼କୁ ଚାଲିଆସିଲେ । ଦୁଇବର୍ଷ କ୍ରମାଗତ ଭାବରେ ନଈବଢ଼ି ଆସିଲା ଏବଂ ଆମମାନଙ୍କର ମସ୍‌ଜିଦ୍‌ରେ ହିଁ ସେମାନେ ଶରଣ ନେଇଥିଲେ । ଗୋଟେ ପଟେ ସେମାନେ ଅର୍ଥାତ ଅଣଅହେମଦୀମାନେ ଆମକୁ ବିରୋଧ କରୁଥିଲେ ପୁଣି ଅପରପକ୍ଷେ ସେମାନେ ଆମ ମସ୍‌ଜିଦ୍‌ରେ ଆସି ଶରଣ ମଧ୍ୟ ନେଉଥିଲେ ଏହିପରି ମାମଲା ଥଣ୍ଡା ପଡ଼ିଗଲା । ସ୍ୱର୍ଗତ ଦିଆନ୍ତୋ ସାହେବଙ୍କ ସେବା କାର୍ଯ୍ୟ ମଧ୍ୟରୁ ଗୋଟିଏ ସ୍ୱତନ୍ତ୍ର କାର୍ଯ୍ୟ ଏହା ଥିଲା ଯେ, ଇଣ୍ଡୋନେସିଆରେ ରେଡ଼ିଓ ଓ ଇଂଟରନେଟ୍ ମାଧ୍ୟମରେ ଜମାତ୍‌ର ବାର୍ତା ଓ ଉପସ୍ଥିତ ଖଲିଫାଙ୍କ ଖୁତ୍‌ବାର ଅନୁବାଦ ସିଧା ପ୍ରସାରଣ କରିବାର ବ୍ୟବସ୍ଥା କରିଥିଲେ । ସେତେବେଳେ ଏଠାରେ ୟୁଟ୍ୟୁବ୍ ମାଧ୍ୟମରେ ଖୁତ୍‌ବାର ଅନୁବାଦକୁ ସିଧା ପ୍ରସାରଣ କରିବାର କାର୍ଯ୍ୟକ୍ରମ ଆରମ୍ଭ ହୋଇନଥିଲା । ତେବେ ସେ ଯାହା ହେଉ ନା କାହିଁକି ସେ ନିଜର ସମଗ୍ର ଜୀବନ ଅତ୍ୟନ୍ତ ପରିଶ୍ରମ କରି ଜଣେ ଆଦର୍ଶ ମୁବଲିଗ୍ ହେବାର ଆଖ୍ୟା ପାଇଛନ୍ତି । ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କର ବିଧବା ପତ୍ନୀଙ୍କ ବ୍ୟତୀତ ପାଂଚଜଣ ସନ୍ତାନ ଅଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନତି କରନ୍ତୁ ତାଙ୍କ ସନ୍ତାନସନ୍ତତିଙ୍କ ମଧ୍ୟରେ ଏହି ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟ ସାହେବ୍‌ଜାଦା ଫରହାନ୍ ଲତିଫ ସାହେବଙ୍କର । ସେ ଆମେରୀକା ସ୍ଥିତ ସିକାଗୋର ଅଧିବାସୀ ଥିଲେ । ଯାହାଙ୍କର କିଛି ଦିନ ପୂର୍ବେ ବିୟୋଗ ଘଟିଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତ ହଜ୍‌ରତ୍ ସାହାବ୍‌ଜାଦା ଅବ୍‌ଦୁଲ୍ ଲତିଫ୍ ସାହେବଙ୍କର ପୌତ୍ର ଥିଲେ । ସ୍ୱର୍ଗତ ସିକାଗୋ ଯମାତ୍‌ର ଜଣେ ସକ୍ରିୟ କର୍ମୀ ଥିଲେ । ସର୍ବଦା ସାହାଯ୍ୟ ସହଯୋଗ କରିବାପାଇଁ ପ୍ରସ୍ତୁତ ରହୁଥିଲେ । ତାଙ୍କ ମୁଖରେ ସର୍ବଦା ସ୍ମିତହାସ୍ୟ ବିଦ୍ୟମାନ ରହୁଥିଲା । ସଲାମ୍ କରିବାରେ ସର୍ବଦା ତତ୍ପର ରହୁଥିଲେ ଏବଂ ଏହିସବୁ ସୁଗୁଣାବଳୀର ଅଧିକାରୀ ଥିଲେ, ମସ୍‌ଜିଦ୍‌ରେ ଯେ କୌଣସି ଛୋଟ ବଡ଼ କାର୍ଯ୍ୟ ହେଉଥିଲା ସେଥିପାଇଁ ଯଥାଶିଘ୍ର ଉପସ୍ଥିତ ହୋଇଯାଉଥିଲେ ଏବଂ ଆଜ୍ଞାପାଳନ କରିବାରେ ସର୍ବଦା ସହମତି ପ୍ରକାଶ କରୁଥିଲେ । ସେବା କରିବାପାଇଁ ସର୍ବଦା ଆଗଧାଡ଼ିରେ ରହୁଥିଲେ ସିକାଗୋ ଯମାତ୍‌ର ଅଡ଼ିଟର ବିଭାଗର ଦାୟିତ୍ୱ ଅତ୍ୟନ୍ତ ଉତମ ଭାବରେ ତୁଲାଇଥିଲେ । ସେ ୱସିୟତ୍‌ରେ ମଧ୍ୟ ଅର୍ନ୍ତଭୁକ୍ତ ଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତିନିଜଣ ଛୋଟ ଛୋଟ ପିଲା ଏବଂ ବୃଦ୍ଧ ମାଆ ବାପା ସାମିଲ ଅଛନ୍ତି । ବିୟୋଗ ସମୟରେ ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନତି କରନ୍ତୁ ତାଙ୍କ ସନ୍ତାନସନ୍ତତିଙ୍କ ମଧ୍ୟରେ ଏହି ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖନ୍ତୁ ।

ତୃତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମଲକ୍ ମୁବଶିର୍ ସାହେବଙ୍କର ସେ ଲାହୋରର ଅଧିବାସୀ ଥିଲେ ଗତବର୍ଷ ୨୧ ନଭେମ୍ବରରେ ତାଙ୍କର ବିୟୋଗ ଘଟିଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ଏପର୍ଯ୍ୟନ୍ତ ତାଙ୍କର ଯନାଜାଃ ହୋଇପାରିନଥିଲା । ତାଙ୍କର ସୁପୁତ୍ର ଏହା ଲେଖି ଜଣାଇଛନ୍ତି ଓ ନିବେଦନ କରିଛନ୍ତି ଯେ ତାଙ୍କର ଯନାଜାଃ ପଢ଼ାଯାଉ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଏବଂ ପବିତ୍ର କୁର୍‌ଆନ୍‌ର ବ୍ୟାଖ୍ୟାକାରୀ ମୌଲାନା ଗୁଲାମ୍ ଫରିଦ୍ ର:ଅଙ୍କ ସେ ସୁପୁତ୍ର ଥିଲେ । ଦାଉଦ୍ ଖୈର୍ ଜିଲ୍ଲା ମିଆଁ ନୱାଲିର ଅମୀର ଯମାତ ବ୍ୟତିତ ହାଇଦ୍ରାବାଦ୍ ଯମାତ୍‌ର ବିଭିନ୍ନ ପଦବୀରେ ସେ ଅଧିଷ୍ଠିତ ଥିଲେ ଏବଂ ସେଠାରେ ତାଙ୍କୁ ସେବା କରିବାକୁ ସୌଭାଗ୍ୟ ପ୍ରାପ୍ତ ହୋଇଛି । ପବିତ୍ର କୁର୍‌ଆନ୍ କରିମ୍‌ର ଡ଼ିକ୍ସିନାରୀକୁ ସମ୍ପୂର୍ଣ୍ଣ କରିବାରେ ମଧ୍ୟ ତାଙ୍କୁ ସୁଯୋଗ ପ୍ରାପ୍ତ ହୋଇଥିଲା ଯେ, ଖଲିଫତୁଲ୍ ମସିହ୍ ରାବେ ର:ଅଙ୍କ ନିର୍ଦ୍ଦେଶ କ୍ରମେ ପିତା ମଲକ୍ ଫରିଦ୍ ସାହେବଙ୍କ ବିୟୋଗ ପରେ ନିଜ ଛୋଟ ଭାଇ ସହିତ ମିଶି ଏହି କାର୍ଯ୍ୟ କରିଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନତି କରନ୍ତ ତାଙ୍କ ସନ୍ତାନସନ୍ତତିଙ୍କ ମଧ୍ୟରେ ଏହି ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ନମାଜ ପରେ ଏହି ମୃତକମାନଙ୍କର ନମାଜ ଯନାଜାଃ ଗାଏବ ମୁଁ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ଅଲ୍ଲାଃ ନିଜର ହୁକୁମ୍ (ଆଦେଶ)କୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଅଲ୍ଲାଃ ନିଜର ପ୍ରତିଶୃତିକୁ ପୂରଣ କରିବାକୁ ଯାଉଛନ୍ତି ଏବଂ ସେ ଗୋଟିଏ ଜାତି ପରେ ଆଉ ଗୋଟିଏ ଜାତିକୁ ସୃଷ୍ଟି କରିବେ । ...... ତୁମେ ନିଜର ଅବସ୍ଥାକୁ ପରିବର୍ତନ କରନାହିଁ । ଅନ୍ୟଥା ଅଲ୍ଲାଃ ତୁମମାନଙ୍କ ସ୍ଥାନରେ ଅନ୍ୟମାନଙ୍କୁ ଆରି ରଖିଦେବେ । ..... ମତେ ବର୍ତମାନ ମୁସଲମାନମାନଙ୍କ ବିନାଶର କାରଣ କେବଳ ତୁମେ ଜଣାପଡୁଅଛ । *(ହଜ୍‌ରତ୍ ଉମର୍ ଫାରୁକ୍ ର:ଅ)*

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ଉତମ ଗୁଣଗାରିମାର ବର୍ଣ୍ଣନା**

ଚୀନ୍‌ର ସମ୍ରାଟ ମୁସଲମାନମାନଙ୍କ ଅବସ୍ଥା ଓ ଘଟଣାବଳୀ ଶୁଣିବା ପରେ ୟଜଦ୍‌ଜର୍ଦକୁ ଲେଖିଲା ଯେ ତୁମର ଦୂତ ମୁସଲମାନମାନଙ୍କର ଯେଉଁ ଗୁଣ ବର୍ଣ୍ଣନା କରିଛନ୍ତି, ମୋ ମତରେ ଯଦି ସେମାନେ ପାହାଡ଼ ସହିତ ଟକ୍କର ନେବେ ତା'ହେଲେ ତାଙ୍କୁ ଖଣ୍ଡ ଖଣ୍ଡ କରିଦେବେ ।

ରଏ ଯୁଦ୍ଧ, କୁମିସ୍ ବିଜୟ, ଅଜ୍‌ରବାଇଜାନ୍, ଖୁରାସାନ, ଇସ୍‌ତଖର୍, ଫସା ଏବଂ ଦାରେ ଅବ୍‌ଜରଦ୍, କିର୍ମାନ୍, ସଜିସ୍ତାନ, ମକ୍‌ରାନ ଏବଂ ଆର୍‌ମିନିୟାର ସନ୍ଧି ବିଷୟରେ ଚର୍ଚ୍ଚା

**ଟର୍‌କିଶ୍ (ତୁର୍କୀ) ଇଂଟରନେଟ୍ ରେଡ଼ିଓର ଶୁଭାରମ୍ଭ ଘୋଷଣା**

ତିନିଜଣ ମର୍‌ହୁମୀନ୍ (ମୃତ ବ୍ୟକ୍ତି) ମୋକରମ୍ ମୁହମ୍ମଦ ଅଲ୍‌ମୁଖ୍‌ତାର୍ କିବ୍‌ତା ସାହେବ୍ ଅଫ୍ ମରାକିଶ୍, ମୋକରମ୍ ମେହ୍‌ମୁଦ୍ ଅହେମଦ୍ ସାହେବ୍ ପୂର୍ବତନ ଖାଦିମ୍ ମସ୍‌ଜିଦ୍ ଅକ୍‌ସା ଓ ମସ୍‌ଜିଦ୍ ମୋବାରକ କାଦିଆନ୍, ମୋହ୍‌ତରମା ସୌଦା ସାହିବା ପତ୍ନୀ ଅବ୍‌ଦୁର୍ ରହ୍‌ମାନ୍ ସାହେବ ଅଫ୍ କେରଳ ଇଣ୍ଡିଆ ଏବଂ ମୋହ୍‌ତରମା ସଇଦାଃ ମଜିଦ୍ ସାହିବା ପତ୍ନୀ ଶେଖ୍ ଅବ୍‌ଦୁଲ୍ ମଜିଦ୍ ସାହେବ୍ ଅଫ୍ ଫୈସଲାବାଦଙ୍କ ଉତମ ଗୁଣାବଳିର ଚର୍ଚ୍ଚା ଓ ଜନାଜାଃ ଗାଏବ୍ ପାଠ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୨୭ ଅଗଷ୍ଟ ୨୦୨୧ ଅନୁଯାୟୀ ୨୭ ଜହୁର୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା, ଆପଣଙ୍କ ଖିଲାଫତ୍ କାଳରେ ଗୋଟିଏ ଯୁଦ୍ଧ ହୋଇଥିଲା ଯାହାକୁ ରଏ ଯୁଦ୍ଧ କୁହାଯାଏ ରଏ ହେଉଛି ଏକ ପ୍ରଶିଦ୍ଧ ସହର ଯାହା ପାହାଡ଼ିଆ ଇଲାକା ଅଟେ । ରଏ ନିସାପୁରଠାରୁ ୪୮୦ ମାଇଲ ଦୂରତାରେ ଏବଂ କଜ୍‌ୱିନ୍‌ଠାରୁ ୫୧ ମାଇଲ୍ ଦୂରତାରେ ଅବସ୍ଥିତ ଏକ ସ୍ଥାନ । ରଏ ର ଅଧିବାସୀଙ୍କୁ ରାଜି କୁହାଯାଏ ଏବଂ ସୁପ୍ରଶିଦ୍ଧ ବ୍ୟାଖ୍ୟାକାରୀ ହଜରତ ଇମାମ୍ ଫକ୍‌ରୁଦ୍ଦିନ୍ ରାଜି ରଏ ର ଅଧିବାସୀ ଥିଲେ । ରଏ ର ହାକିମ ସିୟାଓ୍ୱଖ୍‌ଶ୍ ବିନ୍ ମେହରାନ୍ ବିନ୍ ବେହ୍‌ରାମ୍ ଶୋବିନ୍ ଥିଲେ । ସେ ଦୁନ୍‌ବାଓ୍ୱନ୍ଦ୍ ତିବ୍‌ରୀସ୍ଥାନ, କୁମିସ୍ ଓ ଜୁର୍ଜାନ ବାସୀଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ନିଜ ସାହାଯ୍ୟ ନିମନ୍ତେ ପ୍ରସ୍ତୁତି କରୁଥିଲେ । ମୁସଲମାନ ସେନା ରେ ମାର୍ଗରେ ଆଗକୁ ବଢୁଥିଲେ ଯେ ସେହି କ୍ରମରେ ଜଣେ ଇରାନୀ ସର୍ଦ୍ଦାର ଅବୁଲ୍ ଫର୍‌ଖାନ୍ ଜେନ୍‌ବି ସନ୍ଧି ସ୍ଥାପନ କରି ମୁସଲମାନମାନଙ୍କ ସହିତ ସମ୍ମିଳିତ ହୋଇଗଲେ । ଜୈନ୍‌ବି ହଜ୍‌ରତ୍ ନଇମ୍ ବିନ୍ ମୁକ୍‌ରିନ୍‌ଙ୍କୁ କହିଲେ ଆପଣ ମୋ ସାଥିରେ କିଛି ଅଶ୍ୱାରୋହୀଙ୍କୁ ପ୍ରେରଣ କରିଦିଅନ୍ତୁ ମୁଁ ସେମାନଙ୍କୁ ନେଇ ଅର୍ଥାତ ମୁସଲମାନ ଦଳକୁ ନେଇ ଏକ ଗୁପ୍ତ ମାର୍ଗରେ ରେ ସହର ମଧ୍ୟରେ ପ୍ରବେଶ କରିଯିବ ଯାହାକି ମତେ ଜଣାଅଛି ଏବଂ ଏପରି ଆପଣ ରେ ସହରକୁ ଅଧିକାର କରିନେବେ । ଆପଣମାନେ ଅର୍ଥାତ ବାକି ମୁସଲମାନ ସୈନ୍ୟମାନେ ବାହାରୁ ଆକ୍ରମଣ କରିବା ସମୟରେ ଆମେ ଭିତରୁ ଆପଣଙ୍କୁ ସହାୟତା କରିବୁ । ଯଦ୍ୱାରା ସହଜରେ ଆପଣ ସହର ବିଜୟ କରିନେବେ । ଅତଏବ ରାତ୍ର ସମୟରେ ନଇମ୍ ବିନ୍ ମୁକ୍‌ରିନ୍ ନିଜ ପୁତୁରା ମୁନ୍‌ଜିର୍ ବିନ୍ ଉମ୍‌ରୋଙ୍କ ନେତୃତ୍ୱରେ ଏକ ସୈନ୍ୟ ଦଳ ଜୈନ୍‌ବିଙ୍କ ସାଥିରେ ପ୍ରେରଣ କରିଦେଲେ । ଏପଟରୁ ସେ ସ୍ୱୟମ ଅର୍ଥାତ ନଇମ୍ ବିନ୍ ମୁକ୍‌ରିନ୍ ବାକି ସୈନ୍ୟଦଳକୁ ନେଇ ଆକ୍ରମଣ କଲେ । ଯୁଦ୍ଧ ଆରମ୍ଭ ହେଲା ଶତ୍ରୁ ବେଶ୍ ଦାମ୍ଭିକତାର ସହିତ ଆକ୍ରମଣର ଉତର ଦେଉଥିଲା କିନ୍ତୁ ନିଜ ପଛପଟୁ ଯେତେବେଳେ ମୁସଲମାନଙ୍କ ନାରା (ସ୍ଲୋଗାନ୍) ଶୁଣିଲେ ଯେ, ଜୈନ୍‌ବିଙ୍କ ସାଥିରେ ସହର ଭିତରେ ପ୍ରବେଶ କରିଯାଇଥିଲେ, ଏତଦ୍‌ଦ୍ୱାରା ସେମାନେ ଧରାଶାୟୀ ହୋଇଗଲେ ଅର୍ଥାତ ରେ ସହରବାସୀ ଯେଉଁମାନେ ମୁସଲମାନମାନଙ୍କର ପ୍ରତିଦ୍ୱନ୍ଦିତା କରୁଥିଲେ । ସେମାନେ ହତାଶ ହେଲେ ଫଳତଃ ମୁସଲମାନମାନେ ସହରକୁ ବିଜୟ କରିନେଲେ । ସହରବାସୀଙ୍କୁ ଲିଖିତ ଆକାରରେ ସୁରକ୍ଷା ଦେବା ପାଇଁ ପ୍ରତିଶୃତି ଦିଆଗଲା । ଯେଉଁ ପ୍ରତିଶୃତି ଦିଆଯାଇଥିଲା ତାହା କିଛି ଏପରି ଥିଲା । ବିସ୍‌ମିଲ୍ଲାହିର୍ ରହ୍‌ମାନିର୍ ରହିମ୍ ଅର୍ଥାତ ଅଲ୍ଲାଃଙ୍କ ନାମ ନେଇ ଆରମ୍ଭ କରୁଅଛି । ଏହି ଲେଖା ନଇମ୍ ବିନ୍ ମୁକ୍‌ରିନ୍ ଜୈନ୍‌ବିକୁ ପ୍ରଦାନ କରୁଅଛି । ସେ ରେ ର ବାସିନ୍ଦା ଓ ଦେଶବାହାର ଲୋକ ଯେ ସେମାନଙ୍କ ସାଥିରେ ରହୁଛନ୍ତି ସେମାନଙ୍କୁ ଏହି ସର୍ତରେ ସୁରକ୍ଷା ପ୍ରଦାନ କରୁଛନ୍ତି ପ୍ରତ୍ୟେକ ସାବାଳକ ନିଜ ସାମର୍ଥ୍ୟ ଅନୁଯାୟୀ ଜିଜିୟା ଅର୍ଥାତ କର ପ୍ରଦାନ କରିବ । ଅର୍ଥାତ ମୁସଲମାନମାନଙ୍କ ନିକଟରେ କର ପଇଠ କରିବ ଏବଂ ପ୍ରଶାସନର ମଙ୍ଗଳ କାମନା କରିବ, ଉଚିତ ମାର୍ଗ ଦର୍ଶାଇବ, ମୁସଲମାନମାନଙ୍କ ସହିତ ବିଶ୍ୱାସଘାତକତା କରିବନାହିଁ ଏବଂ ଗୋଟିଏ ଦିବାରାତ୍ର ମୁସଲମାନମାନଙ୍କର ସମ୍ମାନ ସତ୍କାର କରିବ, ଯିଏ ମୁସଲମାନମାନଙ୍କୁ ଗାଳିଗୁଲଜ କରିବ ସେ ଦଣ୍ଡ ଭୋଗିବ ଏବଂ ଯିଏ ଆକ୍ରମଣ କରିବାକୁ ବଢ଼ିବ ତାହାକୁ ହତ୍ୟା କରିଦିଆଯିବ ଏହି ଚୁକ୍ତିପତ୍ରରେ ସାକ୍ଷ୍ୟମାନ ହସ୍ତାକ୍ଷର କରିଥିଲେ ।

*(ମକାଲା ତାରିଖେ ଇସ୍‌ଲାମ୍...... ପୃ-୧୭୦-୧୭୨)*

ପୁଣି କୁମିସ୍ ଏବଂ ଜୁର୍‌ଜାନ୍ ବିଜୟ ହେଲା । ଯେତେବେଳେ ରଏ ବିଜୟ ହେବାର ଖବର ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ପହଂଚିଲା, ହଜ୍‌ରତ୍ ଉମର୍ ର:ଅ ନଇମ୍ ବିନ୍ ମୁକ୍‌ରିନ୍‌ଙ୍କୁ ଲେଖିଲେ ଯେ ନିଜ ଭାଇ ସୁଓ୍ୱେଦ୍ ବିନ୍ ମୁକ୍‌ରିନ୍‌ଙ୍କୁ କୁମିସ୍ ଜୟ କରିବା ପାଇଁ ପଠାଇ ଦିଅ ରଏ ବିଜୟ ପରେ ନଇମ୍ ବିନ୍ ମକ୍‌ରନ୍‌ଙ୍କ ଭ୍ରାତା ସବିଦ୍ ବିନ୍ ମକ୍‌ରନ୍ କୁମୈଶ୍ ଆଡ଼କୁ ଅଗ୍ରସର ହୋଇଥିଲେ । କୌମୋସ୍ ବାସୀ ମୁସଲମାନମାନଙ୍କର କୌଣସି ପ୍ରକାରର ପ୍ରତିଦ୍ୱନ୍ଦିତା ନ କରି ପରାଜୟ ବରଣ କରିନେଇଥିଲେ ଅତଏବ ସେମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବାର ପ୍ରତିଶୃତି ଦିଆଗଲା ଏବଂ ସନ୍ଧିପତ୍ର ଲେଖାଯାଇଥିଲା ତଥା ସେମାନଙ୍କ

ସହିତ କୌଣସି ଧର୍ମତର୍କ ହୋଇନଥିଲା । ସେ ସନ୍ଧି କରିବାକୁ ଆଗକୁ ଆସିଲେ ସେମାନଙ୍କ ସହିତ ସନ୍ଧି କରିଦିଆଗଲା । ମୁସଲମାନମାନେ ସନ୍ଧି କରିନେଇଥିଲେ ।

*(ସିରତ୍ ଅମୀରୁଲ୍ ମୁମିନିନ୍ ...... ପୃ-୪୩୨..... ବେରୁତ ୨୦୦୭)*

୨୨ ହିଜ୍‌ରୀରେ କୌମେଶ୍ ଓ ଜର୍ଜାନକୁ ମୁସଲମାନମାନେ ଜୟ କରିନେଇଥିଲେ ଯେପରି କି ମୁଁ କହିଲି ପୁନଶ୍ଚ ସେହି ବର୍ଷ ଅଜରବାଇଜାନ୍ ମଧ୍ୟ ମୁସଲମାନମାନଙ୍କ ହାତମୁଠାକୁ ଚାଲିଆସିଥିଲା । ହଜରତ୍ ଉମର୍ ର:ଅ ଆଜର୍‌ବାଇଜାନ୍ ଅଭିଯାନରେ ଇସ୍‌ଲାମୀୟ ଧ୍ୱଜା ଉତ୍‌ବା ବିନ୍ ଫର୍କଦ୍ ଓ ବୁକୈର୍ ବିନ୍ ଅବ୍‌ଦୁଲ୍ଲାଃଙ୍କୁ ପ୍ରଦାନ କରିଥିଲେ । ଆପଣଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ସାହାବି ଦୁଇଟି ଭିନ୍ନ ଭିନ୍ନ ଦିଗରୁ ଉକ୍ତ ସହର ଉପରେ ଆକ୍ରମଣ କରିଥିଲେ । ବୁକୈର୍ ବିନ୍ ଅବ୍‌ଦୁଲ୍ଲାଃ ସେନାଦଳରେ ଆଗକୁ ବଢ଼ିଲେ ଏବଂ ଜର୍ମିଜାନ୍ ନିକଟରେ ରୁସ୍ତମର ଭାଇ ଇସ୍‌ପନ୍ଦୟାଜ୍ ବିନ୍ ଫରୁଖ୍‌ଜାୟଙ୍କ ସହିତ ମୁକାବିଲା ହେଲା । ସେ ୱାଜରୁନ୍ଦ ଯୁଦ୍ଧରେ ହାରିଯାଇ ପଳାୟନ କରିଥିଲା । ଉଭୟଙ୍କ ମଧ୍ୟରେ ମୁକାବିଲା ହେଲା ଏବଂ ଇସ୍‌ଫନ୍ଦୟାଜ୍ ପରାସ୍ତ ହୋଇ ବନ୍ଦି ହୋଇଥିଲା ଇସ୍‌ଫନ୍ଦୟାଜ୍ ଇସ୍‌ଲାମୀୟ ସେନାର ସେନାପତି ବୁକୈର୍‌ଙ୍କୁ ପଚାରିଲା ଯେ ଆପଣ ସନ୍ଧି କରିବାକୁ ପସନ୍ଦ କରିବେ ନା ଯୁଦ୍ଧକୁ ପସନ୍ଦ କରିବେ ? ଏଥିରେ ବୁକୈର୍ କହିଲେ ସନ୍ଧି ପସନ୍ଦ କରିବି । ଏହା ଶୁଣି ସେ କହିଲା ତା'ହେଲେ ଆପଣ ମତେ ନିଜ ନିକଟରେ ରଖନ୍ତୁ । ସୁତରାଂ ସେ ବୁକୈର୍‌ଙ୍କ ସହିତ ସନ୍ଧି ସ୍ଥାପନ କରିନେଇଥିଲା ଏବଂ ବୁକୈର୍‌ଙ୍କ ପ୍ରତିନିଧି ହୋଇ ବିରୋଧୀମାନଙ୍କ ବିପକ୍ଷରେ ମୁସଲମାନମାନଙ୍କର ସାହାଯ୍ୟ ସହଯୋଗ କରିଥିଲା, ସେମାନଙ୍କ ସହିତ ଯେଉଁ ସନ୍ଧି ପତ୍ର ଉଲ୍ଲେଖ କରାଯାଇଥିଲା ତାହାର ଶବ୍ଦଗୁଡ଼ିକ ଏପରି ଥିଲା: ବିସ୍‌ମିଲ୍ଲାହିର୍ ରହ୍‌ମାନିର୍ ରହିମ୍ ଏହି ଲେଖା ଅମୀରୁଲ୍ ମୁମିନିନ୍ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ଆମିଲ୍ ଉତ୍‌ବା ବିନ୍ ଫର୍କଦ୍ ଆଜରବାଇଜାନ୍‌ର ବାସିନ୍ଦାଙ୍କୁ ସମର୍ପଣ କରୁଅଛି । ଆଜରବାଇଜାନ୍‌ର ବିସ୍ତିର୍ଣ୍ଣ ଅଂଚଳ ଓ ପାହାଡିଆ ତଥା ସମୁଦ୍ର ତଟବାସୀ ସମସ୍ତଙ୍କ ନିମନ୍ତେ ଏହି ସନ୍ଧି ପତ୍ର ସ୍ୱାକ୍ଷର କରାଯାଉଅଛି । ସେମାନଙ୍କ ସୁରକ୍ଷା ପ୍ରଦାନ କରିବା, ସେମାନଙ୍କ ଧନଜୀବନ ତଥା ଧାର୍ମିକ ସ୍ୱାଧିନତା ସେମାନଙ୍କୁ ପ୍ରଦାନ କରିବା, ମୁସଲମାନମାନଙ୍କର ଦାୟିତ୍ୱ ଓ କର୍ତବ୍ୟ କିନ୍ତୁ ଏହି ସର୍ତରେ ଯେ, ସେମାନେ ସର୍ତଭଙ୍ଗ କରିବେ ନାହିଁ ଓ ସର୍ତକୁ ପରିବର୍ତନ କରିବେ ନାହିଁ । ମୁସଲମାନମାନଙ୍କର ମାର୍ଗଦର୍ଶନ କରିବେ, ସେମାନଙ୍କ ସହିତ ବିଶ୍ୱାସଘାତକତା କରିବେ ନାହିଁ ଏବଂ ଗୋଟିଏ ଦିବାରାତ୍ର ମୁସଲମାନମାନଙ୍କର ସମ୍ମାନ ସତ୍କାର କରିବେ ଏବଂ ମୁସଲମାନମାନଙ୍କୁ କର ପ୍ରଦାନ କରିବେ । କିନ୍ତୁ ପିଲାମାନଙ୍କ ଉପରେ ଏହା ଲାଗୁ ହେବ ନାହିଁ ନା ମହିଳାମାନଙ୍କ ଉପରେ ନା ବ୍ୟାଧିରେ ଆକ୍ରାନ୍ତ ତଥା ଚୀର ବ୍ୟାଧିଗ୍ରସ୍ତ ଲୋକମାନଙ୍କ ଉପରେ ଏହି କର ପଇଠ କରିବା ଲାଗୁହେବନାହିଁ । ଯାହା ନିକଟରେ କୌଣସି ଅର୍ଥ ନାହିଁ ସେ ମଧ୍ୟ ଏଥିରୁ ଏହି କରରୁ ମୁକ୍ତ ରହିବ ଯଦି କୌଣସି ବ୍ୟକ୍ତିଠାରୁ କୌଣସି ସୈନ୍ୟ ସହାୟତା ନିଆଯାଏ ତେବେ ତାହାଠାରୁ ମଧ୍ୟ କର ଆଦାୟ କରାଯିବ ନାହିଁ । ଯେ ଏଠାରେଅବସ୍ଥାନ କରିବ ଓ ଯିଏ ଏଠାରୁ ବାହାରକୁ ଯିବାକୁ ଚାହିଁବ ସେମାନଙ୍କ ପାଇଁ କୌଣସି ପ୍ରକାର କଟକଣା ନାହିଁ ସେମାନେ ସ୍ୱଇଚ୍ଛାରେ ସ୍ୱାଧିନ ଭାବରେ ଯିବା ଆସିବା କରିପାରିବେ । ଏହି ଲେଖାଟି ଜୁନ୍ଦୁବ୍ ଲେଖିଥିଲେ ଏବଂ ସାକ୍ଷୀ ବୁକୈର୍ ବିନ୍ ଅବ୍‌ଦୁଲ୍ଲା ଓ ସମାକ୍ ବିନ୍ ଖରଶା ଥିଲେ ।

*(ମକାଲା ତାରିଖେ ଇସ୍‌ଲାମ୍...... ପୃ-୧୭୬-୧୭୯)*

ଆଜରବାଇଜାନ୍ ବିଜୟ ପରେ ବୁକୈର୍ ବିନ୍ ଅବ୍‌ଦୁଲ୍ଲାଃ ଆର୍ମେନିଆ ଅଭିମୁଖେ ଅଗ୍ରସର ହୋଇଥିଲେ । ହଜ୍‌ରତ୍ ଉମର୍ ର:ଅ ବୁକୈର୍‌ଙ୍କ ସାହାଯ୍ୟ ପାଇଁ ସୁରାକା ବିନ୍ ମାଲିକ୍‌ଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ପ୍ରେରଣ କରିଦେଇଥିଲେ । ଆପଣ ସମଗ୍ର ମୁସଲମାନ ସେନାର ସେନାପତି ରୂପେ ସୁରାକା ବିନ୍ ମାଲିକ୍‌ଙ୍କୁ ମୃତୟନ କରିଥିଲେ ଏବଂ ଆଗ ଧାଡ଼ିର ନେତୃତ୍ୱ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ରବିୟାଙ୍କୁ ଦେଲେ । ଗୋଟିଏ ପଟର ଅଫିସର ଭାବରେ ହୁଜୈଫା ବିନ୍ ଉସୈଦ୍ ଗିଫାରୀଙ୍କୁ ବନାଇଲେ ଓ ନିର୍ଦ୍ଦେଶ ଦେଲେ ଯେ ଯେତେବେଳେ ଏହି ଦଳ ବୁକୈର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ସହିତ ମିଶିଯିବ ସେତେବେଳେ ଅନ୍ୟ ପଟର ନେତୃତ୍ୱ ବୁକୈର୍ ବିନ୍ ଅବ୍‌ଦୁଲ୍ଲାଃଙ୍କୁ ଦିଆଯିବ । ଅବ୍‌ଦୁର୍ ରହ୍‌ମାନ୍ ବିନ୍ ରବିୟା କର୍‌ବାବ୍ ନିକଟରେ ପହଂଚିଲା ବେଳକୁ ସେଠାରେ ଅର୍ମିନିୟାର ହାକିମ୍ ଶହର୍ ବରାଜ୍ ଉପସ୍ଥିତ ଥିଲା । । ମୁସଲମାନମାନଙ୍କ ହାବଭାବ ଓ ଦୃଢ଼ ମନୋବଳ ଦେଖି ଶହର୍ ବରାଜ୍ ସୁରାକା ବିନ୍ ମାଲିକ୍‌ଙ୍କୁ କର ଦେବା ପରିବର୍ତେ ମୁସଲମାନମାନଙ୍କୁ ନିଜ ସେନା ସାହାଯ୍ୟ କରିବାର ସର୍ତରେ ସନ୍ଧି ସ୍ଥାପନ କରିନେଇଥିଲେ ଏପରି ବିନା ଯୁଦ୍ଧରେ ମୁସଲମାନମାନେ ଆର୍ମେନିଆ ସହର ଅଧିକାର କରିନେଇଥିଲେ । ଗୋଟିଏ ଦଳର ଦଳପତି ହୁଜୈଫା ବିନ୍ ଅସନ୍‌ଙ୍କୁ କରିଥିଲେ ହଜରତ୍ ଉମର୍ ର:ଅ ଏବଂ ତାଙ୍କୁ ଆଦେଶ ଦେଇଥିଲେ ଯେ, ଯେତେବେଳେ ଏହି ସୈନ୍ୟଦଳ ବକିର ବିନ୍ ଅବ୍‌ଦୁଲ୍ଲାଙ୍କ ସହିତ ମିଳିତ ହୋଇଯିବ ଯିଏ ଆର୍ମେନିଆ ଅଭିମୁଖେ ଅଗ୍ରସର ହେଉଛନ୍ତି ସେତେବେଳେ ଦ୍ୱିତୀୟ ଦଳର ସେନାପତି ବକିର ହେବେ ଉକ୍ତ ଦଳଟି ବେଶ୍ ତିବ୍ର ବେଗରେ ବଢ଼ି ଚାଲିଥିଲା ଏପରି କି ବକିରଙ୍କ ସୈନ୍ୟଦଳଠାରୁ ମଧ୍ୟ ସେ ଆଗକୁ ଚାଲିଯାଇଥିଲା ଓ ବାବ୍ ସ୍ଥାନରେ ପହଂଚିଗଲା ଯାହାର ହାକିମ୍ ଶହର୍ ବରାଜ ଥିଲେ । ସେ ଇରାନୀ ସମ୍ପ୍ରଦାୟର ବ୍ୟକ୍ତି ଥିଲେ ତେବେ ସେ ପତ୍ର ଲେଖି ଇସ୍‌ଲାମୀୟ ସୈନ୍ୟଦଳର ଅଧକ୍ଷ ଅବ୍‌ଦୁର୍ ରହ୍‌ମାନଙ୍କଠାରୁ ସୁରକ୍ଷା ହାସଲ କରିନେଇଥିଲେ ଏବଂ ତାଙ୍କ ସେବାରେ ଉପସ୍ଥିତ ହୋଇଗଲେ । ହଜରତ୍ ଉମର୍ ର:ଅ ବିନା ଯୁଦ୍ଧରେ ଆର୍ମେନିୟା ସହର ଅଧିକାର କରିବା ଓ ସନ୍ଧି ସ୍ଥାପନ କରିବାରେ ବେଶ୍ ପ୍ରସନ୍ନତା ପ୍ରକାଶ କରିଥିଲେ । ସନ୍ଧିର ସର୍ତାବଳୀ କିଛି ଏପରି ଥିଲା: ବିସ୍‌ମିଲ୍ଲାହିର୍ ରହ୍‌ମାନିର୍ ରହିମ୍ ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ଗଭର୍ଣ୍ଣର ସୁରାକା ବିନ୍ ଉମ୍‌ରୋ ସେହେର ବରାଜ୍, ଆର୍ମେନିଆ ଏବଂ ଅରମନର ବାସିନ୍ଦାମାନଙ୍କୁ ପ୍ରଦାନ କରୁଛନ୍ତି । ଆମେ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛୁ, ଆମେ ତାଙ୍କ ଧନଜୀବନର ରକ୍ଷା କରିବୁ, ତାଙ୍କ ଧର୍ମ ଉପରେ କୌଣସି ପ୍ରକାର କଟକଣା ରହିବ ନାହିଁ, ସେମାନେ ସ୍ୱାଧିନ ଭାବରେ ନିଜ ଇଚ୍ଛା ଅନୁସାରେ ନିଜ ଧର୍ମ ଉପରେ ପ୍ରତିଷ୍ଠିତ ରହିବେ । ବାହ୍ୟ ଶତ୍ରୁ ଆକ୍ରମଣ ସମୟରେ ସେମାନେ ମୁସଲମାନମାନଙ୍କର ସାହାଯ୍ୟ ସହଯୋଗ କରିବେ ତଥା ପ୍ରତ୍ୟେକ ଜରୁରୀ କାଳିନ ପରିସ୍ଥିତିରେ ଯେତେବେଳେ ହାକିମ୍ ସାହାଯ୍ୟ ପାଇଁ ଡ଼ାକରା ଦେବେ ସେମାନେ ମୁସଲମାନ ହାକିମ୍‌ଙ୍କର ସାହାଯ୍ୟ କରିବେ । ଯଦି ସେମାନେ ସୈନ୍ୟ ସହାୟତା ପ୍ରଦାନ ନ କରନ୍ତି ତେବେ ତାହା ପ୍ରତିବଦଳରେ ସେମାନେ କର ପଇଠ କରିବେ ଏହି ସର୍ତାବଳୀରେ ସାକ୍ଷ୍ୟ ରହିଥିଲେ, ଅବ୍‌ଦୁର୍ ରହ୍‌ମାନ୍ ବିନ୍ ରବିୟା, ସଲ୍‌ମାନ୍ ବିନ୍ ରବିୟା ଏବଂ ବୁକୈର୍ ବିନ୍ ଅବ୍‌ଦୁଲ୍ଲା । ଏହାକୁ ମର୍ଜି ବିନ୍ ମକରନ୍ ଲେଖିଥିଲେ ଓ ଏହାର ସାକ୍ଷୀ ମଧ୍ୟ ଥିଲେ ।

ଏଥିଅନ୍ତେ ସୁରାକା ବିନ୍ ମାଲିକ ଆର୍ମେନିଆ ଆଖପାଖରେ ଥିବା ପାର୍ବତ୍ୟ ଅଂଚଳଗୁଡ଼ିକୁ ସେନା ପ୍ରେରଣ କରି ସେଗୁଡ଼ିକୁ ମଧ୍ୟ ସଫଳତାର ସହିତ ଅଧିକାର କରିନେଇଥିଲେ ଓ ମୁସଲମାନ ସୀମାରେ ତାହାକୁ ମିଶାଇ ଦେଇଥିଲେ । ବୁକୈର୍ ବିନ୍ ଅବ୍‌ଦୁଲ୍ଲାଙ୍କୁ ମୁକାନ୍ ପଠାଗଲା ଏବଂ ସେଠାରେ ମୁକାନ୍ ବାସୀ ତାଙ୍କ ସହିତ ସନ୍ଧି କରିନେଇଥିଲେ । ସନ୍ଧି ପତ୍ରର ସର୍ତାବଳୀ ଏପରି ଥିଲା: ଏହା ବିସ୍‌ମିଲ୍ଲାହିର୍ ରହ୍‌ମାନିର୍ ରହିମ୍‌ରୁ ଆରମ୍ଭ ହେଉଅଛି ଏବଂ ଏହି ଲେଖା ଦ୍ୱାରା ବୁକୈର୍ ବିନ୍ ବିନ ଅବ୍‌ଦୁଲ୍ଲା କୁବାର ପାର୍ବତ୍ୟ ଅଂଚଳର ଥିବା ମୁକାନ୍‌ବାସୀଙ୍କୁ ପ୍ରଦାନ କରାଯାଉଅଛି । ସେମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି, ମୁସଲମାନ ତାଙ୍କ ଧନଜୀବନର ରକ୍ଷା କରିବେ, ତାଙ୍କ ଧର୍ମ ଉପରେ କୌଣସି ବଳପୂର୍ବକ ଭାବରେ ପରିବର୍ତନ କରିବାକୁ ଚେଷ୍ଟା କରିବେ ନାହିଁ । ସେମାନେ ସ୍ୱାଧିନ ଭାବରେ ନିଜ ଧର୍ମ ଉପରେ ପ୍ରତିଷ୍ଠିତ ରହିପାରିବେ । ପ୍ରତ୍ୟେକ ସାବାଳକ ଏକ ଦୀନାର କର ଅବା ସେହି ପରିମାଣର ଆଉ କିଛି ବସ୍ତୁ ପଇଠ କରିବ । ପ୍ରତ୍ୟେକ ସ୍ଥଳେ ମୁସଲମାନମାନେ ଯେଉଁ ସନ୍ଧି ପତ୍ରରେ ସର୍ତ ରଖିଥିଲେ, ସେଥିରେ ଧାର୍ମିକ ସ୍ୱାଧିନତା ରହିଥିଲା ତେଣୁ ଯେଉଁମାନେ ଏହି ଆପତି ଅଭିଯୋଗ କରୁଛନ୍ତି ଯେ, ଇସ୍‌ଲାମ୍ ଧର୍ମ ଜୋର ଜବରଦସ୍ତ ଓ ଖଣ୍ଡା ତରବାରୀ ଦ୍ୱାରା ପ୍ରସାରିତ ହୋଇଛି ବୋଲି ତାହା ସମ୍ପୂର୍ଣ୍ଣ ରୂପେ ଭୁଲ ଅଟେ । ମୁସଲମାନମାନଙ୍କୁ ଉଚିତ ମାର୍ଗ ଦର୍ଶାଇବା, ସେମାନଙ୍କ ସହିତ ବିଶ୍ୱାସଘାତକତା ନ କରିବା ଏବଂ ଗୋଟିଏ ଦିବାରାତ୍ର ମୁସଲମାନମାନଙ୍କର ସମ୍ମାନ ସତ୍କାର କରିବା ସେହି ସର୍ତରେ ସାମିଲ ଥିଲା । ଯେପର୍ଯ୍ୟନ୍ତ ସହର ବାସୀ ଏହି ସର୍ତାବଳୀର ପାଳନ କରୁଥିବେ ସେ ପର୍ଯ୍ୟନ୍ତ ତାଙ୍କୁ ସୁରକ୍ଷା ପ୍ରଦାନ କରାଯିବ ଯଦି ସେମାନେ ଏହାର ଉଲ୍ଲଂଘନ କରନ୍ତି ଏବଂ କୌଣସି ବିଶ୍ୱାସଘାତକତା କରନ୍ତି ତେବେ ତାଙ୍କୁ ଆଉ ସୁରକ୍ଷା ପ୍ରଦାନ କରାଯିବ ନାହିଁ ଏହାର ମଧ୍ୟ ଚାରି ପାଂଚଜଣ ସାକ୍ଷ୍ୟ ରହିଥିଲେ । *(ମକାଲା ତାରିଖେ ଇସ୍‌ଲାମ୍...... ପୃ-୧୮୦-୧୮୪)*

୨୨ ହିଜ୍‌ରୀରେ ମୁସଲମାନମାନେ ଖୁରାସାନ୍‌କୁ ମଧ୍ୟ ଜୟ କରିନେଇଥିଲେ । ଜଲୁଲା ଯୁଦ୍ଧ ପରେ ଇରାନୀ ସମ୍ରାଟ ୟଜଦଜର୍ଦ କର୍‌ମାନ୍, ଖୁରାସାନ୍ ଓ ମୋରୁଅ ଆଦି ସ୍ଥାନ ଗୋଟିକ ପରେ ଗୋଟିକ ସ୍ଥାନରେ ଅବସ୍ଥାନ କରିଥିଲେ । ସେଠାରେ ସେ ଆଖପାଖ ଅଂଚଳ ଅର୍ଥାତ ଅଣ ଆରବୀୟ ଓ ପାରସ୍ୟ ତଥା ହର୍ମଜାନ ଅଧିବାସୀଙ୍କ ସହିତ ସମ୍ପର୍କ ସୁଦୃଢ଼ କରି ସେମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ପ୍ରବର୍ତାଇ ଥିଲେ ଓ ସଂଘଠିତ କରିଥିଲେ । ମୁସଲମାନମାନଙ୍କ ବିଜିତ ଅଂଚଳରେ ବିଦ୍ରୋହ ସୃଷ୍ଟି କରିବା ଏବଂ ଉପଦ୍ରବ ମୂଳକ କାର୍ଯ୍ୟ କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏପରି ଉକ୍‌ଟ ପରିସ୍ଥିତିରୁ ବା ପରିସ୍ଥିତିର ମୁକାବିଲା କରିବାପାଇଁ ହଜ୍‌ରତ୍ ଉମର୍ ର:ଅ ମୁସଲମାନ ସେନାକୁ ଇରାନ ଅଂଚଳରେ ଆଗକୁ ଅଗ୍ରସର ହେବାପାଇଁ ଅନୁମତି ପ୍ରଦାନ କରିଦେଇଥିଲେ । ଆପଣଙ୍କ ଅନୁମତି ପ୍ରାପ୍ତ କରିବାର ବିଳମ୍ବ ଥିଲା ଯେ, ବସ୍‌ରା ବାସୀ ଓ କୁଫା ବାସୀ ନିଜର ପରାକ୍ରମ ପ୍ରଦର୍ଶନ କରି ଇରାନ୍ ସମ୍ରାଟ ୟଜଦଜର୍ଦକୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ କରିବାପାଇଁ ବାଧ କରିଦେଇଥିଲେ । ଯଦ୍ୱାରା ୟଜଦ୍‌ଜର୍ଦ ମରୁରୋଜ୍ ବଲକ୍ ଆଦି ଅଂଚଳ ଅତିକ୍ରମ କରି ଶେଷରେ ଦରିଆ ପାରି ହେବାପାଇଁ ବାଧ ହୋଇଥିଲେ । ଏହି ନୂତନ ପରିସ୍ଥିତିରେ ନିଶାପୁରଠାରୁ ତଖାରିସ୍ତାନ ପର୍ଯ୍ୟନ୍ତ ଅଂଚଳର ଅଧିବାସୀମାନେ ମୁସଲମାନମାନଙ୍କ ସହିତ ସନ୍ଧି ସ୍ଥାପନ କରିନେଇଥିଲେ । ୟଜଦ୍‌ଜର୍ଦ ଅସ୍‌ଫାନ୍ ଆଡ଼କୁ ପୁଣି ପଳାୟନ କରିଥିଲା । ଆବାନ୍‌କୁ ୟଜଦଜର୍ଦର ସେଠାରେ ଅବସ୍ଥାନ କରିବା ପସନ୍ଦ ଆସିଲା ନାହିଁ ସେ ଯାହା ହେଉ ନା କାହିଁକି ଅହନବ୍ ବିନ୍ କୈସ୍ ଆଗକୁ ଫରାକ୍‌ସ୍ତାନ୍ ଅଭିମୁଖେ ଅଗ୍ରସର ହୋଇଥିଲେ । ସେହି ମାର୍ଗରେ ମହରଜାନ୍ ବସ୍ତିକୁ ମଧ୍ୟ ସେ ଅଧିକାର କରିନେଥିଲେ ତେବେ ହଲ୍‌ୱାନ୍‌ଠାରୁ ହମ୍‌ଜାନ ପର୍ଯ୍ୟନ୍ତ ଏ

ସବୁ ଭିଷଣ ପାହାଡ଼ିଆ ଅଂଚଳ ଥିଲା । ପ୍ରଶସ୍ତ ପାହାଡ଼ିଆ ଅଂଚଳ ଥିଲା ଯାହାକି ଅନେକ ସହର ଓ ବସ୍ତି ସମୂହ ମଧ୍ୟରେ ଅନ୍ତର୍ଭୁକ୍ତ ରହିଥିଲା । ସେଥିଅନ୍ତେ ଆପଣ ଆସ୍‌ଫାନ୍ ଆଗକୁ ଅଗ୍ରସର ହୋଇଥିଲେ ଯେ ମଧ୍ୟ ଅସ୍‌ଫାନ୍‌ର ନିକଟରେ ଅବସ୍ଥିତ ଏକ ପୂରାତନ ସହର କିନ୍ତୁ ଆଜିକାଲି ତାହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ତେଣୁକରି ସେ ତ'ବସାନ୍ ମାର୍ଗରେ ଖରାସ୍ତାନରେ ପ୍ରବେଶ କଲେ । ହରାତ୍ ଅଂଚଳ ବଳପୂର୍ବକ ଅଧିକାର କରିନେଇଥିଲେ ତାହା ନିସାପୁର୍‌ର ଅସ୍‌ଫାନ୍ ମଧ୍ୟବର୍ତୀ ଅଚଂଳ ଥିଲା ଏବଂ ଇରାନୀ ଭାଷାରେ ତାହାକୁ ଏକ ବଚନ ସ୍ୱରୁପ ତବ୍‌ସ ପଢ଼ାଯାଏ । ହରାତ୍ ଖରାସ୍ତାନ୍‌ର ସୁପ୍ରଶିଦ୍ଧ ଓ ଶ୍ରେଷ୍ଠ ସହର ଥିଲା । ସେଠାରେ ସେମାନେ ସେହରା ବିନ୍ ଫଲା ଅବ୍‌ଦି ନିଜର ଉତରାଧିକାରୀ ଚୟନ କଲେ ସେଥିଅନ୍ତେ ମୁସଲମାନ ସେନା ଆଗକୁ ଅଗ୍ରସର ହୋଇଗଲା ଅର୍ଥାତ ମରୁସାହ ଆଡ଼କୁ ବଢ଼ିଗଲା । ମରୁସହା ଖରାସ୍ତାନର ସହର ଓ ଗ୍ରାମାଂଚଳ ମଧ୍ୟରେ ସବୁଠାରୁ ଅଧିକ ପ୍ରଶିଦ୍ଧ ଥିଲା ତାହା ନିସାପୁରଠାରୁ ୨୧୦ ମାଇଲ ଦୂରତାରେ ଅବସ୍ଥିତ ଥିଲା । ଇତି ମଧ୍ୟରେ କାହାରି ସହିତ କୌଣସି ଯୁଦ୍ଧ ଘଟିନଥିଲା ତେଣୁ ନିସାପୁର ଆଡ଼କୁ ମତ୍‌ରଫ୍ ବିନ୍ ଅବ୍‌ଦୁଲ୍ଲାଃଙ୍କୁ ପ୍ରେରଣ କରାଗଲା ଏବଂ ସର୍‌ଖସ୍ ଆଡ଼କୁ ହାରିସ୍ ବିନ୍ ହସାନ୍‌ଙ୍କୁ ପ୍ରେରଣ କରିଦିଆଯାଇଥିଲା । ସର୍‌ଖସ୍ ମଧ୍ୟ ଖରାସ୍ତାନ ନିକଟବର୍ତୀ ଏକ ପୂରାତନ ଓ ବଡ଼ ସହର ଏହା ନିସାପୁର ଓ ମରୋ ମଧ୍ୟ ବର୍ତୀ ଅଂଚଳ । ସେ ଯାହା ହେଉ ଅହ୍‌ନଫ୍ ବିନ୍ କୈସ୍ ମରୁଶାହେ ଜାହାଁ ନିକଟରେ ପହଂଚିଲେ ସେଠାରୁ ଯଜଦ୍‌ଜର୍ଦ ପଳାୟନ କଲା । ମରୁରୁଜ୍ ନାମ ଏଥିପାଇଁ ପଡ଼ିଲା ଯେ ମରୁ ଧବଳ ପଥରକୁ କୁହନ୍ତି ଯେଉଁଥିରୁ ଅଗ୍ନି ପ୍ରଜ୍ୱଳିତ କରାଯାଇଥାଏ । ତାହା କୃଷ୍ଣବର୍ଣ୍ଣ କି ଲାଲ ରଙ୍ଗର ନଥିଲା ଏବଂ ରୁଜ୍ ହାରିସ୍ ଦରିଆକୁ କୁହାଯାଏ , ଏପରି ତାହା ଦରିଆର ମୋର ଅଟେ ଉକ୍ତ ଅଂଚଳଟି ଶାହ୍‌ଜାହାଁ ଠାରୁ ପାଂଚ ଦିନର ଦୂରତାରେ ଅବସ୍ଥିତ ଏକ ବୃହତ ଦରିଆ ତଟରେ ଅବସ୍ଥିତ ଥିଲା । ଅହ୍‌ନଫ୍ ସେଠାରେ ଅବସ୍ଥାନ କଲେ ଯଜଦ୍‌ଜର୍ଦ ମରୁରୁଜ୍ ପହଂଚିବା ପରେ ଭୟଭୀତ ହୋଇ ବିଭିନ୍ନ ହାକିମ ମାନଙ୍କୁ ନିକଟରୁ ସାହାଯ୍ୟ ଲୋଡ଼ିଲା । ପୀଠସ୍ଥଳୀ ମଧ୍ୟରେ ଯାଇ ସାହାଯ୍ୟ ମାଗିଥିଲା । ଶାହେ ସୁଗୁଦ୍ ତାଙ୍କୁ ଅର୍ଥାତ ଯଜଦ୍‌ଜର୍ଦକୁ ସେନା ସହାୟତା କରିବାର ଅନୁମତି ଦେଇଥିଲେ ପ୍ରତିଶୃତି ଦେଇଥିଲେ ଯେ, ତାଙ୍କୁ ସାହାଯ୍ୟ କରିବେ । ସୁଗଦ୍ ଅଂଚଳ ସମର୍କନ୍ଦ ଓ ବୁଖାରା ଆଦି ମଧ୍ୟରେ ଅବସ୍ଥିତ । ପୁଣି ସେ ଚିନ୍‌ର ରାଜାଙ୍କଠାରୁ ମଧ୍ୟ ସାହାଯ୍ୟ ମାଗିଥିଲେ । ଅହ୍‌ନଫ୍ ବିନ୍ କୈସ୍ ମରୁଶାହେଜାହାଁଠାରେ ହାର୍‌ସା ବିନ୍ ନୁମାନଙ୍କୁ ନିଜର ପ୍ରତିନିଧି କରି ପ୍ରେରଣ କରିଥିଲେ । ଇତି ମଧ୍ୟରେ କୁଫାର ସେନା ସେମାନଙ୍କ ଚାରି ସର୍ଦ୍ଦାରଙ୍କ ନେତୃତ୍ୱରେ ଅହ୍‌ନବ୍ ବିନ୍ କୈସ୍‌ଙ୍କ ନିକଟରେ ପହଂଚିଥିଲେ । ଯେତେବେଳେ ଏହି ଖବର ଯଜଦ୍‌ଜର୍ଦ ନିକଟରେ ପହଂଚିଲା । ସେତେବେଳେ ସେ ସେଠାରୁ ବଲଗ୍ ଆଡ଼କୁ ପଳାୟନ କରିଥିଲା । ବଲଗ୍ ମଧ୍ୟ ଜିହୁନ୍ ଦରିଆ ନିକଟବର୍ତୀ ଖୁରାସାନ୍‌ର ସୁନ୍ଦର ସହର ଯେତେବେଳେ କୁଫାର ସେନା ବଲଗ୍ ଆଡ଼କୁ ମୁହାଁଇଲା ଏବଂ କୁଫା ବାସୀ ଯଜଦ୍‌ଜର୍ଦ ସେନାର ମୁକାବିଲା କଲା ଘମାସାନ ଯୁଦ୍ଧ ପରେ ଶେଷରେ ପ୍ରଭୁଙ୍କ କୃପାରୁ କୁଫା ବାସୀ ବୀଜୟ ଲାଭ କଲେ ଓ ଯଜଦ୍‌ଜର୍ଦ ବାକି ଇରାନୀ ସେନାଙ୍କୁ ନେଇ ଦରିଆ ପାରି ହୋଇ ସେଠାରୁ ପଳାୟନ କରିଥିଲା । ଇତି ମଧ୍ୟରେ ଅହ୍‌ନବ୍ ବିନ୍ କୈସ୍‌ଙ୍କ ସେନା ମଧ୍ୟ ଆସି କୁଫା ବାସୀଙ୍କ ସହିତ ସମ୍ମିଳିତ ହୋଇଯାଇଥିଲା । ଏପରି ବଲଗ୍ କୁଫା ବାସୀଙ୍କ ହସ୍ତରେ ବିଜୟ ହୋଇଥିଲା । ଏଥି ଅନ୍ତେ ଖୁରାସାନ୍‌ର ବାସିନ୍ଦା ଯେ, ପଳାୟନ କରିଯାଇଥିଲେ ଅବା ଦୁର୍ଗରେ ଲୁଚି ଯାଇଥିଲେ ଏବଂ ନିସାପୁରଠାରୁ ଆରମ୍ଭ କରି ଖୁରାସାନ୍‌ର ବାସିନ୍ଦା ପର୍ଯ୍ୟନ୍ତ ସମସ୍ତେ ସନ୍ଧି କରିବାପାଇଁ ଚାଲି ଆସିଲେ । ତଖାରିସ୍ତାନ ଅନେକ ସହରର ସମାହାର ଏବଂ ତାହା ଖରାସ୍ତାନର ନିକଟବର୍ତୀ ଅଂଚଳ ସେଥିମଧ୍ୟରେ ସବୁଠାରୁ ବଡ଼ ସହର ତାଲ୍‌କାନ୍ ଅଟେ । ଏହାପରେ ଅହ୍‌ନବ୍ ବିନ୍ କୈସ୍ ମରୁରୁଜ୍ ରୁ ପ୍ରତ୍ୟାବର୍ତନ କଲେ ଏବଂ ତଖାରିସ୍ତାନର ରବି ବିନ୍ ଆମୀର୍‌ଙ୍କୁ ନିଜର ଉତରାଧିକାରୀ ଭାବରେ ମୃତୟନ କରିଥିଲେ । ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କୁ ଖୁରାସାନ୍ ବିଜୟର ସୁସମାଚାର ମିଳିଲା ସେତେବେଳେ ଆପଣ ର:ଅ ନିଜର ଅଭିଳାଷ ପ୍ରକାଶ କରିଥିଲେ ଯେ, ମୁଁ ତ ଚାହୁଁଛି ଇରାନୀ ବାସୀଙ୍କ ବିରୁଦ୍ଧରେ ମୁସଲମାନମାନେ କୌଣସି ପ୍ରକାରର ସୈନ୍ୟ ଅଭିଯାନ ନ କରନ୍ତୁ । ସେମାନଙ୍କ ସହିତ ଆମର କୌଣସି ଯୁଦ୍ଧ ନ ଘଟୁ । କିନ୍ତୁ ସେମାନଙ୍କ ଦୁର୍ଭାଗ୍ୟ ଯେ ସେମାନେ ବାରମ୍ୱାର ବିଦ୍ରୋହ ସୃଷ୍ଟି କରୁଛନ୍ତି ଓ ବିଦ୍ରୋହରୁ ଓହରୁ ନାହାନ୍ତି । ଯେତେବେଳେ କି ଆମର ଏ ଆନ୍ତରିକ ଇଚ୍ଛା ଯେ କାଳେ ତାଙ୍କ ମଧ୍ୟରେ ଓ ଆମ ମଧ୍ୟରେ ଗୋଟିଏ ନିଆଁର ସମୁଦ୍ର ଦଣ୍ଡାୟମାନ ହୋଇଯାଆନ୍ତା କି, ଏଥିଅନ୍ତେ ହଜ୍‌ରତ୍ ଅଲୀ ର:ଅ କହିଲେ, ହେ ଅମୀରୁଲ୍ ମୁମିନିନ୍ ଏହା ତ ଆନନ୍ଦର କଥା ଏଥିରେ ଆପଣ ଦୁଃଖ ପ୍ରକାଶ କାହିଁକି କରୁଛନ୍ତି । ହଜ୍‌ରତ୍ ଉମର୍ ର:ଅ କହିଲେ, ତାହା ତ ଠିକ୍ କିନ୍ତୁ ଦୁଃଖର କଥା ଏହି କି ଯେ ଏହି ଶତ୍ରୁମାନେ ତିନିଥର ନିଜର ପ୍ରତିଶୃତି ଭଙ୍ଗ କରିସାରିଲେଣି । ଗୋଟିଏ ବର୍ଣ୍ଣନା ଅନୁଯାୟୀ ବଲଖ୍ ବିଜୟ ପରେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅହ୍‌ନଫ୍‌ଙ୍କୁ ପଶ୍ଚିମାଂଚଳର ସର୍ଦ୍ଦାର ଘୋଷିତ କରିଥିଲେ ଏବଂ ତାଙ୍କ ନିକଟକୁ ଏହି ପତ୍ର ଲେଖିଥିଲେ ଯେ, ତୁମେ ଦରିଆ ପାରି ହୋଇ ସେହି ଅଂଚଳରେ ଅବସ୍ଥାନ କର ଯେପରି ତୁମେ ଖୁରାସାନ୍‌ରେ ସୁନ୍ଦର ଆଚରଣ ପ୍ରଦର୍ଶନ କରିଥିଲି ଭବିଷ୍ୟତରେ ମଧ୍ୟ ସେହି ଅଭ୍ୟାସକୁ ଅଭ୍ୟାହତ ରଖ । ଫଳତଃ ବିଜୟ ତୁମ ପାଦ ଚୁମ୍ବନ କରିବ । ***(ତାରିଖେ ତିବ୍‌ରି ମୁତର୍‌ଜିମ୍ ଖଣ୍ଡ-୩, ଭାଗ-୧, ପୃ-୧୮୩, ୧୮୫...... କରାଚି ୨୦୦୩) (ତାରିଖେ ତିବ୍‌ରି, ଖଣ୍ଡ-୨, ପୃ-୫୪୬-୫୪୭...... ବେରୁତ ୨୦୧୨) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୨୬, ୧୦୫, ଖଣ୍ଡ-୩, ପୃ-୩୭, ୧୯୧, ୨୫୦, ୨୫୨, ୪୫୧, ଖଣ୍ଡ-୪, ପୃ-୨୫୩, ୩୪୭, ୪୭୧..... ବେରୁତ)***

ଯଦିଚ ଯଜଦ୍‌ଜର୍ଦର ସାହାଯ୍ୟ ମାଗିବାରେ ସେତେବେଳେ କେହି ତାଙ୍କର ସାହାଯ୍ୟ ସହଯୋଗ କରିନଥିଲେ କିନ୍ତୁ ଏଥର ପୂନଃ ସାହାଯ୍ୟ ମାଗିବାରେ ସମ୍ରାଟମାନେ ତାଙ୍କର ସାହାଯ୍ୟ କରିଥିଲେ ଏବଂ ଆଗକୁ ବଢ଼ିଥିଲେ ନିଜ ସାମ୍ରାଜ୍ୟ ଫେରି ପାଇବା ପାଇଁ ସେ ପୁନଃ ପ୍ରୟାସ କରିଥିଲେ ଏଥିରେ ତୁର୍କର ସର୍ଦ୍ଦାର ଖାକାନ୍ ତାଙ୍କର ସାହାଯ୍ୟ କଲେ ଏବଂ ବଲଖ୍ ଅଂଚଳରେ ମୁସଲମାନ ସେନା ସହିତ ସେମାନଙ୍କର ମୁହାଁମୁହିଁ ହୋଇଥିଲା ଅର୍ଥାତ ଯଜଦ୍‌ଜର୍ଦ ସହିତ ମୁସଲମାନ ସେନାର ପୂନଃ ମୁହାଁମୁହିଁ ହୋଇଥିଲେ । ସେଠାରେ ଅହ୍‌ନଫ୍ ତୁର୍କର ତିନିଜଣ ଅଶ୍ୱାରୋହୀଙ୍କୁ ହତ୍ୟା କରିଦେଇଥିଲେ । ଏହା ଦେଖି ଖାଆକାନ୍ ଏହାକୁ ଅଶୁଭ ମଣି ଯୁଦ୍ଧ କ୍ଷେତ୍ରୁ ପଳାୟନ କରିଥିଲା । ଚୀନ୍ ସମ୍ରାଟ ମୁସଲମାନମାନଙ୍କ ଅବସ୍ଥା ଏବଂ ବିଗତ ପରାକାଷ୍ଠାର କାହାଣୀ ଶୁଣି ଯଜଦ୍‌ଜର୍ଦଙ୍କୁ ପତ୍ର ଲେଖିଲେ ତୁମ ପ୍ରତିନିଧି ମୁସଲମାନମାନଙ୍କର ଯେଉଁ ସୁଗୁଣ ବର୍ଣ୍ଣନା କଲେ ସେଥିରୁ ମତେ ପତିତ ହେଉଛି ଯଦି ସେମାନେ ପାହାଡ଼ ସହିତ ମୁକାବିଲା କରନ୍ତି ତା'ହେଲେ ପାହାଡ଼ ବି ଚୁର୍ଣ୍ଣ ବିଚୁର୍ଣ୍ଣ ହୋଇଯିବ ଏପରି ସ୍ଥଳେ ଯଦି ମୁଁ ତୁମର ସାହାଯ୍ୟ ସହାୟତା କରେ ତେବେ ସେମାନେ ମୋର ଆସନ ମଧ୍ୟ ଛଡ଼ାଇନେବେ ମତେ ଗାଦିଚ୍ୟୁତ କରିଦେବେ ଓ ମୁଁ ତାଙ୍କର କିଛି କ୍ଷତି କରିପାରିବି ନାହିଁ । ଭଲ ହେବ ତୁମେ ସେମାନଙ୍କ ସହିତ ସନ୍ଧି ସ୍ଥାପନ କରିନିଅ ଯଜଦ୍‌ଜର୍ଦ ତା'ପରେ ବିଭିନ୍ନ ସହରକୁ ଗଲା । ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ହତ୍ୟା ହେଲା । ***(ସିରତ୍ ଅମୀରୁଲ୍ ମୁମିନିନ୍ ...... ପୃ-୪୩୩-୪୩୫..... ବେରୁତ ୨୦୦୭) (ତାରିଖୁଲ୍ ତିବ୍‌ରି, ଖଣ୍ଡ-୨, ପୃ-୫୪୮...... ବେରୁତ ୨୦୧୨)*** ।

ପୁଣି ଅହ୍‌ନଫ୍ ବିନ୍ କୈସ୍ ବିଜୟର ସୁସମାଚାର ଓ ମାଲେ ଗନିମତ୍ ହଜ୍‌ରତ୍ ଉମର୍ ର:ଅଙ୍କ ଗୋଚରେ ପ୍ରେରଣ କଲେ । ଅହ୍‌ନବ୍ ବିନ୍ କୈସ୍‌ଙ୍କ ନେତୃତ୍ୱରେ ପ୍ରାପ୍ତ ହୋଇଥିବା ମାଲେ ଗନିମତ୍ ପ୍ରସଙ୍ଗରେ ହଜ୍‌ରତ୍ ଉମର୍ ର:ଅ ମୁସଲମାନମାନଙ୍କୁ ଏକାଠି କରି ଏକ ଦରଦପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ, ଯେଉଁଥିରେ ସେ ଅଲ୍ଲାଃଙ୍କ ପ୍ରଶଂସା କରିବା ପରେ କହିଲେ, ମହିମାମୟ ପ୍ରଭୁ ନିଜ ପ୍ରୀୟ ରସୁଲ୍ ସ:ଆ:ସଙ୍କୁ ପବିତ୍ର ଧର୍ମଗ୍ରନ୍ଥ ଦେଇ ତୁମ ନିକଟକୁ ପ୍ରେରଣ କଲେ ଏବଂ ତାଙ୍କର ଅନୁଗାମୀଙ୍କୁ ସେ ଖୁବ୍ ଶିଘ୍ର ପୁରସ୍କାର ଓ ପ୍ରଳୟ ଦିବସରେ ସ୍ଥାୟୀ ସୁଫଳ ପ୍ରଦାନ କରିବାର ପ୍ରତିଶୃତି ମଧ୍ୟ ଦେଲେ । ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ ପବିତ୍ର କୁର୍‌ଆନ୍‌ର ପଂକ୍ତି ପାଠ କଲେ, **ହୁୱ୍‌ଲ୍ ଲଜି ଅର୍‌ସଲା ରସୁଲହୁ ବିଲ୍‌ହୁଦା ୱ ଦୀନିଲ୍ ହକ୍କି ଲି ୟୁଜ୍‌ହିରହୁ ଅଲଦ୍ ଦୀନି କୁଲ୍ଲିହି ୱ ଲୌ କରିହଲ୍ ମୁଶ୍‌ରିକୁନ୍ (ତୌବାଃ:୩୩)** ଅର୍ଥାତ ସେ ଅଲ୍ଲାଃ ହିଁ ନିଜ ରସୁଲ୍‌ଙ୍କୁ ସତ୍‌ପଥ ସହିତ ଓ ସତ୍ୟ ଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ଯଦ୍ୱାରା କି ମୁଶ୍‌ରିକ୍‌ମାନେ ଯେତେ ଅପସନ୍ଦ କଲେ ମଧ୍ୟ ସେ ତାହାକୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ । ସକଳ ପ୍ରଶଂସା ସେହି ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ନିଜ ଅଙ୍ଗିକାର ପୂରଣ କରିଦେଲେ ଏବଂ ନିଜ ସେନାଦଳ ମାଧ୍ୟମରେ ସାହାଯ୍ୟ ପ୍ରଦାନ କଲେ ଦେବଦୂତଙ୍କ ମାଧ୍ୟମରେ ସାହାଯ୍ୟ କଲେ । ଶୁଣ ଅଲ୍ଲାଃ ପ୍ରତିମା ପୁଜକଙ୍କ ସମ୍ରାଟଙ୍କୁ ନୀହତ କଲେ ସେମାନଙ୍କ ଏକତା କୁ ଭାଙ୍ଗି ଚୂରମାର୍ କରିଦେଲେ ନିଜ ସାମ୍ରାଜ୍ୟର ଗୋଟିଏ ଚାଖଣ୍ଡେ ଜମି ମଧ୍ୟ ବର୍ତମାନ ତାଙ୍କ ହସ୍ତରେ ନାହିଁ, ନା ସେମାନେ ମୁସଲମାନମାନଙ୍କୁ କ୍ଷତି ପହଂଚାଇବା ପାଇଁ ସାମର୍ଥ୍ୟ ରଖିଛନ୍ତି ଏପରି ସ୍ଥିତିରେ ସେ ଆଉ ନାହାନ୍ତି । ଶୁଣ ପରମେଶ୍ୱର ତୁମକୁ ସେମାନଙ୍କ ଜମି ଘର ଧନଦୌଲତ ଓ ସନ୍ତାନମାନଙ୍କ ଉପରେ ଅଧିକାର ପ୍ରଦାନ କଲେ ତୁମକୁ ଉତରାଧିକାରୀ କରିଦେଲେ ଯଦ୍ୱାରା ସେମାନେ ଦେଖନ୍ତୁ ଯେ ତୁମର ଅମଳ କିଭଳି ସୁନ୍ଦର ଓ ସୁସଜ୍ଜିତ ତେଣୁ ଏହି କଥାକୁ ଗଣ୍ଠି କରିନିଅ ଯେ ତୁମ ପରି ଅନେକ ଶକ୍ତି ଅତିତରେ ମୁଣ୍ଡ ଟେକିଥିଲେ, ଶକ୍ତିଶାଳୀ ମଧ୍ୟ ହୋଇଥିଲେ, ନିଜର ବିଶାଳ ସାମ୍ରାଜ୍ୟ ଗଠନ କରିନେଇଥିଲେ କିନ୍ତୁ ବର୍ତମାନ ପ୍ରଭୁ ନିଜ ପ୍ରତିଶୃତି ପୂରଣ କରି ତୁମକୁ ସେମାନଙ୍କ ଉପରେ ଅଧିଷ୍ଠିତ କରିଦେଇଛନ୍ତି । ଯଦ୍ୱାରା ସେମାନେ ତୁମର ନମୁନା ଦେଖନ୍ତୁ ସୁତରାଂ ପ୍ରଭୁଙ୍କ ଆଦେଶ ପ୍ରଣୟନ କର ଏବଂ ଏଭଳି ବ୍ୟକ୍ତିର ଅନୁକରଣ ଓ ଆଜ୍ଞାପାଳନ କର ଯିଏ ତୁମ ପାଇଁ ଏହି ପ୍ରତିଶୃତି ରକ୍ଷା କରୁଥିବ । ତୁମେ ନିଜ ପବିତ୍ର ଅଭ୍ୟାସରେ ଅବିଚଳ ଓ ଅଟଳ ରୁହ ନଚେତ ଅଲ୍ଲାଃ ତୁମ ସ୍ଥାନରେ ଅନ୍ୟ ଏକ ଜାତିକୁ ନେଇ ଆସିବେ ସୁତରାଂ ନିଜ ଶିକ୍ଷାକୁ କଦାପି ପାସୋରି ଯାଅନାହିଁ । ପୁନଶ୍ଚ ଆପଣ ର:ଅ ମୁସଲମାନମାନଙ୍କୁ ସତର୍କ କରି କହିଲେ କି ମତେ ଏହି ଭୟ ନାହିଁ ଯେ, ଶତ୍ରୁ ମୁସଲମାନ ସମ୍ପ୍ରଦାୟକୁ ଧ୍ୱଂସବିଧ୍ୱଂସ କରିଦେବ ବରଂ ମତେ ତ ନିଜ ମୁସଲମାନ ଭାଇମାନଙ୍କ ଉପରେ ସନ୍ଦେହ ଜାତ ହେଉଛି ଯେ କାଳେ ଏହିମାନେ ହିଁ ଇସ୍‌ଲାମ୍‌କୁ ଧ୍ୱାସଂବିମୁଖ ଗର୍ତ ଆଡ଼କୁ ଟାଣି ନ ନିଅନ୍ତୁ । ***(ତାରିଖୁଲ୍ ତିବ୍‌ରି, ଖଣ୍ଡ-୨, ପୃ-୫୪୯..... ବେରୁତ ୨୦୧୨) (ତାରିଖେ ତିବ୍‌ରି ମୁତର୍‌ଜିମ୍, ଖଣ୍ଡ-୩,***

*ଭାଗ- ୧, ପୃ-୧୯୦..... କରାଚି ୨୦୦୩)*

ଆଜି ଆମେ ଏହି କଥା ବାସ୍ତବରେ ପରିଣତ ହେଉଥିବାର ଦେଖୁଅଛେ । ଆଜି ଜଣେ ମୁସଲମାନ ହିଁ ଆଉ ଜଣେ ମୁସଲମାନର ଗଳା କାଟୁଛି । ଗୋଟିଏ ମୁସଲମାନ ଦେଶ ଜିହାଦ୍ ନାମ ନେଇ ଅନ୍ୟ ଏକ ମୁସଲମାନ ଦେଶ ଉପରେ ଆକ୍ରମଣ କରୁଛି ଏବଂ ରକ୍ତର ସୁଅ ଛୁଟାଉଛି । ଏଭଳି ଭାବରେ ହଜ୍‌ରତ୍ ଉମର୍ ର:ଅ ମୁସଲମାନମାନଙ୍କୁ ସେମାନଙ୍କ କୁପରିଣତି ସମ୍ପର୍କରେ ସର୍ତକ କରାଇଥିଲେ ।

ଇସ୍ତେଖାର୍ ଯାହାକି ଇରାନ୍‌ର କେନ୍ଦ୍ରୀୟ ସହର ଥିଲା ଓ ସାସାନି ସମ୍ରାଟମାନଙ୍କର ପବିତ୍ର ସହର ଥିଲା । ସେହି ସହର ଆଡ଼କୁ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଆସ ଅଗ୍ରସର ହୋଇଥିଲେ ସେଠାରେ ଶତ୍ରୁ ସହିତ ଘମାସାନ ସର୍ଘଷ ପରେ ମୁସଲମାନମାନଙ୍କୁ ବିଜୟ ଲାଭ ହୋଇଥିଲା । ଏହି ଯୁଦ୍ଧରେ ଅନେକ ଲୋକ ନୀହତ ହେଲେ ଏବଂ ବାକି ପଳାୟନ କରିଥିଲେ । ହଜରତ୍ ଉସ୍‌ମାନ୍ ବିନ୍ ଅବୁ ଆସ କାଫିର୍ ଅର୍ଥାତ ଅବିଶ୍ୱାସମାନଙ୍କୁ କର ପ୍ରଦାନ କରି ଜିମ୍ମି ନାଗରିକ ଭାବରେ ରହିବାକୁ ଆମନ୍ତ୍ରଣ କଲେ । ସୁତରାଂ ସେ ତାଙ୍କ ସହିତ ପତ୍ର ବିନିମୟ କରୁଥିଲେ । ଶେଷରେ ସେମାନଙ୍କ ହାକିମ୍ ହୁରମୁଜ୍ ମୁସଲମାନମାନଙ୍କର ଏହି ପ୍ରସ୍ତାବକୁ ସ୍ୱୀକାର କରିନେଇଥିଲେ ଏବଂ କର ଦେବାକୁ ରାଜି ହୋଇଯାଇଥିଲେ ଯଦ୍ୱାରା ପଳାୟନ କରିଥିବା ଲୋକେ ପୁନଃ ନିଜ ଭିଟାମାଟିକୁ ଫେରି ଆସିଥିଲେ ସେଥିଅନ୍ତେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅବୁଲ୍ ଆସ ମାଲେ ଗନିମତ ଜମା କରି ତାହାର ୧/୫ ଅଂଶ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପ୍ରେରଣ କରିଦେଇଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଇସ୍‌ତଖାର ଅଂଚଳକୁ ହଜ୍‌ରତ୍ ଅଲାମା ବିନ୍ ହଜରମି ୧୭ ହିଜ୍‌ରୀରେ ଜୟ କରିନେଇଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ବାକି ଜମା ଅର୍ଥକୁ ମୁସଲମାନମାନଙ୍କ ମଧ୍ୟରେ ବାଂଟିବାପାଇଁ ରଖି ଦେଇଥିଲେ ଏବଂ ଲୁଣ୍ଠନ ଓ ଅନ୍ୟର ସମ୍ପତିକୁ ହାତେଇବାକୁ ମୁସଲମାନମାନଙ୍କୁ ମନା କରିଦେଲେ ତଥା ଲୁଣ୍ଠିତ ଧନକୁ ସେମାନଙ୍କ ମାଲିକକୁ ଫେରସ୍ତ କରିଦେଇଥିଲେ । ସେଥିଅନ୍ତେ ସମସ୍ତ ମୁସଲମାନମାନଙ୍କୁ ଏକତ୍ରିତ କରି କହିଲେ, ଆମ ମାମଲା ବହୁତ ଉର୍ଦ୍ଧ୍ୱରେ ଆମର ସମସ୍ୟା ପ୍ରଭୁ ସ୍ୱୟମ ସମାଧାନ କରିଥାନ୍ତି ଯେପର୍ଯ୍ୟନ୍ତ ଆମେ ପଥଭ୍ରଷ୍ଟ ଓ ଧନ ଆତ୍ମସାତ କରିନାହେଁ ସେ ପର୍ଯ୍ୟନ୍ତ ଆସ୍ତ ଅଲ୍ଲାଃ ଆମର ସମାଧାନ କରୁଥିବେ ଯଦି ଆମେ ମାଲେ ଗନିମତ୍‌ରେ ଖୟାନତ କରିବା ତେବେ ତାହା ଅନ୍ୟକୁ ଛଳ ଛଳ ଦୃଶ୍ୟମାନ ହେବ ଏବଂ ଏହି ମନ୍ଦ କର୍ମ ସମସ୍ତଙ୍କୁ ଧ୍ୱଂସ କରିନେବ । କିନ୍ତୁ ଆଜିକାଲି ମୁସଲମାନମାନଙ୍କ ମଧ୍ୟରେ ଏହି ସବୁ ଅର୍ଥାତ ଚୋରି, କପଟତା ଏବଂ ବିଶ୍ୱାସଘାତକତା ଦୃଶ୍ୟମାନ ହେଉଛି ପରସ୍ପରକୁ ଲୁଣ୍ଠନ କରିବା ବିଷୟରେ ସେମାନଙ୍କ ଚରିତ୍ର ଦୂଶିତ ହୋଇଯାଇଛି । ଯଦ୍ୱାରା ସମଗ୍ର ସଂସାରରେ ସେମାନେ ଅର୍ଥାତ ମୁସଲମାନମାନେ ଆଜି ବଦ୍‌ନାମ ହୋଇଯାଇଛନ୍ତି । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ଯଦି ଆମେ ପ୍ରଭୁଙ୍କ ଖାତିର୍ ସତ୍‌କର୍ମ କରିବାର ମନସ୍ଥ କରିନେଇଛେ ତେବେ ପ୍ରଭୁ ମଧ୍ୟ ଆମର ସହାୟତା ପୂର୍ବକ ସମସ୍ତ ଅପକର୍ମରୁ ଆମକୁ ରକ୍ଷା କରିବେ ଯଦି ତୁମେ ବିଶ୍ୱସ୍ତତା ପ୍ରଦର୍ଶନ ନ କରିବ ତେବେ ପ୍ରତିଦିନ ତୁମର କିଛି ନା କିଛି ଭଲଗୁଣ ଅପସରି ଯିବ ଅର୍ଥାତ ପୂଣ୍ୟ ଅର୍ଜନ କରିବା ଧିରେ ଧିରେ ଶେଷ ହୋଇଯିବ ।

ହଜ୍‌ରତ୍ ଉମର୍ ର:ଅଙ୍କ ଶେଷ ପର୍ଯ୍ୟାୟ ଓ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ କାଳର ପ୍ରାରମ୍ଭରେ ଶହ୍‌ରାକ୍ ବିଦ୍ରୋହ ଆରମ୍ଭ କରିଦେଇଥିଲା ଏବଂ ଇରାନ୍‌ରେ ମୁସଲମାନମାନଙ୍କ ବିପକ୍ଷରେ ସେ ପାର୍ସୀବାସୀଙ୍କୁ ପ୍ରବର୍ତାଇ ସେମାନଙ୍କ ପ୍ରତିଜ୍ଞା ଭଙ୍ଗ କରିଥିଲା ଅର୍ଥାତ ଯେଉଁ ସର୍ତଗୁଡ଼ିକ ସେମାନଙ୍କ ସହିତ ଧାର୍ଯ୍ୟ କରାଯାଇଥିଲା ତାହାର ସେ ଉଲ୍ଲଂଘନ କରିଥିଲା ଯଦ୍ୱାରା ହଜ୍‌ରତ୍ ଉସ୍‌ମାନ ବିନ୍ ଅବୁଲ୍ ଆସର:ଅ ପୂର୍ନବାର ସେହି ଅଂଚଳ ଅଭିମୁଖେ ବାହାରିଥିଲେ ତାଙ୍କ ପଛରେ ଅବ୍‌ଦୁଲ୍ଲାଃ ବିନ୍ ମୋମର୍ ଓ ଶିବିଲ୍ ବିନ୍ ମୁଅବଦ୍ ବଜଲ୍ଲିଙ୍କ ସାଥିରେ ସାହାଯ୍ୟ କରିବାପାଇଁ ସେନା ପ୍ରେରଣ କରାଗଲା ତାଙ୍କର ଫାରସ୍ ସ୍ଥାନରେ ଶତ୍ରୁଙ୍କ ସହିତ ଭିଷଣ ସଂଘର୍ଷ ହେଲା, ସେମାନଙ୍କ ମଧ୍ୟରେ ଘମାସାନ ଲଢ଼େଇ ହୋଇଥିଲା । ଏହି ଯୁଦ୍ଧରେ ଶହ୍‌ରକ୍ ଏବଂ ତା'ର ପୁଅ ମୃତ୍ୟୁବରଣ କରିଥିଲେ ସେମାନଙ୍କ ବ୍ୟତିତ ଆହୁରି ଅନେକ ଲୋକ ମଧ୍ୟ ନିହତ ହୋଇଥିଲେ ଓ ମୁସଲମାନମାନେ ଜୟଯୁକ୍ତ ହୋଇଥିଲେ । ଶହ୍‌ରକ୍‌କୁ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅବୁଲ୍ ଆସ ର:ଅଙ୍କ ଭାଇ ହକମ୍ ବିନ୍ ଅବୁଲ୍ ଆସ୍ ହତ୍ୟା କରିଥିଲେ ।

***(ତାରିଖେ ତିବ୍‌ରି ମୁତରଜିମ୍, ଖଣ୍ଡ-୩, ଭାଗ-୧ ପୃ-୧୯୨-୧୯୩..... କରାଚି ୨୦୦୩)***

ହଜ୍‌ରତ୍ ସାରିୟା ବିନ୍ ଜୁନିମ୍‌ଙ୍କୁ ହଜ୍‌ରତ୍ ଉମର୍ ର:ଅ ଫସା ଏବଂ ଦାରାବଜରଦ୍ ଅଭିମୁଖେ ପ୍ରେରଣ କରିଥିଲେ ୨୩ ହିଜ୍‌ରୀର ଘଟଣା । ଫସା ଫରାସିର ଏକ ପୁରାତନ ସହର ଥିଲା ଯାହାକି ସିରାଜ ଠାରୁ ୨୧୬ ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ଦାରେ ବଜରଦ୍ ଫରାସୀର ପ୍ରଶସ୍ତ ଅଂଚଳ ଯହିଁରେ ଫସା ଓ ଅନ୍ୟାନ୍ୟ ସହର ଗୁଡ଼ିକ ରହିଥିଲା । ଦଲାଇଲୁଲ୍ ନବୁଓ୍ୱାରେ ବର୍ଣ୍ଣିତ ରହିଛି ଯେ, ହଜ୍‌ରତ୍ ଇବ୍‌ନେ ଉମର୍ ର:ଅ ବର୍ଣ୍ଣନା କରନ୍ତି ହଜ୍‌ରତ୍ ଉମର୍ ର:ଅ ଏକ ସୈନ୍ୟଦଳ ହଜ୍‌ରତ୍ ସାରିୟାଙ୍କ ନେତୃତ୍ୱରେ ପ୍ରେରଣ କରିଥିଲେ । ଦିନେ ହଜ୍‌ରତ୍ ଉମର୍ ର:ଅ ଜୁମାର ଖୁତ୍‌ବା ଦେଉଥିଲେ ଯେ, ହଠାତ୍ ଉଚ୍ଚ ସ୍ୱରରେ କହିଲେ, **ୟା ସାରିୟଲ୍ ଜବଲ୍** ଅର୍ଥାତ ହେ ସାରିୟା ପର୍ବତ ଆଡ଼କୁ ଘୁଂଚିଯାଅ ।

ତିବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଉମର୍ ର:ଅ ହଜରତ ସାରିୟା ବିନ୍ ଜୁନିମ୍‌ଙ୍କୁ ଫସା ଓ ଦାରେ ବଜ୍‌ରଦ୍ ଅଂଚଳ ଅଭିମୁଖେ ପ୍ରେରଣ କରିଥିଲେ, ସେ ସେଠାରେ ପହଂଚି ଲୋକମାନଙ୍କର ଘେରାଉ କରିଥିଲେ । ଯେତେବେଳେ ସେମାନେ ନିଜ ସମର୍ଥନକାରୀ ବ୍ୟକ୍ତିମାନଙ୍କୁ ନିଜ ସାହାଯ୍ୟ ପାଇଁ ଡ଼ାକିଲେ । ସେତେବେଳେ ସେମାନେ ମୁସଲମାନ ସୈନ୍ୟ ବିରୁଦ୍ଧରେ ମରୁଭୂମି ଠାରେ ଏକାଠି ହୋଇଗଲେ । ସେମାନଙ୍କ ସଂଖ୍ୟା ଖୁବ୍ ଅଧିକ ଥିଲା । ସେମାନେ ମୁସଲମାନମାନଙ୍କୁ ଘେରି ନେଇଥିଲେ । ହଜ୍‌ରତ୍ ଉମର୍ ର:ଅ ଜୁମା ଦିନ ଖୁତ୍‌ବା ଦେଉଥିଲେ ଯେ, ହଠାତ୍ ଆପଣ କହି ଉଠିଲେ **ୟା ସାରିୟା ବିନ୍ ଜୁନିମ୍! ଅଲ୍‌ଜବଲ୍ ଅଲ୍‌ଜବଲ୍** ଅର୍ଥାତ ହେ ସାରିୟା ବିନ୍ ଜୁନିମ୍! ପର୍ବତ ଆଡ଼କୁ ଘୁଂଚିଯାଅ । ମୁସଲମାନମାନଙ୍କର ସୈନ୍ୟଦଳ ଯେଉଁ ସ୍ଥାନେ ଅବସ୍ଥାନ କରିଥିଲା ତାହା ନିକଟବର୍ତୀ ଏକ ପର୍ବତ ରହିଥିଲା ଯଦି ସେମାନେ ଉକ୍ତ ପର୍ବତ ଉପରେ ଆଶ୍ରୟ ନ ନେଇଥାନ୍ତେ ତେବେ ଶତ୍ରୁ ଗୋଟିଏ ପାର୍ଶ୍ୱରୁ ସେମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ଧ୍ୱଂସ କରିଦେଇଥାନ୍ତା । ଅତଏବ ସେମାନେ ଏହି ପର୍ବତ ପାର୍ଶ୍ୱରେ ଆଶ୍ରୟ ନେଇଥିଲେ ଏବଂ ପୂର୍ନବାର ଯୁଦ୍ଧ ଆରମ୍ଭ କରିଥିଲେ । ଶତ୍ରୁ ପକ୍ଷର ପରାଜୟ ହୋଇଥିଲା ଓ ସେମାନଙ୍କର ଅନେକ ଧନରତ୍ନ ମୁସଲମାନମାନଙ୍କ ହାତ ମୁଠାକୁ ଚାଲି ଆସିଥିଲା । ଉକ୍ତ ମାଲେ ଗନିମତ ମଧ୍ୟରେ ରତ୍ନମାଣିକ୍ୟର ଏକ ସିନ୍ଦୁକ ମଧ୍ୟ ରହିଥିଲା ଯାହାକୁ ମୁସଲମାନ ସୈନ୍ୟଦଳ ପାରସ୍ପରିକ ସହମତିରେ ହଜ୍‌ରତ୍ ଉମର୍ ର:ଅଙ୍କୁ ଉପହାର ସଦୃଶ ପଠାଇଥିଲେ । ହଜ୍‌ରତ୍ ସାରିୟା ଉକ୍ତ ସିନ୍ଦୁକ୍ ସହିତ ବିଜୟର ଶୁଭ ସମାଚାର ସହିତ ଜଣେ ସନ୍ଦେଶ ବାହକକୁ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପ୍ରେରଣ କରିଥିଲେ । ଯେତେବେଳେ ସେହି ସନ୍ଦେଶ ବାହକ ମଦିନାରେ ପହଂଚିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କୁ ଭୋଜନ କରାଉଥିଲେ ଏବଂ ଆପଣଙ୍କ ସହିତ ସେହି ବାଡ଼ିଟି ଥିଲା ଯେଉଁ ବାଡ଼ି ସାହାଯ୍ୟରେ ସେ ଓଟ ମାନଙ୍କୁ ଓଡ଼ାଉଥିଲେ । ଉକ୍ତ ସନ୍ଦେଶ ବାହକ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ କଥାବାର୍ତା କରିବାକୁ ଇଚ୍ଛା ପ୍ରକାଶ କଲା । ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ଖାଇବା ଆସନରେ ବସାଇ ଦେଲେ । ଅତଏବ ସେ ସେଠାରେ ବସି ଭୋଜନ କଲେ ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ ଯିବାକୁ ଲାଗିଲେ ସେହି ବ୍ୟକ୍ତି ପୁନଶ୍ଚ ଛିଡ଼ା ହୋଇ ହଜ୍‌ରତ୍ ଉମର୍ ର:ଅଙ୍କ ପଛେ ପଛେ ଯିବାକୁ ଲାଗିଲା ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ନିଜ ପଛରେ ଆସୁଥିବାର ଦେଖି କହିଲେ ବୋଧ ହୁଏ ତୁମର ପେଟ ପୁରିନାହିଁ ସୁତରାଂ ଆପଣ ର:ଅ ଯେତେବେଳେ ନିଜ ଘରର ମୁଖ୍ୟ ଦ୍ୱାରର ନିକଟରେ ପହଂଚିଲେ ସେତେବେଳେ ସେ ମଧ୍ୟ ଭିତରକୁ ଆସିଗଲା ଯଦ୍ୱାରା ଆପଣ ର:ଅ ରୁଟି ପ୍ରସ୍ତୁତକାରୀକୁ ଆଦେଶ ଦେଲେ ଯେ, ଖାଦ୍ୟାସାନ ଉପରକୁ ଖାଦ୍ୟ ଆଣ । ସେହି ଖାଦ୍ୟରେ ରୁଟି ଓ ଅଲିଭ୍ ତୈଳ ତଥା ଲୁଣ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ବାଢ଼ି ଦିଆଗଲା ଏବଂ ଆପଣ ଉକ୍ତ ବ୍ୟକ୍ତିଙ୍କୁ କହିଲେ, ବର୍ତମାନ ଖାଅ । ଯେତେବେଳେ ସେ ଖାଦ୍ୟ ଖାଇ ସାରିଲା ସେତେବେଳେ ସେ କହିଲା ହେ ଅମୀରୁଲ୍ ମୁମିନୀନ୍! ମୁଁ ସାରିୟା ବିନ୍ ଜୁନିମ୍‌ଙ୍କ ସନ୍ଦେଶ ବାହକ । ହଜ୍‌ରତ୍ ଉମର୍ ର:ଅ କହିଲେ, ତୁମକୁ ସ୍ୱାଗତ ତୁମ ନିକଟରେ କି ସମାଚାର ରହିଛି । ସେତେବେଳେ ସେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଆସି ବସିଗଲେ ଏପରି କି ଆପଣଙ୍କ ଆଣ୍ଠୁ ତା' ଆଣଣ୍ଠୁ ସହିତ ସ୍ପର୍ଶ କରୁଥିଲା । ତା'ପରେ ହଜ୍‌ରତ୍ ଉମର୍ ର:ଅ ମୁସଲମାନମାନଙ୍କ ସମ୍ପର୍କରେ ଖବର ପଚାରିଥିଲେ, ସାରିୟାଙ୍କ ସମ୍ପର୍କରେ ଖବର ପଚାରିଥିଲେ ଯେ ସେ କିପରି ଅଛନ୍ତି? ଯେତେବେଳେ ସେ ଆପଣଙ୍କ ସିନ୍ଦୁକ ସମ୍ପର୍କରେ କହିଲା ଯାହାକୁ ଆପଣଙ୍କୁ ଭେଟି ସ୍ୱରୂପ ପ୍ରେରଣ କରାଯାଇଥିଲା । ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତା ଆଡ଼କୁ ଦୃଷ୍ଟିପାତ କଲେ ଓ ଉଚ୍ଚ ସ୍ୱରରେ କହିଲେ, ତହିଁରେ କୌଣସି ମର୍ଯ୍ୟାଦା ଲକ୍ଷ କଥା ନାହିଁ । ସେହି ସୈନ୍ୟଦଳ ପାଖକୁ ଯାଅ ଏବଂ ଏହାକୁ ସେମାନଙ୍କ ମଧ୍ୟରେ ବାଂଟି ଦିଅ ହଜ୍‌ରତ୍ ସାରିୟା ର:ଅ ଯେଉଁ ମଣି ମାଣିକ୍ୟରେ ପରିପୂର୍ଣ୍ଣ ସିନ୍ଦୁକ ମତେ ପ୍ରେରଣ କରିଛନ୍ତି ତାହାକୁ ସୈନ୍ୟଦଳରେ ହିଁ ବାଂଟି ଦିଅ । ସେ କହିଲା ହେ ଅମୀରୁଲ୍ ମୁମିନିନ୍ ମୋର ଓଟଟି ଦୀର୍ଘ ପଥ ଯାତ୍ରା କରି ଦୁର୍ବଳ ହୋଇଯାଇଛି । ମୁଁ ପୁରସ୍କାର ଆଶା ମଧ୍ୟ କରିଛି ଯେ, ଆପଣ ମତେ କିଛି ପୁରସ୍କାର କରିବେ ଅତଏବ ଆପଣ ମତେ ସେଥିରୁ କିଛି ପ୍ରଦାନ କରନ୍ତୁ । ହଜ୍‌ରତ୍ ଉମର୍ ର:ଅ ତା ଓଟ ବଦଳରେ ସଦ୍‌କାଃର ଓଟ ମଧ୍ୟରୁ ଗୋଟିଏ ଓଟ ତାକୁ ପ୍ରଦାନ କଲେ । ଅତଏବ ଓଟଟି ନେଇ ସନ୍ଦେଶବାହକ କ୍ଷୁବ୍ଧ ଓ ବଂଚିତ ହୋଇ ଅର୍ଥାତ ମାଲେ ଗନିମତ୍‌ରୁ ବଂଚିତ ହୋଇଥିବାର କ୍ଷୋଭ ପ୍ରକାଶ କରି ବସ୍‌ରା ଆଡ଼କୁ ବାହାରି ଯାଇଥିଲେ ଓ ହଜ୍‌ରତ୍ ଉମର୍ ର:ଅଙ୍କ ଆଦେଶ ଅନୁଯାୟୀ ଅମଳ କରିଥିଲେ ।

ଏହା ମଧ୍ୟ ବର୍ଣ୍ଣନା କରାଯାଏ ଯେ, ଯେତେବେଳେ ସନ୍ଦେଶବାହକ ବିଜୟ ଶୁଭ ସମାଚାର ଧରି ମଦିନା ଆସିଲେ ସେତେବେଳେ ମଦିନା ବାସୀ ତାଙ୍କୁ ହଜ୍‌ରତ୍ ସାରିୟାଙ୍କ ସମ୍ପର୍କରେ ପଚାରିଲେ ଏବଂ ବିଜୟ ସମ୍ପର୍କରେ ମଧ୍ୟ ପଚାରିଥିଲେ । ପୁଣି ଏକଥା ମଧ୍ୟ ପଚାରିଲେ ଯେ କଣ, ଯୁଦ୍ଧ ଦିନ ମୁସଲମାନମାନେ କୌଣସି ଶବ୍ଦ ଶୁଣିନଥିଲେ କି? ସେ କହିଲା ହଁ ଆମେମାନେ ସହିଦିନ ଗୋଟିଏ ଶବ୍ଦ ଶୁଣିଲୁ ତାହା ଏପରି ଥିଲା, **ୟା ସାରିୟା ଅଲ୍‌ଜବଲ୍ ।** ଅର୍ଥାତ ହେ ସାରିୟା ପର୍ବତ ଆଡ଼କୁ ହଟିଯାଅ ।

ସେତେବେଳେ ଆମମାନଙ୍କର ସର୍ବନାଶ ସୁନିଶ୍ଚିତ ଥିଲା କିନ୍ତୁ ଆମେମାନେ ପର୍ବତକୁ ଘୁଂଚିଯାଇ ଶରଣ ନେଇଥିଲୁ । ଅଲ୍ଲାଃ ତାଲା ଆମମାନଙ୍କୁ ସେଥିଅନ୍ତେ ବିଜୟ ପ୍ରଦାନ କରିଥିଲେ ।

***(ତାରିଖେ ତିବ୍‌ରି ମୁତରଜିମ୍, ଖଣ୍ଡ-୩, ପୃ-୧୯୪-୧୯୬..... କରାଚି ୨୦୦୩) (ତାରିଖେ ତିବ୍‌ରି, ଖଣ୍ଡ-୨, ପୃ-୫୫୩-୫୫୪..... ବେରୁତ ୨୦୧୨) (ଦଲାଇଲୁଲ୍ ନବୁଓ୍ୱା..... ଖଣ୍ଡ-୬, ପୃ-୩୭୦...... ବେରୁତ ୨୦୦୨) (ସିରତ୍ ଅମୀରୁଲ୍ ମୁମିନିନ୍..... ପୃ-୪୩୬..... ବେରୁତ ୨୦୦୭) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୨୭୩, ଖଣ୍ଡ-୩, ପୃ-୪୩୪..... ବେରୁତ)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉକ୍ତ ଘଟଣାକୁ ଚର୍ଚ୍ଚା କରି କୁହନ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍‌ରେ ସେ ମଂଚ ଉପରେ ଚଢ଼ି ଖୁତ୍‌ବା ଦେଉଥିବା ସମୟରେ ସହସା ତାଙ୍କୁ ତୁଣ୍ଡରୁ ଏହି ଶବ୍ଦ ନିର୍ଗତ ହୋଇଗଲା ଯେ, **ୟା ସାରିୟତୁଲ୍ ଜବଲ୍, ୟା ସାରିୟତୁଲ୍ ଜବଲ୍** ଅର୍ଥାତ ହେ ସାରିୟା ପର୍ବତ ଆଡ଼କୁ ଘୁଂଚିଯାଅ । ଯଦିଓ ଏହି ପଦ ଅସଙ୍ଗତ ଥିଲା ଅର୍ଥାତ ଖୁତ୍‌ବାର ବିଷୟବସ୍ତୁ ଭିନ୍ନ ଥିଲା । ଲୋକମାନେ ଆପଣଙ୍କୁ ପଚାରିଲେ ଯେ ଏମିତି କ'ଣ ହେଲା ? ପ୍ରତ୍ୟୁତରରେ ହଜ୍‌ରତ୍ ଉମର୍ ର:ଅ କହିଲେ ମତେ କୁହାଗଲା ଯେ, ଏକସ୍ଥାନରେ ସାରିୟା ଯିଏ ଇସ୍‌ଲାମୀୟ ସୈନ୍ୟଦଳର ଅଧିପତି ଛିଡ଼ା ହୋଇଛନ୍ତି ଶତ୍ରୁ ତାଙ୍କୁ ଚାରିପଟୁ ଘେରି ନେଇଛି ତାଙ୍କ ଉପରେ ଆକ୍ରମଣ କରିବାକୁ ବାହାରିଛି ତେଣୁ ଖୁବ୍ ନିକଟର୍ବତୀ ଥିଲା ଯେ ମୁସଲମାନ ସୈନ୍ୟ ବିନାଶ ହୋଇଯାଇଥାନ୍ତା ସେହିଠାରେ ସେତେବେଳେ ମୁଁ ସ୍ୱପ୍ନାଦେଶ ମାଧ୍ୟମରେ ଯାହା ଦେଖିଲି ସେମାନଙ୍କୁ ସୁଚିତ କରିଦେଲି ଓ ଖୁବ୍ ଜୋର୍‌ରେ ଏଭଳି ଶବ୍ଦ ମୋ ମୁଖରୁ ନିସୃତ ହୋଇଗଲା । ବର୍ତମାନ ଏହି କଥାକୁ ଅଧିକ ସମୟ ହୋଇନଥିଲା ଯେ, ସାରିୟାଙ୍କ ଆଡୁ ଠିକ୍ ଏହି ପ୍ରସଙ୍ଗରେ ସୂଚନା ପ୍ରାପ୍ତ ହେଲା ଯେ ସେମାନେ ଏହି ଶବ୍ଦ ଶୁଣିଛନ୍ତି ଯାହାକି ହଜ୍‌ରତ୍ ଉମର୍ ର:ଅଙ୍କ ଶବ୍ଦ ସହିତ ସାମଞ୍ଜସ୍ୟ ରଖୁଥିଲା ଏବଂ ସେହି କଥାର ଅନୁକରଣ କରିବା ଫଳରେ ଆମେ ବିପଦମୁକ୍ତ ହୋଇଥିଲୁ ଏବଂ ପ୍ରଭୁ ଆମକୁ ବିଜୟ ମଣ୍ଡିତ କରିଥିଲେ । ଉକ୍ତ ଘଟଣାରୁ ଏହା ଜ୍ଞାତ ହେଉଛି ଯେ, ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉଲ୍ଲେଖ କରନ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ତୁଣ୍ଡ ସେତେବେଳେ ତାଙ୍କ ଅଧିନରେ ନଥିଲା ଏବଂ ଯାହା ତାଙ୍କ ପାଟିରୁ ବାହାରିଥିଲା ତାହା ସେହି ସର୍ବଶକ୍ତିମାନ ସତାଙ୍କ କବଳରେ ରହିଥିଲା ଯେ କି ହଜ୍‌ରତ୍ ଉମର୍ ର:ଅଙ୍କ ମୁଖରୁ ନିସୃତ କରିଥିଲେ ଏବଂ ସେହି ସର୍ବଶକ୍ତିମାନ୍ ଅଲ୍ଲାଃଙ୍କ ନିକଟରେ ବ୍ୟବଧାନ ଓ ଦୂରତା କିଛି ଅର୍ଥ ରଖେ ନାହିଁ ।"

***(ତକ୍‌ଦିରେ ଏଲାହି, ଅନ୍‌ଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୪, ପୃ-୫୭୫)।***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ସାହାବାମାନଙ୍କ ଉପରେ ଏହି ଅଭିଯୋଗ ଓ ଆପତି କରାଯାଇଥାଏ ଯେ, ଏଭଳି ଐଶିବାଣୀ ସାହାବାମାନଙ୍କ ଦ୍ୱାରା ପ୍ରମାଣିତ ନୁହେଁ ବରଂ ତାହା ଭିତିହୀନ ଓ ମିଥ୍ୟା ଅଟେ । କାରଣ ସଠିକ୍ ଆହାଦିସ୍ ଅନୁଯାୟୀ ସାହାବା କରାମ୍ ର:ଅଙ୍କୁ ଐଶିବାଣୀ ଓ ଚମତ୍କାର ହେଉଥିବାର ଏହି ଘଟଣା ପ୍ରମାଣ ସିଦ୍ଧ କରୁଛି ଯେ, ସାହାବାଙ୍କୁ ମଧ୍ୟ ଅଲ୍ଲାଃ ତାଲା ଐଶିବାଣୀ ପ୍ରଦାନ କରୁଥିଲେ ଏହି ଘଟଣା ତାହାର ଜ୍ୱଳନ୍ତ ପ୍ରମାଣ ଅଟେ । ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ୱାରା ନିୟୋଜିତ ହୋଇଥିବା ସାରିୟାଙ୍କ ସୈନ୍ୟଦଳ ବିପଦପୂର୍ଣ୍ଣ ପରିସ୍ଥିତିରେ ଯେଭିଳ ଘେରି ରହିଥିଲା ସେହି ସଂକ୍ରାନ୍ତରେ ହଜ୍‌ରତ୍ ଉମର୍ ର:ଅଙ୍କୁ ସୁଚିତ କରିବା ଐଶିବାଣୀ ନ ଥିଲା ତ ଆଉ କଣ ଥିଲା ? ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅଙ୍କ ଏହି ଆବାଜ୍ ୟା ସାରିୟା ଅଲ୍‌ଜବଲ୍ ଅଲ୍‌ଜବଲ୍ । ମଦିନାରେ ବସି ହଜ୍‌ରତ୍ ଉମର୍ ର:ଅଙ୍କ ତୁଣ୍ଡରୁ ନିସୃତ ହେବା ଏବଂ ସର୍ବଶକ୍ତିମାନ ଈଶ୍ୱରଙ୍କ ଅଦୃଶ୍ୟ ଶକ୍ତି ମାଧ୍ୟମରେ ସାରିୟା ଓ ତାଙ୍କ ସୈନ୍ୟଙ୍କୁ ଏଭଳି ସୁଦୁର ସ୍ଥାନରେ ଶୁଣାଯିବା ପ୍ରଭୁଙ୍କର ଏକ ନିଦର୍ଶନ ଥିଲା । ସୁତରାଂ ଯଦି ଏହା ଚମତ୍କାର ନଥିଲା, ତେବେ କ'ଣ ଥିଲା ?"

***(ବରାହିନେ ଅହେମଦୀୟା ଭାଗ-୪, ପୃ-୬୫୩-୬୫୪, ହାଶିୟା ଦର୍ ହାଶିୟା ନଂ-୪)***

ପୁନଶ୍ଚ କର୍ମାନ ବିଜୟ ଯାହାକି ୨୩ ହିଜ୍‌ରୀରେ ହୋଇଥିଲା । ହଜ୍‌ରତ୍ ସ୍ୱହେଲ୍ ବିନ୍ ଅଦିଙ୍କ ହସ୍ତରେ କର୍ମାନ ବିଜୟ ହୋଇଥିଲା । ଏହା ମଧ୍ୟ କୁହାଯାଏ ଯେ ହଜ୍‌ରତ୍ ଅବ୍‌ଦୁଲ୍ଲା ବିନ୍ ବୁଦୈଲ୍‌ଙ୍କ ହସ୍ତରେ ତାହା ବିଜୟ ହୋଇଥିଲା ।

***(ସିରତ୍ ଅମୀରୁଲ୍ ମୁମିନିନ୍ ...... ପୃ-୪୩୬..... ବେରୁତ ୨୦୦୭)***

ହଜ୍‌ରତ୍ ସ୍ୱହେଲ୍‌ଙ୍କ ହରାଓ୍ୱଲ୍ ସୈନ୍ୟ ଦଳରେ ନୁସୈର୍ ବିନ୍ ଉମ୍‌ରୋ ଇଜିଲ୍ଲି ଥିଲେ । ତାଙ୍କ ମୁକାବିଲା ପାଇଁ କର୍ମାନ ବାସୀ ଏକତ୍ରିତ ହୋଇଗଲେ । ସେମାନେ ନିଜ ଭୂମିର ନିକଟର୍ବର୍ତୀ ଅଂଚଳରେ ଯୁଦ୍ଧ କରିଚାଲିଲେ ପରିଶେଷରେ ଅଲ୍ଲାଃ ତାଲା ସେମାନଙ୍କୁ ବିକ୍ଷିପ୍ତ କରାଇଦେଲେ ଓ ମୁସଲମାନମାନେ ସେମାନଙ୍କ ରାସ୍ତା ଅବରୋଧ କରିଦେଲେ । ନୁସୈର୍ ସେମାନଙ୍କ ବଡ଼ ବଡ଼ ଅଧିପତିଙ୍କୁ ବନ୍ଧ କରିଥିଲେ । ସେହିପରି ହଜ୍‌ରତ୍ ସ୍ୱହେଲ୍ ବିନ୍ ଅଦି ଗ୍ରାମୀଣ ସୈନ୍ୟ ଟୁକୁଡ଼ି ମାଧ୍ୟମରେ ଶତ୍ରୁକୁ ଜିରିଫ୍‌ତ୍ ନାମକ ସ୍ଥାନ ପର୍ଯ୍ୟନ୍ତ ଅବରୋଦ୍ଧ, କରିଥିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲା ମଧ୍ୟ ଶିର୍‌ମାର୍ଗ ଦେଇ ସେଠାରେ ପହଂଚିଗଲେ । ଉକ୍ତ ସ୍ଥାନରେ ସେ ଅନେକ ଓଟ, ଛେଳି ଓ ମେଣ୍ଢା ଆଦି ପାଇଥିଲେ । ତେବେ ସେମାନେ ଏହି ଛେଳି, ମେଣ୍ଢାଙ୍କର ମୂଲ୍ୟ ନିର୍ଦ୍ଧାରଣ କଲେ । ଛେଳି, ମେଣ୍ଢା ଓ ଓଟ ମଧ୍ୟରେ ଶାରିରୀକ ଗଠନରେ ତାରତମ୍ୟ ରହିଥିଲା ଯେଉଁଥିପାଇଁ ସେମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା ସୁତରାଂ ଏହି ମତଭେଦକୁ ଦୂର କରିବା ପାଇଁ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପତ୍ର ପ୍ରେରଣ କରାଗଲା । ହଜ୍‌ରତ୍ ଉମର୍ ର:ଅ ସେମାନଙ୍କୁ ଉତର ଲେଖିଲେ ଯେ, ଆରବୀୟ ଓଟର ମାଂସ ଅନୁଯାୟୀ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ ଏବଂ ଏହି ଓଟ ମଧ୍ୟ ସେହି ଜୀବମାନଙ୍କ ପରି । ଯଦି ତାହା ତୁମ ମୁତାବକ ତେବେ ସେ ପରିପ୍ରେକ୍ଷୀରେ ତୁମେ ତା'ର ମୂଲ୍ୟ ବୃଦ୍ଧି କରିଦିଅ । ଯେଉଁ ଧନ ତାଙ୍କ ହାତକୁ ଆସିଥିଲା ତଦନୁଯାୟୀ ସେହି ଜୀବର ମୂଲ୍ୟ ଧାର୍ଯ୍ୟ କରାଯାଉଅଛି ।

ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି । ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ବୁଦୈଲ୍ ବିନ୍ ଓ୍ୱର୍କା ଖୁଜାଇ କିର୍‌ମାନ୍ ବିଜୟ କଲେ ପୁନଶ୍ଚ କିର୍ମାନ ପରେ ସେ ତବ୍‌ସିନ୍ ଆସିଲେ ପୁନଶ୍ଚ ସେଠାରୁ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ କହିଲେ ମୁଁ ତବ୍‌ସିନ୍‌କୁ ବିଜୟ କରିନେଇଛି ଆପଣ ମତେ ଏହି ଦୁଇଟି ଅଂଚଳ ଜାଗିର୍ ରୂପେ ପ୍ରଦାନ କରିଦିଅନ୍ତୁ । ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଏହି ଦୁଇଟି ଅଂଚଳ ତାଙ୍କୁ ଜାଗିର୍ ସ୍ୱରୁପ ପ୍ରଦାନ କରିବାପାଇଁ ଇଚ୍ଛା ପ୍ରକାଶ କଲେ ସେତେବେଳେ କେହି ଜଣେ ଆପଣ ର:ଅଙ୍କୁ କହିଲେ ଯେଏହି ଦୁଇଟି ଇଲାକା ବହୁତ ବଡ଼ ବଡ଼ ଜିଲ୍ଲା ଅଟନ୍ତି ଏବଂ ଏହା ହେଉଛନ୍ତି ଖୁରାସାନ୍‌ର ଦ୍ୱାର । ଏହା ଜାଣିବା ପରେ ହଜ୍‌ରତ୍ ଉମର୍ ର:ଅ ବୁଦୈଲ୍‌ଙ୍କୁ ଏହି ଦୁଇଟି ଅଂଚଳ ଜାଗିର ସ୍ୱରୁପ ଦେବା ବିଷୟକୁ ସ୍ଥଗିତ କରିଦେଇଥିଲେ ।

***(ତାରିଖେ ତିବ୍‌ରି ମୁତରଜିମ୍, ଖଣ୍ଡ-୩, ଭାଗ-୧, ପୃ-୧୯୬-୧୯୭..... କରାଚି ୨୦୦୩)***

ସିଜିସ୍ତାନ ବିଜୟ ମଧ୍ୟ ୨୩ ହିଜ୍‌ରୀରେ ହିଁ ହୋଇଥିଲା । ସିଜିସ୍ତାନ୍ ଖୁରାସାନ୍‌ଠାରୁ ଅପେକ୍ଷାକୃତ ବଡ଼ ଇଲାକା ଏବଂ ତାହାର ସୀମା ଦୂରଦୂରାନ୍ତ ଇଲାକା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏହି ଅଂଚଳଟି ସିନ୍ଧ ଓ ବଲଖ୍ ନଦୀର ମଧ୍ୟବର୍ତୀ ଅଂଚଳ । ତାହାର ସୀମା ଅତ୍ୟନ୍ତ ଦୁର୍ଗମ ପଥ ଥିଲା ଓ ଜନସଂଖ୍ୟା ବହୁଳ ଅଂଚଳ ଥିଲା । ସିଜିସ୍ତାନକୁ ଇରାନୀୟମାନେ ସିସ୍ତାନ୍ ମଧ୍ୟ କୁହନ୍ତି । ବିଖ୍ୟାତ ଇରାନୀୟ କୁସ୍ତି ବା ମଲ୍ଲ ରୁସ୍ତମ ଏହି ଅଂଚଳର ଅଧିବାସୀ ଥିଲା । ଏହା କିର୍ମାନର ଉତରରେ ଅବସ୍ଥିତ ଏହାର କେନ୍ଦ୍ରରେ ଜରଂଜ ନାମକ ଏକ ସ୍ଥାନ ଥିଲା ପ୍ରାଚୀନ କାଳରେ ଏକ ଅତ୍ୟନ୍ତ ବିଶାଳ ଭୁଖଣ୍ଡ ଥିଲା ଏବଂ ହଜ୍‌ରତ୍ ମୁଆଓ୍ୱିୟା ର:ଅଙ୍କ କାଳରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଚଳ ପାଲଟି ଥିଲା । ଏଠିକାର ଲୋକମାନେ କନ୍ଧାର, ତୁର୍କ ଓ ଅନ୍ୟ ଜାତି ସହିତ ଯୁଦ୍ଧରେ ଲିପ୍ତ ରହୁଥିଲେ । ଆସିମ୍ ବିନ୍ ଉମ୍‌ରୋ ସିଜିସ୍ତାନ ମୁହାଁଇଲେ ଏବଂ ଅବ୍‌ଦୁଲ୍ଲାଃ ବିନ୍ ନୁମୈର୍ ମଧ୍ୟ ସେନା ଧରି ତାଙ୍କ ସହିତ ସାମିଲ ହୋଇଯାଇଥିଲେ । ସିଜିସ୍ତାନ ବାସୀଙ୍କ ସହିତ ସେମାନଙ୍କ ନିକଟବର୍ତୀ ଅଂଚଳରେ ମୁକାବିଲା ହେଲା ଓ ମୁସଲମାନ ସେନା ସେମାନଙ୍କୁ ପରାସ୍ତ କରି ବିଜୟ ଲଭିଥିଲେ । ସୁତରାଂ ମୁସଲମାନମାନେ ସେମାନଙ୍କ ପିଛା କଲେ ଓ ଜରଂଜ ନାମକ ସ୍ଥାନରେ ସେମାନଙ୍କୁ ଘେରି ନେଲେ । ଅର୍ଥାତ ଯୁଦ୍ଧରେ ପରାଜୟ ବରଣ କରି ଯେଉଁ ସୈନ୍ୟମାନେ ପଳାୟନ କରୁଥିଲେ ସେମାନଙ୍କୁ ଘେରି ନେଲେ । ତତ୍‌ସହିତ ଯେଉଁଠି ଯେଉଁଠି ମୁସଲମାନମାନଙ୍କ ପକ୍ଷରେ ଜୟ କରିବା ସମ୍ଭବପର ଥିଲା ସେଠାରେ ମୁସଲମାନମାନେ ବିଭିନ୍ନ ଅଂଚଳକୁ ଯାଇ ସେହି ଅଂଚଳଗୁଡ଼ିକୁ ଜୟ କରିନେଇଥିଲେ । ପରିଶେଷରେ ସିଜିସ୍ତାନ ବାସୀ ଜରଂଜ ଓ ଅନ୍ୟ ବିଜିତ ଅଂଚଳ ସମ୍ପର୍କରେ ସନ୍ଧି ସ୍ଥାପନ ହୋଇଥିଲା । ନିୟମିତ ରୂପେ ମୁସଲମାନମାନଙ୍କ ସହିତ ଚୁକ୍ତି ସ୍ୱାକ୍ଷର ହୋଇଥିଲା ନିଜର ସନ୍ଧି ପତ୍ରରେ ଏହି ସର୍ତ ସ୍ୱୀକାର କରିନେଇଥିଲେ ଯେ ସେମାନଙ୍କ ବଣଜଙ୍ଗଲରୁ ଚାରଣ ଭୂମି ପରି ମନେ କରାଯିବ ଅତଏବ ମୁସଲମାନମାନେ ଯେତେବେଳେ ସେହି ପଥ ଦେଇ ଅତିକ୍ରମ କଲେ ସେତେବେଳେ ସେମାନେ ସେଠାରୁ ସୁରକ୍ଷିତ ଭାବରେ ବର୍ତି ବାହାରୁଥିଲେ ଯେ କାଳେ ଜଙ୍ଗଲର କୌଣସି କ୍ଷତି ଘଟିବ କି ଏବଂ କ୍ଷତି ଘଟିବା ଫଳରେ ଚୁକ୍ତି ଭଙ୍ଗକାରୀ ରୂପେ ସେମାନେ ଯେପରି ବିବେଚିତ ନ ହୁଅନ୍ତୁ । ମୁସଲମାନମାନେ ଏତେମାତ୍ରାରେ ସତର୍କତା ଅବଲମ୍ବନ କରୁଥିଲେ । ସେ ଯାହା ହେଉ ନା କାହିଁକି ସିଜିସ୍ତାନ ବାସୀ ଟିକସ ଦେବାପାଇଁ ପ୍ରସ୍ତୁତ ହୋଇଗଲେ ଏବଂ ମୁସଲମାନମାନେ ସେମାନଙ୍କର ସୁରକ୍ଷା ଦାୟିତ୍ୱ ସ୍ୱୀକାର କରିନେଲେ । ***(ତାରିଖେ ତିବ୍‌ରି ମୁତରଜିମ୍, ଖଣ୍ଡ-୩, ଭାଗ-୧, ପୃ-୧୯୭..... କରାଚି ୨୦୦୩)***

ମୁକ୍‌ରାନ୍ ବିଜୟ ମଧ୍ୟ ୨୩ ହିଜ୍‌ରୀରେ ହୋଇଥିଲା ହକମ୍ ବିନ୍ ଉମ୍‌ରୋଙ୍କ ହସ୍ତରେ ମୁକ୍‌ରାନ୍ ବିଜିତ ହୋଇଥିଲା (ଆଜି କାଲି ତାକୁ ମକ୍‌ରାନ୍ କୁହାଯାଉଛି କିନ୍ତୁ ତାହାକୁ ପୂର୍ବେ ମୁକ୍‌ରାନ୍ ବୋଲି କୁହାଯାଉଥିଲା) ଉକ୍ତ ବିଜୟରେ ହକମ୍ ବିନ୍ ଅମ୍‌ରୋଙ୍କ ସହିତ ଶିହାବ୍ ବିନ୍ ମୁଖାରିକ୍, ସ୍ୱହେଲ୍ ବିନ୍ ଅଦି ଓ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲାଃ ନିଜ ସୈନ୍ୟଦଳ ସମେତ ମିଶି ଆଗକୁ ବଢ଼ିଥିଲେ । ହକମ୍ ର:ଅଙ୍କ ସହିତ ଶିହାବ୍ ବିନ୍ ମୁଖାରିକ୍, ସ୍ୱହେଲ୍ ବିନ୍ ଅଦି ଓ ଅବ୍‌ଦୁଲ୍ଲାଃ ବିନ୍ ଅବଦୁଲ୍ଲା ମଧ୍ୟ ସେମାନଙ୍କ ସୈନ୍ୟ ସହିତ ସାମିଲ ହୋଇଯାଇଥିଲେ । ମୁସଲମାନମାନେ ସିନ୍ଧର ମହାରାଜା ବିରୁଦ୍ଧରେ ଏକତ୍ରିତ ହୋଇ ଯୁଦ୍ଧ କଲେ ଓ ତାଙ୍କୁ ପରାସ୍ତ କଲେ । ହକମ୍ ବିନ୍ ଉମ୍‌ରୋ ସୁହାର୍ ଅବ୍‌ଦିଙ୍କ ହସ୍ତରେ ବିଜୟ ବାର୍ତା ଏବଂ ମାଲେ ଗନିମତ ଦେଇ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପ୍ରେରଣ କରିଥିଲେ ଏବଂ ମାଲେ ଗନିମତ୍‌ର ପ୍ରାପ୍ତ ହୋଇଥିବା ହାତୀମାନଙ୍କ ସମ୍ପର୍କରେ ମାର୍ଗଦର୍ଶନ ଲୋଡ଼ିଥିଲେ । ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କୁ ବିଜୟର ଶୁଭ ସମାଚାର ପ୍ରାପ୍ତ

ହେଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ମକ୍‌ରାନ୍‌ର ଭୂମି ସମ୍ପର୍କରେ ପ୍ରଶ୍ନ କଲେ କି ତାହା କିପରି ସେ ଉତର ଦେଲେ ହେ ଅମୀରୁଲ୍ ମୁମିନିନ୍ ! ତାହାର ନରମ ଭୂଖଣ୍ଡ ମାଟି ମଧ୍ୟ ପର୍ବତ ପରି ଶକ୍ତ ଏବଂ ସେଠାରେ ଜଳର ବହୁତ ଅଭାବ ରହିଛି, ସମସ୍ୟା ରହିଛି ଓ ସେହି ଭୂମିରେ କୌଣସି ପ୍ରକାର ଫଳମୂଳ ଫଳେ ନାହିଁ ଏବଂ ସେଠାକାର ଶତ୍ରୁମାନେ ଅତ୍ୟନ୍ତ ସାହାସି ଓ ବୀର ଏବଂ ସେମାନଙ୍କ ବିପୁଳ ସଂଖ୍ୟା ସ୍ୱଳ୍ପ ବୋଲି ଜଣାପଡୁଥିଲା ଓ ସ୍ୱଳ୍ପ ସଂଖ୍ୟା ବି ନଷ୍ଟ ହୋଇଯାଇଥାଏ ଏବଂ ତାହାର ପଛପାର୍ଶ୍ୱ ବହୁତ ଖରାପ । ସେଠାରେ ଭଲ ଅପେକ୍ଷା ଖରାପ ଅଧିକ । ହଜ୍‌ରତ୍ ଉମର୍ ର:ଅ ତାହାର ଏହି କଥନଶୈଳୀକୁ ଦେଖି କହିଲେ କଣ ତୁମେ କବିତା ପାଠ କରୁଛ ନା ପ୍ରକୃତ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରୁଛ ? ପ୍ରତ୍ୟୁତରରେ ସେ କହିଲେ ମୁଁ ସଠିକ୍ ଖବର ଆପଣଙ୍କ ପାଖରେ ପଂହଚାଉଛି । ହଜ୍‌ରତ୍ ଉମର୍ ର:ଅ କହିଲେ ଯଦି ତୁମେ ଠିକ୍ କହୁଛ ତେବେ ଅଲ୍ଲାଃଙ୍କ ରାଣ ମୋର ସୈନ୍ୟଦଳ ସେଠାରେ ଆକ୍ରମଣ କରିବ ନାହିଁ । ସୁତରାଂ ଆପଣ ର:ଅ ହକମ୍ ବିନ୍ ଉମ୍‌ରୋ ଓ ସ୍ୱହେଲ୍‌ଙ୍କୁ ତୁନି ହୋଇ ରହିବା ନିମନ୍ତେ ଆଦେଶ ଦେଇଥିଲେ । ତତ୍‌ସହିତ କହିଲେ, କେହି ବି ମକ୍‌ରାନ୍‌ରୁ ଆଗକୁ ପାଦେ ବଢ଼ିବେ ନାହିଁ ଏବଂ ନଦୀ ପାରି ହେବେନାହିଁ । ସେହିପରି ଆପଣ ର:ଅ ଏହା ମଧ୍ୟ ଆଦେଶ ଦେଇଥିଲେ ଯେ, ହାତୀମାନଙ୍କୁ ଇସ୍‌ଲାମୀୟ ଭୂମିରେ ହିଁ ବିକ୍ରୀ କରିଦିଆଯାଉ ଏବଂ ସେଥିରୁ ପ୍ରାପ୍ତ ଧନ ମୁସଲମାନ ସୈନ୍ୟଦଳ ମଧ୍ୟରେ ବାଂଟି ଦିଆଯାଉ । ***(ତାରିଖେ ତିବ୍‌ରି ମୁତର୍‌ଜିମ୍, ଖଣ୍ଡ-୩, ଭାଗ-୧, ପୃ- ୧୯୮-୧୯୯..... କରାଚି ୨୦୦୩) (ତାରିଖେ ତିବ୍‌ରି, ଖଣ୍ଡ-୨, ପୃ- ୫୫୫..... ବେରୁତ ୨୦୧୨)***

ଉକ୍ତ ଯୁଦ୍ଧ ସମ୍ବନ୍ଧରେ ଯେଉଁ ବିସ୍ତୃତ ବିବରଣୀ ବର୍ଣ୍ଣନା କରାଯାଇଛି ତାହା ତିବ୍‌ରୀରୁ ଉଦ୍ଧୃତ ଅଟେ । ଉକ୍ତ ଯୁଦ୍ଧ ସମ୍ପର୍କରେ ଅଲାମା ସିବ୍‌ଲି ଏକ ବିଶିଷ୍ଟ ଟିପ୍ପଣୀ ପ୍ରଦାନ କରିଛନ୍ତି ତାହା ନିମ୍ନରେ ବର୍ଣ୍ଣନା କରୁଛି ।

ଫୁତୁହାତେ ଫାରୁକିର ଶେଷ ସୀମା ଏହି ମକ୍‌ରାନ୍ ଥିଲା କିନ୍ତୁ ଏହା ତିବ୍‌ରୀର ବର୍ଣ୍ଣନା ଅଟେ । ଐତିହାସିକ ବିଲାଜରିର ଏକ ବର୍ଣ୍ଣନା ଏପରି ରହିଛି ଯେ, ଦିବୈଲ୍‌ର ଢ଼ାଲୁ ଅଂଚଳ ଏବଂ ଥାନା ପର୍ଯ୍ୟନ୍ତ ସୈନ୍ୟମାନେ ପହଂଚି ଯାଇଥିଲେ । ଯଦି ଏହା ଠିକ୍ ତେବେ ହଜ୍‌ରତ୍ ଉମର୍ ର:ଅଙ୍କ ଶାସନ କାଳରେ ଇସ୍‌ଲାମୀୟ ସେନାର ପାଦ ସିନ୍ଧ ଓ ହିନ୍ଦ୍‌ରେ ମଧ୍ୟ ପହଂଚି ଯାଇଥିଲା । ସେହିପରି ସେ ହାଶିୟା ଅର୍ଥାତ ପାଦଟିକାରେ ଉଲ୍ଲେଖ କରନ୍ତି ଆଜିକାଲି ମକ୍‌ରାନ୍‌ର ଅର୍ଦ୍ଧଭାଗ ବେଲୁଚିସ୍ତାନ ବୋଲାଇଥାଏ । ଯଦିଓ ବଲାଜ୍‌ରି ଫୁତୁହାତେ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.6 Thursday 14 Oct 2021 Issue No. 41**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ଫାରୁକିର ସୀମା ସିନ୍ଧର ସହର ଦିବଲ୍ ପର୍ଯ୍ୟନ୍ତ ଉଲ୍ଲେଖ କରନ୍ତି କିନ୍ତୁ ତିବ୍‌ରୀ ମକ୍‌ରାନ୍‌କୁ ହିଁ ଶେଷ ସୀମା ଭାବରେ ବିବେଚିତ କରିଛି । ***(ଉଦ୍ଧୃତ ଅଲ୍‌ଫାରୁକ୍ ଅଜ୍ ଶିବ୍ଲି, ପୃ-୧୫୭,...... କରାଚି ୨୦୦୪)*** ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅଙ୍କ ଆଲୋଚ୍ୟ ଜିବନୀ ଚର୍ଚ୍ଚା ବର୍ତମାନ ଅଭ୍ୟାହତ ରହିଛି ଇନ୍‌ଶାଅଲ୍ଲାଃ ତାଲା ଏହାର ଅବଶିଷ୍ଟାଂଶ ଆଗାମି ଖୁତ୍‌ବାରେ ଆଲୋଚନା କରିବି ।

ଜୁମ୍ମା ପରେ ମୁଁ ଏକ ତୁର୍କୀୟ ରେଡ଼ିଓ ଚ୍ୟାନେଲ୍‌ର ଉଦ୍‌ଘାଟନ କରିବି । ଉକ୍ତ ରେଡ଼ିଓ ଚ୍ୟାନେଲ୍‌ର ନାମ ଇସ୍‌ଲାମୀୟ ଅହେମଦିୟ ତିନ୍ (Islam Ahmediytin Sesi) ସିସି ଅଟେ । ଅର୍ଥାତ ଇସ୍‌ଲାମ୍ ଓ ଅହେମଦୀୟତ୍‌ର ସ୍ୱର । ଏହାର ପ୍ରସାରଣ ଅଲ୍‌ହମ୍‌ଦୁଲିଲ୍ଲାଃ ୨୪ ଘଂଟା ପ୍ରସାରଣ ହେବ । ଏହି ରେଡ଼ିଓ ଚ୍ୟାନେଲ୍‌କୁ ପୃଥିବୀରେ ବସବାସ କରୁଥିବା ସମସ୍ତ ଅହେମଦୀ ଓ ଅଣଅହେମଦୀମାନେ ନିଜ ସ୍ମାର୍ଟଫୋନ୍, ଟାବ୍‌ଲେଟ୍ ଓ ଲ୍ୟାପଟପ୍ ଆଦି ମାଧ୍ୟମରେ ଏକ ଲିଙ୍କ ଯୋଗେ ଶୁଣିପାରିବେ । ୪ଘଂଟା ଉପରେ ପର୍ଯ୍ୟବେଶିତ ଏକ ପ୍ୟାକେଜ୍‌କୁ ଦିନରେ ୬ ଥର ପ୍ରସାରଣ କରାଯିବ । ଉକ୍ତ ପ୍ୟାକେଜ୍‌ରେ ଏକ ଘଂଟାର ତିଲାଓ୍ୱତ୍‌ର ଅନୁବାଦ ସହିତ ହଦିସ୍ ନବୀ ସ:ଆ:ସ, କଲାମୁଲ୍ ଇମାମ୍ ହଜ୍‌ରତ୍ ମସିହ ମଉଦ୍ ଆ:ସ ତୁର୍କୀ ଭାଷାରେ ମୋର ଖୁତ୍‌ବା ଗୁଡ଼ିକର ଅନୁବାଦ ଏବଂ ମଜ୍‌ଲିସେ ସଓ୍ୱାଲ୍ ଓ ଜବାବ୍ ଅର୍ଥାତ ପ୍ରଶ୍ନୋତରର କାର୍ଯ୍ୟକ୍ରମ ପ୍ରସାରଣ ହେବ । ପୃଥିବୀର ୨୦ରୁ ଉର୍ଦ୍ଧ୍ୱ ଦେଶରେ ସଂସ୍କାର ମୂଳକ ଉଦ୍ଦେଶ୍ୟରେ ଏହି ରେଡ଼ିଓର ପ୍ରସାରଣ ଉପଲବ୍ଧ ହେବ ଇନ୍‌ଶାଅଲ୍ଲାଃ ତାଲା । ତବ୍‌ଲିଗ୍ ଅର୍ଥାତ ପ୍ରଚାର ପ୍ରସାର କାର୍ଯ୍ୟ ଏବଂ ପ୍ରଶିକ୍ଷଣ କାର୍ଯ୍ୟ ମଧ୍ୟ ହେବ । ଉଦାହରଣ ସ୍ୱରୁପ ଅଜର୍‌ବାଇଜାନ୍ ଓ ଜର୍ଜିୟା ଏମାନେ ତୁର୍କୀ ଭାଷା କହୁଥିବା ଦେଶ ଅଟନ୍ତି । ସେହିପରି ଅନେକ ରାଷ୍ଟ୍ର ଅଛନ୍ତି ଯେଉଁମାନେ ପୂର୍ବେ ରଷିୟା ସହିତ ମିଶିକି ଥିଲେ ଓ ସେଠାରେ ସେମାନେ ମଧ୍ୟ ଏହି ଚ୍ୟାନେଲ୍‌ରୁ ଲାଭବାନ ହୋଇପାରିବେ । ସେହିପରି ତୁର୍କୀ ଦେଶ ଓ ଅନ୍ୟ ୟୁରୋପୀୟ ଦେଶମାନଙ୍କରେ ମଧ୍ୟ ଯେଉଁଠି ତୁର୍କୀ ଭାଷା ବୋଲାଯାଉଛି ଅର୍ଥାତ ତୁର୍କମାନେ ଯେଉଁ ଦେଶମାନଙ୍କରେ ବସବାସ କରନ୍ତି, ସେମାନେ ମଧ୍ୟ ଏହି ପ୍ରସାରଣରୁ ଉପକୃତ ହୋଇପାରିବେ । ଉକ୍ତ ରେଡ଼ିଓର ପ୍ରସ୍ତୁତି କରିବାର ସୌଭାଗ୍ୟ ଜର୍ମାନୀର ତବ୍‌ଲିଗ୍ ବିଭାଗକୁ ପ୍ରାପ୍ତ ହୋଇଛି । ଅଲ୍ଲାଃ ତାଲା ସେମାନଙ୍କୁ ଏହାର ଉତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ଦୃଷ୍ଟିକୋଣରୁ ଅଲ୍ଲାଃ ତାଲା ଏହି ଚ୍ୟାନେଲ୍‌କୁ ସଫଳ କରନ୍ତୁ । ଜୁମ୍ମା ନମାଜ ପରେ ମୁଁ ଏହି ଚ୍ୟାନେଲ୍‌ର ଶୁଭ ଉଦ୍‌ଘାଟନ ଅର୍ଥାତ ଲଂଚ କରିବି ।

ଜୁମ୍ମା ନମାଜ ପରେ ମୁଁ କେତେକ ମୃତକମାନଙ୍କର ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି । ଏକଥା ମଧ୍ୟ ମୁଁ ଏଠାରେ ବତାଇ ଦେବାକୁ ଚାହେଁ ଯେ ଆମ ପ୍ରୀୟ ତାଲେ ଅହେମଦଙ୍କ ଲାଶ୍ ଅର୍ଥାତ ଯନାଜାଃ ଏଠାରେ ପହଂଚିନାହିଁ । ସମ୍ଭବତଃ ଯନାଜାଃ ପହଂଚିବାକୁ ଆଉ କିଛି ବିଳମ୍ବ ହୋଇପାରେ ତେଣୁ ଯେତେବେଳେ ତାଙ୍କର ଯନାଜାଃ ଆସିବ ସେତେବେଳେ ତାଙ୍କର ଉତମ ଗୁଣ ଓ ଚରିତ୍ର ଚର୍ଚ୍ଚା ମଧ୍ୟ ହୋଇଯିବ ।

ଆଜି ଯେଉଁ ଯନାଜାଃ ଗୁଡ଼ିକ ମୁଁ ପଢ଼ାଇବି, ସେମାନଙ୍କ ମଧ୍ୟରୁ ପ୍ରଥମ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ଅଲ୍‌ମୁଖ୍‌ତାର କିବ୍‌ତା ସାହେବଙ୍କର । ସେ ମରାକସ୍‌ର ଅଧିବାସୀ ଥିଲେ । ୭୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତ ମୁଖ୍‌ତାର୍ ସାହେବ ୨୦୦୯ ମସିହାରେ ବୟତ କରିଥିଲେ । ଅତ୍ୟନ୍ତ ନୈଷ୍ଠିକ ଅହେମଦୀ ବ୍ୟକ୍ତି ଥିଲେ । ବୟତ ପରେ ଯମାତ୍‌ର ସେବା ଓ ଅହେମଦିୟତ୍‌ର ତବ୍‌ଲିଗ୍ କରିବାରେ ସର୍ବଦା ବ୍ୟସ୍ତ ରହୁଥିଲେ । ସମାଜରେ ଯେଉଁ ଭୂଲ୍ ପ୍ରଥାଗୁଡ଼ିକ ଥିଲା, ତାହାର ସଂଶୋଧନ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ।

ମରାକସ୍‌ର ପଶ୍ଚିମ ଅଂଚଳର ସେ ଅଧିବାସୀ ଥିଲେ । ସେଠିକାର ସଦର୍ ଯମାତ୍ ଉଲ୍ଲେଖ କରନ୍ତି ସ୍ୱର୍ଗତ ଜଣେ ଅବସରପ୍ରାପ୍ତ ସୈନିକ ଓ ଶିକ୍ଷିତ ବ୍ୟକ୍ତି ଥିଲେ । ଆରବୀ ଭାଷା ବ୍ୟତିତ ଫ୍ରାନ୍ସିସ୍ ଓ ସ୍ପାନିଶ୍ ଭାଷା ମଧ୍ୟ ଜାଣିଥିଲେ । ସେଥିରେ ତାଙ୍କର ଅଭିଜ୍ଞତା ବେଶ୍ ଅଧିକ ରହିଥିଲା । ହମାମତୁଲ୍ ବୁଶ୍‌ରା ପ୍ରତ୍ରିକା ପଢ଼ି ସେ ବୟତ କରିଥିଲେ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପୁସ୍ତକ ପ୍ରତି ତାଙ୍କର ଆଗ୍ରହ ଓ ଅଭିରୁଚି ଅନ୍ୟୁନ୍ୟ ଥିଲା । ବେଶ୍ ଆଗ୍ରହ ଓ ପ୍ରେମର ସହିତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକଗୁଡ଼ିକର ଅଧ୍ୟୟନ ଦୁଇଥର କରିଛନ୍ତି । ସେହିପରି ତଫ୍‌ସିର୍ କବୀର ମଧ୍ୟ ଅଧ୍ୟୟନ କରିଥିଲେ ଏବଂ ତାହାର ନକଲ କପି ତିଆରି କରି ଏବଂ ବନ୍ଧେଇ କରି ଅହେମଦୀମାନଙ୍କ ମଧ୍ୟରେ ବାଂଟୁଥିଲେ । ଯେତେବେଳେ ଆମ ଅଂଚଳରେ ଯମାତ୍ ସ୍ଥାପନ ହେଲା ସେତେବେଳେ ସେ ଯମାତ୍‌ରେ ସେବା ପାଇଁ ନିଜ ଜୀବନ ଉତ୍ସର୍ଗ କରିଦେଇଥିଲେ ଏବଂ ବିଭିନ୍ନ ଯମାତ୍ ଗସ୍ତ କରିଛନ୍ତି । ସେହିପରି ଆର୍ଥିକ ବଳିଦାନ ମଧ୍ୟ କରୁଥିଲେ । ତାଙ୍କୁ କେବେ ବି ଏକଥା ସେ କହିନାହାନ୍ତି ଯେ, ଆଜି ମୁଁ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଅଛି କିମ୍ବା ମୋ ପାଖରେ ସମୟ ନାହିଁ ତେଣୁ ସେବା କାର୍ଯ୍ୟ କରିପାରିବି ନାହିଁ ବୋଲି । ଦୃଢ଼ ସଂକଳ୍ପ ବ୍ୟକ୍ତିସମ୍ପନ୍ନ ଥିଲେ, ଏହି ଭଳି ସୁଗୁଣାବଳୀ ଏବେ ଯୁବପୀଢ଼ୀଙ୍କ ମଧ୍ୟରେ ଦେଖିବା ଦୁର୍ଲଭ । ପୁନଶ୍ଚ ସେ ଉଲ୍ଲେଖ କରନ୍ତି ସ୍ୱର୍ଗତ ମୁଖ୍‌ତାର୍ ସାହେବ୍ ଖିଲାଫତ୍‌ଙ୍କର ପୂର୍ଣ୍ଣ ଆଜ୍ଞାପାଳନକାରୀ ବ୍ୟକ୍ତି ଥିଲେ । ତବ୍‌ଲିଗ୍ କରିବାକୁ ତାଙ୍କର ପ୍ରବଳ ଉତ୍ସାହ ଓ ଆଗ୍ରହ ରହିଥିଲା । ରେଳ, ବସ୍, ଦୋକାନ ବଜାର ପ୍ରତ୍ୟେକ ସ୍ଥାନରେ ସେ ତବ୍‌ଲିଗ୍ କରୁଥିଲେ, ପ୍ରଚାର କାର୍ଯ୍ୟରେ ମାତି ରହୁଥିଲେ । ନିଜ ବଂଶରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ଅମେହଦିୟତର ସନ୍ଦେଶ ପହଂଚାଇଥିଲେ । ସ୍ୱର୍ଗତ ନିୟମିତ ରୂପେ ନମାଜ ତହ୍‌ଜୁଦ୍ ପାଠ କରୁଥିଲେ । ପ୍ରତ୍ୟେକ ସୋମବାର ଓ ଗୁରୁବାର ଦିନ ରୋଜା ରଖୁଥିଲେ, ମୋ ତରଫରୁ ଘୋଷଣା କରାଯାଇଥିବା ଦୁଆ ସେ ନିୟମିତ ପାଠ କରୁଥିଲେ । ଜୁବୁଲି ସମୟର ଦୁଆ ସର୍ବଦା ପାଠ କରୁଥିଲେ । ଦୈନିକ ପାଂଚ ଦଶ ଥର ସୁରାଃ ଅହ୍‌ଜାବ୍ ତିଲାଓ୍ୱତ୍ କରୁଥିଲେ ଓ ଚଳପ୍ରଚଳ ସମୟରେ ପବିତ୍ର କୁର୍‌ଆନ୍ ପାଠ କରିବା ଓ ପୂନରାବୃତି କରିବା ତାଙ୍କର ଅଭ୍ୟାସ ରହିଥିଲା । କେବଳ ପବିତ୍ର କୁରଆନ୍ କରିମ୍ ବହୁଳ ଭାବରେ ପାଠ କରୁନଥିଲେ ବରଂ ଲୋକମାନଙ୍କୁ ମଧ୍ୟ କହୁଥିଲେ, ଉତ୍ସାହିତ କରୁଥିଲେ ଓ ଅନୁପ୍ରାଣିତ କରୁଥିଲେ । ରାତ୍ରରେ ଶୋଇବା ସମୟରେ ତାଙ୍କ ମୁହଁରୁ ପବିତ୍ର କୁର୍‌ଆନ୍ କରୀମ୍‌ର ଆୟତ ମଧ୍ୟ ଶୁଣା ଯାଉଥିଲା । ସ୍ୱର୍ଗତ ୯ (ନଅ) ବର୍ଷ ପର୍ଯ୍ୟନ୍ତ ପଶ୍ଚିମ ମରାକସ୍‌ରେ ନାଏବ୍ ସଦର ଯମାତ୍ ଭାବରେ ଓ ସଦର ଅନ୍‌ସାରୁଲ୍ଲାଃ ସେକ୍ରେଟାରୀ ମାଲ୍ ଭାବରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେ ଜଣେ ଓ୍ୱସିୟତ୍ କାରୀ ବ୍ୟକ୍ତି ଥିଲେ, ସ୍ୱର୍ଗତଙ୍କ ପତ୍ନୀ ମଧ୍ୟ ଅତି ନୈଷ୍ଠିକ ଅହେମଦୀ ଓ ଓ୍ୱସିୟତ୍ କାରୀ ମହିଳା ଅଟନ୍ତି ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମେହମୁଦ୍ ଅହେମଦ୍ ସାହେବଙ୍କର । ସେ ମସ୍‌ଜିଦ୍ ମୁବାରକ୍ ଓ ମସ୍‌ଜିଦ୍ ଅକ୍‌ସା କାଦିୟାନ୍‌ର ପୂର୍ବତନ ସେବକ ଥିଲେ । ବିଗତ ଦିନ ୭୪ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତ ମଖ୍‌ଦୁମ୍ ହୁସୈନ୍ ସାହେବ ଆଫ୍ ବେଲ୍‌ଗାମ୍‌ଙ୍କର ସୁପୁତ୍ର ଥିଲେ ଯିଏ ସୁଦୂର କର୍ଣ୍ଣାଟକ ରାଜ୍ୟରୁ ହିଜ୍‌ରତ୍ କରି କାଦିୟାନ୍ ଆସିଯାଇଥିଲେ । ଦୀର୍ଘ ୨୮ ବର୍ଷ ପର୍ଯ୍ୟନ୍ତ ମସ୍‌ଜିଦ୍ ଅକ୍‌ସା ଓ ମସ୍‌ଜିଦ୍ ମୁବାରକ୍‌ରେ ସେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସ୍ୱର୍ଗତ ମେହମୁଦ ସାହେବ ଓ୍ୱସିୟତ୍ କରିଥିଲେ ନିୟମିତ ନମାଜ ଓ ରୋଜା ରଖୁ ଥିଲେ । ସେହିପରି ସେ ନମାଜ ତହ୍‌ଜୁଦ୍ ମଧ୍ୟ ପାଠ କରୁଥିଲେ । ମସ୍‌ଜିଦ୍ ସହିତ ତାଙ୍କର ଘନିଷ୍ଟତା ବେଶ୍ ଅଧିକ ରହିଥିଲା । ମୃତକଙ୍କ ପରିଜନ ମଧ୍ୟରେ ତାଙ୍କର ବିଧବା ପତ୍ନୀଙ୍କ ବ୍ୟତିତ ଦୁଇଜଣ ପୁତ୍ର ସନ୍ତାନ ଓ ଜଣେ କନ୍ୟା ସନ୍ତାନ ଅଛନ୍ତି ।

ପରବର୍ତୀ ଯନାଜାଃ ସୌଦା ସାହିବା ପତ୍ନୀ ଶ୍ରୀମାନ୍ ଅବ୍‌ଦୁର୍ ରହ୍‌ମାନ୍ ସାହେବ କେରଳ ନିବାସୀଙ୍କର ଅଟେ । ଯିଏ ଗତ ମାସ ଅର୍ଥାତ ଜୁଲାଇ ୨୨ ତାରିଖ ଦିନ ୭୬ ବର୍ଷ ବୟସରେ ଇହ ଧାମ ତ୍ୟାଗ କରିଥିଲେ । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସେ ଶ୍ରୀମାନ୍ ସମ୍‌ସୁଦ୍ଦୀନ୍ ସାହେବ ମାଲାଓ୍ୱାରୀ ମୁବ୍‌ଲିଗ୍ ସିଲ୍‌ସିଲା କବାବିର୍‌ଙ୍କର ମାତା ଥିଲେ । ଶମ୍‌ସୁଦ୍ଦୀନ୍ ସାହେବ ଉଲ୍ଲେଖ କରିଛନ୍ତି ମୋ ମାତା ଶ୍ରୀମାନ୍ ଭି.ଟି ମୁହମ୍ମଦ ସାହେବଙ୍କ ସୁପୁତ୍ରୀ ଥିଲେ ଯିଏ ଜିଲ୍ଲା ପାଲ୍‌ଘାଟ୍ ଓ ଆଖପାଖ ଅଂଚଳରେ ସର୍ବପ୍ରଥମ ଅହେମଦୀ ଥିଲେ । ସେ ୧୯୩୭ ମସିହାରେ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଶତ୍ରୁମାନଙ୍କର ଭୀଷଣ ଅତ୍ୟାଚାର ଓ ନିର୍ଯ୍ୟାତନା ସହ୍ୟ କରିଥିଲେ ଏହି ବାଛନ୍ଦ ଓ ବାଇକାଟ ସମୟରେ ହିଁ ମୋ ନାନୀ ଅର୍ଥାତ ଆଇ ମା ଓ ଜୈଷ୍ଠ ଖାଲା ଅର୍ଥାତ ବଡ଼ ମାଉସୀଙ୍କ ଦେହାନ୍ତ ଘଟିଥିଲା । ସେତେବେଳେ ମୋ ମାତାଙ୍କର ବୟସ ମାତ୍ର ଦେଢ଼ବର୍ଷ ଥିଲା । ଶତ୍ରୁମାନେ ମୋ ନାନୀଙ୍କର ଅନ୍ତ୍ୟେଷ୍ଟି କ୍ରୀୟା ତାଙ୍କ ଭିଟାମାଟିରେ କରିବାକୁ ଦେଇନଥିଲେ ଯଦ୍ୱାରା ତାଙ୍କୁ ୪୦ କିମି ଦୁରକୁ ନେଇ ଏକ ସହରର ସାଧାରଣ କବର୍‌ସ୍ତାନରେ ସମାଧି ଦିଆଯାଇଥିଲା । ସେଥିଅନ୍ତେ ମୋ ନନା (ଅଜା) ନିଜ କୁନୀ ଝିଅକୁ ସାଥିରେ ଧରି ସେହି ଅଂଚଳରୁ ପ୍ରବାସ କରିଯାଇଥିଲେ । ଏପରି ମୋ ମାତା ବାଲ୍ୟକାଳରୁ ହିଁ ବିଭିନ୍ନ ପରୀକ୍ଷା ଦେଇ ଗତି କରିଥିଲେ । ମୋ ମାତ ନିୟମିତ ଭାବରେ ନମାଜ ଓ ରୋଜା ପାଠ କାରୀ ତଥା ମୁସୀ ମହିଳା ଥିଲେ । ମାନବ ସେବା ଓ ସେମାନଙ୍କ ପ୍ରତି ସହାନୂଭୂତି ପ୍ରଦର୍ଶନ କରିବା ତାଙ୍କ ଅନ୍ତରରେ ଭରି ରହିଥିଲା । ସମସ୍ତ ବିପତିଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଦୁଆ କରିବା ଏବଂ ଯଦି ସେମାନଙ୍କ ମଧ୍ୟରୁ କିଏ ନିକଟରେ ଉପସ୍ଥିତ ଥାଆନ୍ତି ତେବେ ତାଙ୍କର ସାହାଯ୍ୟ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**